



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-151 ◆THURSDAY ◆27 NOVEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୫୧ ◆ଗୁରୁବାର ◆୨୭ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଭାରତ ଆୟୋଜନ କରିବ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

■ ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଭାରତୀୟ କ୍ରୀଡ଼ାବିତ ଓ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖୁସି ଖବର। ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିଛି। ବୁଧବାର ସ୍କଟଲାଣ୍ଡର ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟକାରୀ ବୋର୍ଡ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଅହମଦାବାଦକୁ ହୋଷ୍ଟ ସିଟି ଅର୍ଥାତ ଆୟୋଜକ ସହର ଭାବେ ଘୋଷିତ କରାଯାଇଛି। ଦୀର୍ଘ ୨୦ ବର୍ଷ ପରେ ଭାରତ ଏହି ମେଗା ଇଭେଣ୍ଟର ୨୪ତମ ସଂସ୍କରଣ ଆୟୋଜନ




କରିବାକୁ ଯାଉଛି। ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନର ୧୦୦ ବର୍ଷ ପୂରଣ ହେବ। ତେଣୁ ଭାରତକୁ ଆୟୋଜନ ଅଧିକାର ମିଳିବାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୩୦ରେ କାନାଡ଼ାର ହାମିଲଟନ ସହରରେ ପ୍ରଥମଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହୋଇଥିଲା। ଗ୍ଲାସଗୋରେ ଭାରତୀୟ ପ୍ରତିନିଧି ମଣ୍ଡଳୀ ତରଫରୁ ଯୁଗ୍ମ କ୍ରୀଡ଼ା ସଚିମ କୁନାଲ କେ, ଆଇଓଏ ଅଧ୍ୟକ୍ଷା ପିଟି ଉଷା, ଆଇଓଏ ▶ପୃଷ୍ଠା-୭

## ଓଡ଼ିଆ ସମେତ ୯ଟି ଭାଷାରେ ସମ୍ବିଧାନ ଜାରି କଲେ ରାଷ୍ଟ୍ରପତି

■ ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ସଂସଦର ସେଣ୍ଟ୍ରାଲ ହଲ୍‌ରେ ବୁଧବାର ୧୫୦ତମ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନକୁ ଓଡ଼ିଆ ସମେତ ୯ଟି ଭାଷାରେ ଜାରି କରିଥିଲେ। ସମ୍ବିଧାନ ଓଡ଼ିଆ, ମାଲାୟଲମ, ମରାଠୀ, ନେପାଳୀ, ପଞ୍ଜାବୀ, ବୋଡୋ, କଶ୍ମୀରୀ, ତେଲୁଗୁ ଓ ଆସାମ ଭାଷାରେ ଜାରି କରାଯାଇଛି। ତିନ ତଲାକ ଭଳି ସାମାଜିକ କୁରୀତିକୁ ସଂସଦ ହଟାଇବା ସହ ଐତିହାସିକ ପଦକ୍ଷେପ ନେଇଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି।




ସେହିପରି ସ୍ୱାଧୀନତା ପରେ ଜିଏସ୍‌ଟି ସର୍ବବୃହତ କର ସୁଧାର ଓ ଏହା ଦେଶକୁ ଆର୍ଥିକ ଭାବେ ଏକାଠି କରିବା ସହ ମଜଭୂତ କରିଛି। ସମ୍ବିଧାନର ଧାରା ୩୭୦ ହଟାଇବା ପରେ ଦେଶର ରାଜନୈତିକ ଏକତାରେ ଅସୁଥିବା ବାଧା ଦୂର ହୋଇଛି। ସେହିପରି ନାରୀ ଶକ୍ତି ବନ୍ଦନ ଆଇନ୍ ମହିଳାଙ୍କ ନେତୃତ୍ୱର ବିକାଶରେ ନୂଆ ପ୍ରାରମ୍ଭ ପ୍ରଦାନ କରିଛି ବୋଲି ସେ କହିଥିଲେ। ଏହି ଅବସରରେ ସେ ସମ୍ବିଧାନର ପ୍ରସ୍ତାବନା ମଧ୍ୟ ପାଠ କରିଥିଲେ। ଉଲ୍ଲେଖଥାଉ କି, ୧୯୪୯ ନଭେମ୍ବର ▶ପୃଷ୍ଠା-୭

# ଆଜିଠାରୁ ଶୀତ ଅଧିବେଶନ

### ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ହାତରେ ଅସରନ୍ତି ପ୍ରସଙ୍ଗ
### ସମସ୍ତ ପ୍ରସଙ୍ଗର ମୁକାବିଲା କରିବାକୁ ଶାସକ ଦଳର ଦମ୍ଭୋକ୍ତି

■ ଭୁବନେଶ୍ୱର, ୨୬।୧୧ (ସମିସ): ଆସନ୍ତାକାଲିଠାରୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତ ଅଧିବେଶନ। ଅଧିବେଶନ ପୂର୍ବରୁ ବୁଧବାର ଉଭୟ ଶାସକ ଏବଂ ବିରୋଧୀ ଦଳ ପକ୍ଷରୁ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ବିରୋଧୀ ବିଜେଡି ଓ କଂଗ୍ରେସ ନିଜ ନିଜ ବିଧାୟକ ଦଳ ବୈଠକରେ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏପଟେ ଶାସକ ଦଳ ମଧ୍ୟ ବିରୋଧୀଙ୍କ ମୁକାବିଲା ପାଇଁ ବ୍ୟାପକ ମାନସ ମନ୍ଥନ କରିଥିବା ବେଳେ ଗୃହରେ ପ୍ରଦର୍ଶନ ନେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ନିଜ ନିଜର ବିଧାୟକଙ୍କୁ



ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି। ତେବେ ବିରୋଧୀଙ୍କ ହାତରେ ଏକାଧିକ ଗୁରତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିବା ଓ ପୂର୍ବାପେକ୍ଷା ସରକାରଙ୍କୁ ଆହୁରି ଶାଣିତ ଆକ୍ରମଣ କରାଯିବ ବୋଲି ଦୁଇ ବିରୋଧୀଦଳଙ୍କ ଘୋଷଣା ଅଧିବେଶନକୁ ସରଗରମ କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ବିରୋଧୀଙ୍କ ତୀବ୍ର ବିରୋଧ ଓ ପ୍ରତିବାଦ ଯୋଗୁ ସାତ ଦିନିଆ ମୌସୁମୀ ଅଧିବେଶନ ଧୋଇ ଯାଇଥିବାବେଳେ ଶୀତ ଅଧିବେଶନରେ ବିଧାନସଭା ଉଷ୍ମ ରହିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଭିଭାଷଣ ▶ପୃଷ୍ଠା-୭

## ଆଜି ଆସୁଛନ୍ତି ରାଷ୍ଟ୍ରପତି
### ବିଧାନସଭାକୁ କରିବେ ସମ୍ବୋଧନ



■ ଭୁବନେଶ୍ୱର, ୨୬।୧୧ (ସମିସ): ବିଧାନସଭାର ଶୀତକାଳୀନ ଅଧିବେଶନକୁ ସମ୍ବୋଧିତ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି(ଗୁରୁବାର) ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବିଧାନସଭାର ଏହି ଐତିହାସିକ ଦିବସ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି।

ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ରାଷ୍ଟ୍ରପତି ୧୧ଟା ୫୦ରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରିବେ। ଅପରାହ୍ଣ ୨ଟାରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରି ରାଜଭବନରେ ପହଞ୍ଚିବେ। ମଧ୍ୟାହ୍ନବିରତି ପରେ ରାଷ୍ଟ୍ରପତି ▶ପୃଷ୍ଠା-୭

### ସିଏଜିଙ୍କ ବଡ଼ ନିଷ୍ପତ୍ତି
## ପ୍ରତି ଟଙ୍କାର ହିସାବ ଦେବେ ରାଜ୍ୟ

■ ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଆସନ୍ତା ୨୦୨୭-୨୮ ଆର୍ଥିକ ବର୍ଷରୁ ସାରା ଦେଶର ସବୁ ରାଜ୍ୟ ପାଇଁ କାର୍ଯ୍ୟକାରୀ ହେବ ଖର୍ଚ୍ଚ ବର୍ଗୀକରଣର ସମାନ ମାନଦଣ୍ଡ। ଏହା ସହିତ ଚଳିତ ଆର୍ଥିକ ବର୍ଷରୁ ଦେଶର ସମସ୍ତ ରାଜ୍ୟ ସେମାନଙ୍କର ଆୟ ଓ ବ୍ୟୟ ବିବରଣୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡ଼ିଜିଟାଲ ମାଧ୍ୟମରେ ଦେଶର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକ(ସିଏଜି)ଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ରାଜ୍ୟଗୁଡ଼ିକରେ ଆର୍ଥିକ ସ୍ୱଚ୍ଛତା ଆଣିବା ଏବଂ ସେମାନଙ୍କର ରାଜସ୍ୱ ଓ ବ୍ୟୟ ହିସାବ ପଦ୍ଧତିକୁ ଉନ୍ନତ କରିବା ପାଇଁ ସିଏଜି ନେଇଛନ୍ତି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ସିଏଜିର ଡେପୁଟି କଣ୍ଟ୍ରୋଲର ଜେନେରାଲ ଜୟନ୍ତ ସିହ୍ନା ଏକ ଆଲୋଚନା ଅବସରରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ବିଭିନ୍ନ ରାଜ୍ୟ ନିଜ ନିଜ ଉପାୟରେ ଖର୍ଚ୍ଚ ଏବଂ ରାଜସ୍ୱର ବର୍ଗୀକରଣ କରିଥାନ୍ତି। ଯାହା ଫଳରେ ଗୋଟିଏ ରାଜ୍ୟର ଆର୍ଥିକ ସ୍ଥିତି ଅନ୍ୟ ରାଜ୍ୟ କିମ୍ବା କେନ୍ଦ୍ର

**ଡିଜିଟାଲ ମାଧ୍ୟମରେ ନିର୍ଦ୍ଧାରିତ ଅବଧିରେ ଦେବାକୁ ହେବ ହିସାବ**

**୨୦୨୭-୨୮ରୁ ଖର୍ଚ୍ଚ ବର୍ଗୀକରଣ ନିମନ୍ତେ ହେବ ସମାନ ମାନଦଣ୍ଡ**

ସହିତ ତୁଳନା କରିବା ବହୁତ କଷ୍ଟକର ହୋଇପଡ଼େ। ଏହି ଅଭାବକୁ ଦୂର କରିବା ପାଇଁ ଚଳିତମାସ ୧୧ରେ ଜାରି ହୋଇଥିବା ଏକ ବିଜ୍ଞପ୍ତିରେ ସମସ୍ତ ୨୮ଟି ରାଜ୍ୟ ଏବଂ ବିଧାନସଭା ଥିବା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୨୦୨୭-୨୮ ▶ପୃଷ୍ଠା-୭

### ବିଧାନସଭାରେ ସର୍ବଦଳୀୟ ବୈଠକ
## ସୁରୁଖୁରୁରେ ଗୃହ ପରିଚାଳନା ପାଇଁ ସହଯୋଗ ଲୋଡ଼ିଲେ ବାଚସ୍ପତି

■ ଭୁବନେଶ୍ୱର, ୨୬।୧୧ (ସମିସ): ବିଧାନସଭାର ଶୀତ ଅଧିବେଶନ ପୂର୍ବରୁ ବୁଧବାର ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ସର୍ବଦଳୀୟ ବୈଠକ । ଶୀତ ଅଧିବେଶନ କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡିଛନ୍ତି।

ବିଧାନସଭା ସମ୍ମିଳନୀ କକ୍ଷରେ ଆହୂତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଆସନ୍ତା ୨୭ ତାରିଖରୁ ବିଧାନସଭା ଆରମ୍ଭ ହେବାକୁ ଥିବାବେଳେ ବାଚସ୍ପତି ସୁରମା ପାଢ଼ୀ ଗୃହ ପରିଚାଳନା କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବିରୋଧୀ ବିଜେଡି ଓ କଂଗ୍ରେସ ଗୃହ ପରିଚାଳନାରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତାକାଲି ଅପରାହ୍ନରେ ରାଷ୍ଟ୍ରପତି ଆମକୁ ସମ୍ବୋଧନ କରିବାକୁ ଯାଉଛନ୍ତି। ଏହା ଓଡ଼ିଶା ବିଧାନସଭା ପାଇଁ ଏକ ଐତିହାସିକ ଦିବସ ବୋଲି ସେ କହିଛନ୍ତି।

## ରାଜ୍ୟରେ ସାଂପ୍ରଦାୟିକ ଉତ୍ତେଜନା ବୃଦ୍ଧି ବେଦନାଦାୟକ: ନବୀନ



■ ଭୁବନେଶ୍ୱର, ୨୬।୧୧ (ସମିସ): ଆସନ୍ତାକାଲିଠାରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ଲୋକଙ୍କ ବିଭିନ୍ନ ସମସ୍ୟା ଏବଂ ସରକାରଙ୍କ ଅପାରଗତାକୁ ବିଜେଡି ଶାଣିତ ସ୍ୱରରେ ଗୃହରେ ଉପସ୍ଥାପନ କରିବ। ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, ସାଂପ୍ରଦାୟିକ ଉତ୍ତେଜନା, ଚାଷୀଙ୍କ ସମସ୍ୟା, ନିଯୁକ୍ତି ଜାଲିଆତି ପ୍ରସଙ୍ଗରେ ସରକାରଙ୍କଠାରୁ

**ରାଜ୍ୟରେ ଯୁବବର୍ଗ ଦୁଃଖରେ; ନାରୀ ନିର୍ଯାତନା ପୀଡ଼ାଦାୟକ**

**ତ୍ରୁଟିଶୂନ୍ୟ ହୋଇ ପାରିନାହିଁ ଗୋଟିଏ ବି ନିଯୁକ୍ତି ପରୀକ୍ଷା**

ଜବାବ୍ ମାଗିବ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ▶ପୃଷ୍ଠା-୭

### ୧ରୁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର
## ଦର୍ଶନ ପାଇଁ ୧୦ ଟଙ୍କା

■ ପୁରୀ, ୨୬।୧୧ (ସମିସ): ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର। ମହାପ୍ରଭୁଙ୍କ ଜନ୍ମବେଦୀକୁ ବର୍ଷତମାମ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ଏ ନେଇ ବୁଧବାର ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଭକ୍ତମାନଙ୍କ ପାଇଁ ଟିକଟ୍ ମୂଲ୍ୟ ୧୦ଟଙ୍କା ରଖାଯାଇଛି। କିନ୍ତୁ ୫ବର୍ଷରୁ କମ୍, ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କୌଣସି ଟିକଟ୍ ଲାଗିବ ନାହିଁ। ସେମାନେ ନିଃଶୁଳ୍କ ମନ୍ଦିରକୁ ପ୍ରବେଶ କରିପାରିବେ। କାଉଣ୍ଟର୍‌ରେ କମ୍ପ୍ୟୁଟରୀକୃତ ଟିକଟ୍ ବ୍ୟବସ୍ଥା କରାଯିବ। ଆଡ଼ପ ମଣ୍ଡପ ଦର୍ଶନ ପାଇଁ ସିଂହଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ▶ପୃଷ୍ଠା-୭



**୫ ବର୍ଷରୁ କମ୍, ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ଦିବ୍ୟାଙ୍ଗଙ୍କୁ ଟିକଟ୍ ପଡ଼ିବନି**

## 'ଅସ୍ତିତ୍ୱ' ପାଇଁ ଲଢୁଛି ଓଡ଼ିଶା କୋଷ୍ଟ କେନାଲ
### ଫାଇଲ ତଳେ ଚାପି ହୋଇଯାଇଛି ପୁନରୁଦ୍ଧାର ପ୍ରକଳ୍ପ

■ ବାଲେଶ୍ୱର(ଉତ୍ତର), ୨୬।୧୧ (ବିଶ୍ୱମ୍ବର ଦାସ): ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଏକ ବିସ୍ତୃତ ଅଞ୍ଚଳର ଅର୍ଥନୈତିକ ବିକାଶ ଓ ପରିବେଶ ସନ୍ତୁଳନ ସହ ଓତପ୍ରୋତ ଭାବେ ଜଡ଼ିତ ଓଡ଼ିଶା କୋଷ୍ଟ କେନାଲ ନିଜ ଅସ୍ତିତ୍ୱ ପାଇଁ ଲଢ଼େଇ କରୁଛି। ପାଞ୍ଚ ଦଶନ୍ଧି ଧରି କ୍ରମାଗତ ଅବହେଳା କାରଣରୁ ଏକଦା ଲକ୍ଷଲକ୍ଷ ଲୋକଙ୍କର ଜୀବନରେଖା ସାଜିଥିବା ଏହି କୋଷ୍ଟ କେନାଲ ଆଜି ସଂକୁଚିତ, ଶୁଷ୍କ, ଶ୍ରୀହୀନ ଏବଂ ଲୁପ୍ତପ୍ରାୟ। ଏହାର ଅର୍ଥନୈତିକ ବିକାଶ ଏବଂ ପରିବେଶ ସନ୍ତୁଳନ କ୍ଷମତାକୁ ଆଖି ଆଗରେ ରଖି ଭାରତ ସରକାର ୨୦୦୪ ମସିହାରୁ ଅଦ୍ୟାବଧି ବିଭିନ୍ନ




**୧ଶହ କିମିରୁ ଅଧିକ ଦୀର୍ଘ ଏହି କେନାଲ ବିଲାତି ଦଳରେ ଭର୍ତ୍ତି**

**ନ'ଅଙ୍କ ଦୁର୍ଭିକ୍ଷ ପରେ ଫୁଡ୍ ଫର୍ ୱର୍କ ଜରିଆରେ ହୋଇଥିଲା ଖନନ**

**ଓଡ଼ିଶା-ବଙ୍ଗ ନୌବାଣିଜ୍ୟର ଥିଲା ପ୍ରମୁଖ ଜଳପଥ**

ସମୟରେ ସଂସଦରେ ଏନେଇ ଆଲୋଚନା କରି ଇଷ୍ଟକୋଷ୍ଟ କେନାଲ ସହ ମହାନଦୀ-ବ୍ରାହ୍ମଣୀ ନଦୀର ସଂଯୋଗୀକରଣ ମାଧ୍ୟମରେ ଜାତୀୟ ଜଳପଥ-୫ ଯୋଜନା ଉପରେ ଗୁରୁତ୍ୱାରୋପ ▶ପୃଷ୍ଠା-୭

## ଆଜିର ଇତିହାସ

- ୧୭୯୫- ପ୍ରଥମ ବଙ୍ଗଳା ନାଟକ ମଞ୍ଚସ୍ଥ କରାଗଲା।
- ୧୮୧୫- ପୋଲାଣ୍ଡ ସ୍ୱାଧୀନ ହେଲା।
- ୧୯୧୨- ଆଲବେନିଆ ରାଷ୍ଟ୍ରୀୟ ଧ୍ୱଜକୁ ଆପଣାଇଲା।
- ୧୯୬୬- ଉରୁଗୁଏ ସମ୍ବିଧାନ ଆପଣାଇଲା।
- ୨୦୦୮ - ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହଙ୍କ ଦେହାନ୍ତ।
- ୨୦୧୮ - ବଲିଉଡ୍‌ର ପ୍ରଚ୍ଛଦପଟ୍ଟ ଗାୟକ ମହମ୍ମଦ ଅଜିଜ୍‌ଙ୍କ ପରଲୋକ।

## ଏପରି ଏକ ଦେଶ

# କେହି ଜାଣନ୍ତିନି ଜନ୍ମ ତାରିଖ



ଜନ୍ମଦିନ ପ୍ରତ୍ୟେକଙ୍କ ପାଇଁ ଏକ ଖୁସିର ଅବସର ହୋଇଥାଏ। ଏହାକୁ ଲୋକେ ପରିବାର ଓ ସାଙ୍ଗସାଥୀଙ୍କ ଗହଣରେ କେକ୍ କାଟି ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ହେଲେ ଏପରି ଏକ ଦେଶ ଅଛି, ଯେଉଁଠି ଲୋକମାନେ ନିଜ ଜନ୍ମ ତାରିଖ ଜାଣନ୍ତିନି। ଉତ୍ତର କୋରିଆରେ ଏପରି ଭିନ୍ନତା ଦେଖିବାକୁ ମିଳିଥାଏ। ଏହା ବିଶ୍ୱର ସବୁଠୁ ରହସ୍ୟମୟ ଦେଶ ଭାବେ ଜଣାଯାଏ। ଏଠାକାର ଗ୍ରାମାଞ୍ଚଳଗୁଡ଼ିକରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଡେଲିଭରି ଘରେ ହୋଇଥାଏ। ଏଠାରେ ହସ୍‌ପିଟାଲ କି ଡାକ୍ତରୀ ସୁବିଧା ନ ଥାଏ। ସବୁଠୁ ବଡ଼ କଥା ହେଉଛି ଏଠାରେ କ୍ୟାଲେଣ୍ଡର ନ ଥାଏ। ମାଆ ବାପା ମଧ୍ୟ ପିଲାର ଜନ୍ମ ତାରିଖକୁ ମନେ ରଖନ୍ତିନି। ପିଲାଟିଏ ୧୬-୧୭ ବର୍ଷ ହେବା ପରେ ତା'ର ପ୍ରଥମ ଥର ସରକାରୀ ଆଇଡି କାର୍ଡ ତିଆରି ହୋଇଥାଏ। ସରକାରୀ ଅଫିସର ନିଜ ମନଇଚ୍ଛା ଜନ୍ମ ତାରିଖ ଲେଖି ଦିଅନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଅଧିକାଂଶ ଲୋକଙ୍କର ଜନ୍ମଦିନ ୧ ଜାନୁଆରୀ ବୋଲି ଲେଖା ହୋଇଥାଏ। ଜଣେ ଜୁନ୍ କି ଫେବୃଆରୀରେ ଜନ୍ମ ହେଲେ ବି ତା'ର ଜନ୍ମ ପ୍ରମାଣପତ୍ରରେ ୧ ଜାନୁଆରୀ ଲେଖାଯାଇଥାଏ। ଉତ୍ତର କୋରିଆର ଜନସଂଖ୍ୟାରେ ୭୦% ଲୋକ ଗାଁରେ ରୁହନ୍ତି। ତନ୍ମଧ୍ୟରୁ ମାତ୍ର ୧୨% ଲୋକଙ୍କର ଜନ୍ମ ତାରିଖ ହସ୍‌ପିଟାଲରେ ରେଜିଷ୍ଟର ଥାଏ। ଏଠାରେ ଅଧିକାଂଶ ପାସ୍‌ପୋର୍ଟରେ ଜନ୍ମତାରିଖ ଜାନୁଆରୀ କିମ୍ବା ଜୁଲାଇ ୧ ଲେଖାଯାଇଥାଏ। କେବଳ ସହରର ଧନୀ ଲୋକମାନେ ହିଁ ସେମାନଙ୍କ ଜନ୍ମଦିନକୁ ମନେ ରଖିଥାନ୍ତି। ଏସବୁ ସତ୍ତ୍ୱେ ଏଠାରେ ସ୍କୁଲ, କାରଖାନା ଓ ସେନା ଶିବିରଗୁଡ଼ିକରେ ଜନ୍ମଦିନ ପାଳନ କରାଯାଏ। ହେଲେ ଲୋକେ ପାଳୁଥିବା ଜନ୍ମଦିନ ସରକାରଙ୍କ ଦ୍ୱାରା ସ୍ଥିର ହୋଇଥାଏ।

# ବ୍ୟକ୍ତିଗତ ତଥ୍ୟ ରଖୁଛି ମୋବାଇଲ

ଆଇଆଇଟି ଦିଲ୍ଲୀ ଆଣ୍ଡ୍ରଏଡ୍ ଫୋନ୍‌କୁ ନେଇ ଏକ ଗବେଷଣା କରିଛି। ଆଇଆଇଟି ଦିଲ୍ଲୀର ପ୍ରଫେସର ସ୍ମୃତି ରଞ୍ଜନ ସାରଙ୍ଗ ଏମଟେକ୍ ଛାତ୍ରମାନଙ୍କ ସହିତ ମିଶି ଆଣ୍ଡ୍ରଏଡ୍ ଫୋନ୍‌କୁ ନେଇ ଏକ ଗବେଷଣା କରିଛନ୍ତି। ଏହି ଗବେଷଣାରେ ମୋବାଇଲର ଜିପିଏସ୍‌କୁ ନେଇ ବଡ଼ ଖୁଲାସା କରାଯାଇଛି। କୌଣସି ଆପ୍‌କୁ ଡାଉନ୍‌ଲୋଡ୍ କରିବା ସମୟରେ ସେଥିରେ ଲୋକେସନ ଟ୍ରାକ୍ କରିବାର ଅନୁମତି ଦେଖାଇ ଥାଏ। ଯାହାକି ବ୍ୟକ୍ତିଗତ ସୁରକ୍ଷା ପ୍ରତି ବିପଜ୍ଜନକ ହୋଇଥାଏ। ଲୋକେସନ ଟ୍ରାକ୍ ମାଧ୍ୟମରେ ଜଣଙ୍କର କାର୍ଯ୍ୟକଳାପକୁ ଟ୍ରାକ୍ କରାଯାଇପାରିବ। କହିବାକୁ ଗଲେ ମୋବାଇଲ ପ୍ରତିଟି ମୁହୂର୍ତ୍ତର ତଥ୍ୟକୁ ଟିକ୍‌ନିକ୍ ଏକତ୍ର କରେ। ସେହିପରି ଫୋନ୍ କେବଳ ଲୋକେସନ ଟ୍ରାକ୍ କରି ନ ଥାଏ, ବରଂ ଜଣେ ଏକା କିମ୍ବା କାହା ସହ ଅଛି, ଲିଫ୍ଟରେ ଅଛି କି ନାହିଁ ତାହା ମଧ୍ୟ ଜଣାପଡ଼ିଯାଏ । ପ୍ରଫେସର ଉଦାହରଣ ଦେଇ କହିଛନ୍ତି,ଜଣେ ଛାତ୍ର ଦୌଡ଼ିବାକୁ ଗଲେ, ଦୌଡ଼ିବା ପରେ ସେ ଯେମିତି ତା'ଙ୍କ ଫୋନ୍ ଦେଖିଛନ୍ତି, ତାଙ୍କୁ ପ୍ରୋଟିନ ସେକ୍ ବିଜ୍ଞାପନ ଆସିଲା। ସେହି ଛାତ୍ର ଜଣକ ପୂର୍ବରୁ କୌଣସି ପ୍ରୋଟିନ୍ ସେକ୍ ବାବଦରେ ସର୍ଚ୍ଚ ଇଞ୍ଜିନ୍‌ରେ ସର୍ଚ୍ଚ କରି ନ ଥିଲେ। ତେଣୁ ଏଥିରୁ ଜଣାପଡୁଛି ଯେ, ଦେଶର ଭିଆଇପି ଏବଂ ଭିଭିଆଇପିଙ୍କ ସୁରକ୍ଷା ପ୍ରତି ବିପଦ ରହିଛି। ସାଧାରଣ ଲୋକଙ୍କୁ ଏହା ମାଧ୍ୟମରେ ବ୍ଲାକ୍‌ମେଲ୍ କରିବା ମଧ୍ୟ ସହଜ ହୋଇଯିବ। ତେବେ ଏଥିରୁ ରକ୍ଷା ପାଇବାର ସହଜ ଉପାୟ ହେଉଛି, କୌଣସି ଆପ୍‌କୁ ଲୋକେସନ ଟ୍ରାକ୍ କରିବାର ଅନୁମତି ଦେବା ଉଚିତ ନୁହେଁ। ଯଦି ଅନୁମତି ପ୍ରଦାନ କରୁଛନ୍ତି, ତେବେ ଆପ୍ ବ୍ୟବହାର କରିବା ସମୟରେ କେବଳ ଟ୍ରାକ୍ ଅନୁମତି ଦେବା ଉଚିତ।



# ଚାପୁଡ଼ା ମାରିବା ଚାକିରି



ଅଧିକାଂଶ ଲୋକ ଫେସବୁକ୍, ହ୍ୱାଟସ୍‌ଆପ୍‌ରେ ଘଣ୍ଟା ଘଣ୍ଟା ଧରି ସମୟ ଅତିବାହିତ କରୁଛନ୍ତି। ସାମାଜିକ ଗଣମାଧ୍ୟମର ଏଭଳି ଆସକ୍ତି ଯୋଗୁ ଲୋକେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହେଉଛନ୍ତି। ଏହି କ୍ରମରେ ଏକଦା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଉଦ୍ୟୋଗପତି ମନୀଷ ସେଠି ତାଙ୍କର ଫେସ୍‌ବୁକ୍ ଚଳାଇବା ଅଭ୍ୟାସ ଉପରେ ରୋକ୍ ଲଗାଇବାକୁ ନିଆରା ଚାକିରିର ବିଜ୍ଞାପନ ଦେଇଥିଲେ। ଘଟଣାଟି ୨୦୧୨ ମସିହାର। ସେତେବେଳେ ମନୀଷ 'ପାବଲୋକ' କମ୍ପାନିକୁ ଚଳାଉଥିଲେ। ସେ ସମୟରେ ସେ ଘଣ୍ଟା ଘଣ୍ଟା ଧରି ଫେସ୍‌ବୁକ୍‌ରେ ବ୍ୟସ୍ତ ରହୁଥିଲେ। ଏହି କାରଣରୁ ମନୀଷଙ୍କ କମ୍ପାନିର ବ୍ୟବସାୟ ମଧ୍ୟ ହ୍ରାସ ପାଇଲା। ତେଣୁ ନିଜର ଏହି ଖରାପ ଅଭ୍ୟାସକୁ ଦୂରେଇବାକୁ ସେ ଏକ ଅଜବ ବିଜ୍ଞାପନ ଦେଇଥିଲେ। ସେ ଏହି ବିଜ୍ଞାପନରେ ଲେଖିଥିଲେ ଯେ, 'ମୋତେ ଏମିତି ଏକ ପାର୍ଟନର ଦରକାର ଯିଏ ମୋ ପାଖରେ ସବୁବେଳେ ବସିବ, ସ୍କ୍ରିନ୍ ଉପରେ ନଜର ରଖିବ। ମୁଁ ଫେସ୍‌ବୁକ୍ ଖୋଲିବା ମାତ୍ରେ ସେ ମୋ ଉପରେ ଚିଲ୍ଲାଇବ ଓ ଆବଶ୍ୟକ ପଡ଼ିଲେ ଚାପୁଡ଼ା ମାରିବ। ଏହି କାର୍ଯ୍ୟ ନିମନ୍ତେ ପ୍ରତିଘଣ୍ଟା ପାଇଁ ସେ ଆଜିକା ଜମାନାରେ ଭାରତୀୟ ମୁଦ୍ରାରେ ୭୧୦ ଟଙ୍କା ଦେବାକୁ ଧାର୍ଯ୍ୟ କରିଥିଲେ। ଯୋଗ୍ୟ ପ୍ରାର୍ଥୀ ଜଣକ ମନୀଷଙ୍କ ଘର କିମ୍ବା କେଫେରେ କାମ କରିବେ। ଶେଷରେ କାରା ନାମ୍ନୀ ଜଣେ ମହିଳାଙ୍କୁ ଏହି ଚାକିରି ମିଳିଥିଲା। ଏହାପରେ 'ସ୍ଲାପ୍ ଚ୍ୟାଲେଞ୍ଜ' ଆରମ୍ଭ ହୋଇଥିଲା। ମନୀଷ ଯେତେବେଳେ ବି ଫେସ୍‌ବୁକ୍ ଖୋଲୁଥିଲେ, କାରା ତାଙ୍କୁ ଚାପୁଡ଼ା ମାରୁଥିଲେ। ତେବେ ମନୀଷ ଏକଦା ବ୍ଲଗ୍‌ରେ ଲେଖିଥିଲେ ଯେ, 'କାରା ତାଙ୍କୁ ଖାଲି ଚାପୁଡ଼ା ମାରୁଥିଲେ ତାହା ନୁହେଁ, ସେ ତାଙ୍କ କାମର ବିଶ୍ଳେଷଣ ମଧ୍ୟ କରୁଥିଲେ। ଯାହାଫଳରେ ତାଙ୍କ କମ୍ପାନିର କାର୍ଯ୍ୟଦକ୍ଷତା ୯୮%କୁ ବୃଦ୍ଧି ପାଇଥିଲା।'

# ଭାଷଣରେ ବିଶ୍ୱ ରେକର୍ଡ




ଅନେକ ଲୋକ ଖୁବ୍ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ରେକର୍ଡ କରିଥାନ୍ତି। ଏହି କ୍ରମରେ ଭାରତର ଲୋକପ୍ରିୟ ମୋଟିଭେସ୍‌ନାଲ୍ ସ୍ପିକର୍ ସୌରଭ ଜୈନ ଲଗାତାର ୩୦ ଘଣ୍ଟା ଧରି ଭାଷଣ ଦେଇ ବିଶ୍ୱ ରେକର୍ଡ କରିଛନ୍ତି। ଜୟପୁର ବିର୍ଲା ଅଡିଟୋରିୟମ୍‌ରେ ଆୟୋଜିତ ଶିକ୍ଷା ମହୋତ୍ସବ ୨୦୨୫ରେ ଯୋଗ ଦେଇ ସେ ଏହି ନିଆରା ରେକର୍ଡ କରିଛନ୍ତି। 'ଶିଖେଗା ଭାରତ ତଭି ତୋ ଆଗେ ବଢ଼େଗା ଭାରତ' ଥିମ୍ ଆଧାରିତ ଏହି ଆୟୋଜନ ବିଦ୍ୟାର୍ଥୀ, ଶିକ୍ଷକ ଓ ପ୍ରେରଣାଦାୟୀ ବକ୍ତାଙ୍କ ମଧ୍ୟରେ ଏକ ନୂତନ ଶକ୍ତି ସଞ୍ଚାର କରିଥିଲା। ତେବେ ସୌରଭଙ୍କ ଏହି ଯାତ୍ରା ଏତେ ସହଜ ନ ଥିଲା। ଆଠ ବର୍ଷର ପ୍ରସ୍ତୁତି, ୪୦,୦୦୦ ଘଣ୍ଟାର ପାଠପଢ଼ା ଓ ୧୫୦୦ ପୁସ୍ତକ ଅଧ୍ୟୟନର ଏହା ପରିଣାମ ଥିଲା। ସୌରଭ ନିଜ ଭାଷଣରେ ଆତ୍ମବିଶ୍ୱାସ, ଆତ୍ମନିର୍ଭରତା, ଆତ୍ମହତ୍ୟାରୁ ରକ୍ଷା ପାଇବାର ଉପାୟ, ଅବସାଦ, ସମୟର ସଦୁପଯୋଗ, ଦୃଢ଼ ନେତୃତ୍ୱ, ସକରାତ୍ମକ ଚିନ୍ତାଧାରା ଭଳି ୧୦୦ଟି ପ୍ରସଙ୍ଗ ଉପରେ ଚର୍ଚ୍ଚା କରିଥିଲେ। ଏଥିସହ ସେ କହିଥିଲେ, ଆମେ କହୁଥିବା ଶବ୍ଦରେ ଅସୀମ ଶକ୍ତି ରହିଛି। ଶବ୍ଦ କୌଣସି ବ୍ୟକ୍ତିର ଜୀବନ ବଦଳାଇ ଦେଇପାରେ। ତେବେ ସେ ପ୍ରତି ୬୦ ସେକେଣ୍ଡରେ ୧୩୦ରୁ ୧୪୦ ଶବ୍ଦ କହିଥିଲେ। ସମ୍ପୂର୍ଣ୍ଣ ସଭାରେ ସେ ମୋଟ ୨.୩ ଲକ୍ଷ ଶବ୍ଦ କହିଥିଲେ। ସେ ବହୁ ବର୍ଷ ଧରି ଏହି ଐତିହାସିକ ରେକର୍ଡ ପାଇଁ ପ୍ରସ୍ତୁତି କରିଥିଲେ। ଏଥିପାଇଁ ସେ ଦୈନିକ ପାଞ୍ଚଘଣ୍ଟା ପଢୁଥିଲେ। ଫିଟ୍‌ନେସ୍, ମେଡିଟେସନ୍ ଆଦି ମାଧ୍ୟମରେ ସେ ନିଜକୁ ମାନସିକ ଓ ଶାରୀରିକ ସ୍ତରରେ ମଜଭୁତ କରିଥିଲେ। ଏହି ଆୟୋଜନରେ ୭୦୦ରୁ ଊର୍ଦ୍ଧ୍ୱ ସଂସ୍ଥାନ ଓ ୨୫୦ ଜଣିଆ ଏକ ବିଶେଷଜ୍ଞ ଟିମ୍ ସାମିଲ ଥିଲେ। ଏହା ପୂର୍ବରୁ ମଧ୍ୟ ସୌରଭ ୨୦୧୮ ମସିହାରେ ୧୬ ଘଣ୍ଟା ୧୮ ମିନିଟ୍ ଓ ୨୦୨୨ ମସିହାରେ ଲଗାତାର ୨୪ ଘଣ୍ଟା ଭାଷଣ ଦେଇ ରେକର୍ଡ କରିଥିଲେ। ଚଳିତ ବର୍ଷ ସେ ଅବିରତ ୩୦ ଘଣ୍ଟା ଭାଷଣ ଦେଇ ଆତ୍ମବିଶ୍ୱାସ, ଦୃଢ଼ମନୋବଳ ଓ ଏକାଗ୍ରତା ଥିଲେ ସବୁ କିଛି ସମ୍ଭବ ହୋଇପାରିବ ବୋଲି ପ୍ରମାଣ କରିଛନ୍ତି।

## ଗ୍ରୀନ୍ ଲେଡି

ପ୍ରତ୍ୟେକ ଲୋକଙ୍କର ଏକ ପ୍ରିୟ ରଙ୍ଗ ଥାଏ। ସେହି ରଙ୍ଗ ଅନୁସାରେ, ସେମାନେ ପୋଷାକ ପିନ୍ଧିବା, ଘର ସଜାଇବାକୁ ପସନ୍ଦ କରନ୍ତି। ନ୍ୟୁୟର୍କ ବ୍ରୁକ୍‌ଲିନ୍‌ର ଏଲିଜାବେଥ୍ ସ୍ୱିଟ୍‌ହାର୍ଟଙ୍କର ସବୁଜ ରଙ୍ଗକୁ ନେଇ ଏକ ଅହେତୁକ ଦୁର୍ବଳତା ରହିଛି। ତାଙ୍କ ପୋଷାକଠାରୁ ଆରମ୍ଭ କରି ନେଇ କେଶ, ଆଖପାଖରେ ଥିବା ସମସ୍ତ ଜିନିଷକୁ ସେ ସବୁଜ ରଙ୍ଗରେ ରଙ୍ଗାୟିତ କରିଛନ୍ତି। ଏଥିପାଇଁ ତାଙ୍କୁ ବ୍ରୁକ୍‌ଲିନ୍‌ର ଗ୍ରୀନ୍ ଲେଡି ବୋଲି କୁହାଯାଉଛି। ୧୯୪୧ ମସିହାରେ କାନାଡ଼ା ନୋବା ସ୍କୋଟିୟାରେ ଜନ୍ମିତ ଏଲିଜାବେଥ୍ ପିଲାବେଳୁ ରଙ୍ଗ ଦୁନିଆ ସହ ସଂଶ୍ଳିଷ୍ଟ। ଏଲିଜାବେଥ୍‌ଙ୍କ ମତରେ, ସବୁଜ ରଙ୍ଗ ସବୁବେଳେ ତାଙ୍କର ପସନ୍ଦିତ ରଙ୍ଗ ଥିଲା। ଏହା ପ୍ରକୃତିକୁ ପ୍ରତିନିଧିତ୍ୱ କରେ ବୋଲି ସେ କୁହନ୍ତି। ୧୯୬୪ ସେ ତାଙ୍କ ସ୍ୱପ୍ନ ପୂରଣ ପାଇଁ ନ୍ୟୁୟର୍କ ପଳାଇଥିଲେ। ଧୀରେଧୀରେ ସେ ଫେସନ୍ ଇଣ୍ଡଷ୍ଟ୍ରୀର ଜଣେ ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ। ସେ ଅନେକ ସେଲିବ୍ରିଟିଙ୍କ ଫେସନ୍ ଡିଜାଇନର୍ ପାଲଟିଗଲେ। ୧୯୮୭ ମସିହାରେ ସେ ନିଜର ଏକ ଷ୍ଟୁଡିଓ ଖୋଲିଲେ। ଏଠାରେ ୧୫ ବର୍ଷ ଧରି କାମ କରିଥିଲେ। ଏହାପରେ ସେ ତାଙ୍କ ଜୀବନକୁ ପୂରାପୂରି ସବୁଜମୟ କରିବା ପାଇଁ ନିଷ୍ପତ୍ତି ନେଲେ। ପୋଷାକ ସହ ଘରର ପ୍ରତ୍ୟେକ କୋଣ ଅନୁକୋଣ, ଜୋତା, ଏପରିକି କେଶର ରଙ୍ଗ ମଧ୍ୟ ସବୁଜ କରିଛନ୍ତି। ତାଙ୍କ ଘର ଗ୍ରୀନ୍ ମ୍ୟୁଜିୟମ୍ ଭଳି ଲାଗେ। ତାଙ୍କ ପାଖରେ ୩୦ରୁ ଅଧିକ ସବୁଜ ରଙ୍ଗର ଜୋତା ମଧ୍ୟ ରହିଛି। ଏଲିଜାବେଥ୍‌ଙ୍କ ଘରକୁ ଯେ କେହି ଗଲେ ଏକ ଭିନ୍ନ ଦୁନିଆର ଅନୁଭୂତି ନେଇଥାନ୍ତି। ସବୁଜ ତାଙ୍କ ପାଇଁ କେବଳ ଏକ ରଙ୍ଗ ନୁହେଁ ଜୀବନର ଆଦର୍ଶ ପାଲିଟିଛି ବୋଲି ଏଲିଜାବେଥ୍ କୁହନ୍ତି।



# 'ରାମାୟଣ ପାର୍ଟ ୨' ଆସିବାରେ ହେବ ବିଳମ୍ବ

ରଣବୀର କପୁର ଏବେ ବଲିଉଡ୍‌ର ସୁପରଷ୍ଟାର୍ ଭାବେ ଜଣାଯାଉଛନ୍ତି। ତାଙ୍କ ହାତରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟ ରହିଛି। ଇତିମଧ୍ୟରେ ରଣବୀର 'ରାମାୟଣ ପାର୍ଟ ୧'ର ସୁଟିଂ ସାରି ଦେଇଛନ୍ତି। ଏହାପରେ ସେ ସଞ୍ଜୟ ଲୀଲା ଭଁସାଲୀଙ୍କ 'ଲଭ୍ ଆଣ୍ଡ ୱାର୍'ର ସୁଟିଂ ଆରମ୍ଭ କରିଛନ୍ତି। 'ରାମାୟଣ'କୁ ଦୁଇଟି ପାର୍ଟରେ ନିର୍ମାଣ କରାଯାଉଛି। ପ୍ରଥମ ପାର୍ଟର ସୁଟିଂ ସରିଯାଇଛି। ଏହା ୨୦୨୬ ଦୀପାବଳି ଅବସରରେ ଆସିବ। ଏହାର ଦ୍ୱିତୀୟ ପାର୍ଟକୁ ୨୦୨୭ ଦୀପାବଳି ଅବସରରେ ରିଲିଜ୍ କରାଯିବା ପାଇଁ ପୂର୍ବରୁ ଘୋଷଣା କରାଯାଇଛି। ରଣବୀର ଏକାସାଙ୍ଗେ 'ରାମାୟଣ'ର ଦୁଇଟି ପାର୍ଟର ସୁଟିଂ ସାରିବାକୁ ଚାହୁଁଥିଲେ। କାରଣ ଏହା ତାଙ୍କ 'ଲଭ୍ ଆଣ୍ଡ ୱାର୍' ଫିଲ୍ମର ଲୁକ୍‌ଠାରୁ ଅଲଗା ଥିଲା। ସଞ୍ଜୟଙ୍କ ଏହି ଫିଲ୍ମରେ ସେ ବହୁତ ପତଳା ଦେଖାଯିବାର ଅଛି। ଏଥିପାଇଁ ସେ 'ରାମାୟଣ'ର ଦୁଇଟି ପାର୍ଟର ସୁଟିଂ ପରେ 'ଲଭ୍ ଆଣ୍ଡ ୱାର୍' କରିବାର ଥିଲା। 'ରାମାୟଣ'ର ପ୍ରିପ୍ରଡକ୍ସନ କାମ ବିଳମ୍ବ ହେବାରୁ ରଣବୀର ସଞ୍ଜୟଙ୍କ ସହ ସୁଟିଂ ଆରମ୍ଭ କରିଦେଲେ। ସଞ୍ଜୟଙ୍କ ଫିଲ୍ମଗୁଡ଼ିକର ସୁଟିଂ ଦୀର୍ଘ ଦିନ ଧରି ଚାଲେ। 'ଲଭ୍ ଆଣ୍ଡ ୱାର୍' ପାଇଁ ମଧ୍ୟ ସଞ୍ଜୟ ୨୦୦ ଦିନର ସୁଟିଂ ସିଡ୍ୟୁଲ ରଖିଛନ୍ତି। ଏବେ ରଣବୀର ଏହି ଫିଲ୍ମର ସୁଟିଂ ସାରିବା ପରେ ହିଁ 'ରାମାୟଣ ପାର୍ଟ ୨'ର ସୁଟିଂ ଆରମ୍ଭ କରିବେ। ଏଥିପାଇଁ ଏହି ଫିଲ୍ମ ଏବେ ୨୦୨୭ ଦୀପାବଳି ପରିବର୍ତ୍ତେ ଆହୁରି ବିଳମ୍ବରେ ରିଲିଜ୍ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ଉନ୍ନତି ହେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। କଥାରେ ମଧୁରତା ରଖିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଅର୍ଥ ସଞ୍ଚୟ କରିବେ। ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

### ଶ୍ରୀମନ୍ଦିରରେ ଘୋଡ଼ଲାଗି ନୀତି

# ମହାପ୍ରଭୁ ପିନ୍ଧିଲେ ଶୀତବସ୍ତ୍ର



ପୁରୀ,୨୬।୧୧ (ସମିସ): ବୁଧବାର ଶ୍ରୀମନ୍ଦିରରେ ଓଢ଼ଣ ଷଷ୍ଠୀ ନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ମହାପ୍ରଭୁଙ୍କ ଘୋଡ଼ଲାଗି କରାଯାଇଛି। ସକାଳ ଧୂପ ବଢ଼ିବା ପରେ ଠାକୁରଙ୍କ ମଇଲମ କରାଯାଇଥିଲା। ପୂର୍ବ ରାତିରେ ଭୋଗମଣ୍ଡପ ଘରେ ଅଧିବାସ ହୋଇଥିବା ଘୋଡ଼ଗୁଡ଼ିକୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରାଯାଇ ରତ୍ନସିଂହାସନକୁ ନିଆଯାଇଥିଲା। ପୁଷ୍ପାଳକ ସେବକମାନେ ତିନିଠାକୁରଙ୍କୁ ପାଗ ଓ ଘୋଡ଼ଲାଗି କରିଥିଲେ। ମହାପ୍ରଭୁଙ୍କ ଏହି ଘୋଡ଼ରେ ସୂତାବସ୍ତ୍ର, ଖଣ୍ଡୁଆପାଟ, ଭେଲଭେଟ୍ କପଡ଼ାର ବସ୍ତ୍ର, ଟୋପର, ମଫଲର ପ୍ରଭୃତି ଲାଗି କରାଯାଇଥିଲା। ଘୋଡ଼ଲାଗି ସରିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ମଧ ଲାଗି କରାଯାଇଥିଲା। ପରେ ବନ୍ଦାପନା ସରି ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ମାର୍ଗଶୀର ଶୁକ୍ଳ ଷଷ୍ଠୀରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ବିଗ୍ରହମାନେ ଘୋଡ଼ ପରିଧାନ କରିଥା'ନ୍ତି। ସପ୍ତାହର ୭ ଦିନରେ ୭ ରଙ୍ଗର ଘୋଡ଼ବସ୍ତ୍ର ଲାଗି ହୋଇଥା'ନ୍ତି। ରବିବାର ଲାଲ୍, ସୋମବାର କଳାଛିଟା ମିଶା ଶୁକ୍ଳ, ମଙ୍ଗଳବାର ବାରପଟିଆ (୫ ରଙ୍ଗ ମିଶା), ବୁଧବାର ନୀଳ, ଗୁରୁବାର ବସନ୍ତ (ହଳଦିଆ), ଶୁକ୍ରବାର ଶୁକ୍ଳ (ଧଳା) ଓ ଶନିବାର କଳା ରଙ୍ଗର ଘୋଡ଼ଲାଗି ହୋଇଥା'ନ୍ତି।

ଉଲ୍ଲେଖଯୋଗ୍ୟ, ଶ୍ରୀଜଗନ୍ନାଥ ମହାପ୍ରଭୁ ପରମପାବନ ପୁରୁଷୋତ୍ତମ କ୍ଷେତ୍ରରେ ବିରାଜମାନ କରିଛନ୍ତି। ଶ୍ରୀମନ୍ଦିରରେ ଭାଇଭଉଣୀଙ୍କ ସହ ଅବସ୍ଥାନ କରି ମାନବୀୟ ଲୀଳା କରୁଛନ୍ତି। ଏହି କ୍ରମରେ ଖରାଦିନେ ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ଚନ୍ଦନ ଯାତ୍ରା କରିଥା'ନ୍ତି। ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ସହ ମିଶି ଜଳକ୍ରୀଡ଼ା କରନ୍ତି। ସେହିପରି ଶୀତଦିନେ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ସାଧାରଣ ମଣିଷଟିଏ ଭଳି ଶୀତବସ୍ତ୍ର ପରିଧାନ କରିଥା'ନ୍ତି। ମାର୍ଗଶିର ମାସରେ ଅଧିକ ଶୀତ ହୋଇଥାଏ। ତେଣୁ ଶୀତରୁ ରକ୍ଷା ପାଇବା ପାଇଁ ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ଶୀତବସ୍ତ୍ର ପରିଧାନ କରିଥା'ନ୍ତି। ଏହାକୁ ଶ୍ରୀମନ୍ଦିର ଭାଷାରେ ଘୋଡ଼ଲାଗି ବୋଲି କୁହାଯାଇଥାଏ।

### ବେତନଟୀ ତହସିଲଦାରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

# ଟାସ୍କଫୋର୍ସଠାରୁ ଦୁଇ ପାଦ ଆଗରେ ବାଲିମାଫିଆ

ବାରିପଦା,୨୬।୧୧ (ସମିସ): ଟାସ୍କଫୋର୍ସଠାରୁ ଦୁଇପାଦ ଆଗରେ ବାଲିମାଫିଆ। ତହସିଲଦାରଙ୍କଠାରୁ ଆରମ୍ଭ କରି ପୁଲିସ ଉପରେ ପୂରା ତୀକ୍ଷ୍ଣ ନଜର ରଖିଛନ୍ତି। ମୁଖ୍ୟରାସ୍ତାଠାରୁ ଆରମ୍ଭ କରି ଛକଛକ, ଗଳିଗଳିରେ ସେମାନଙ୍କର ନଜର। ତହସିଲଦାରଙ୍କ ଗାଡ଼ି କୁଆଡ଼େ ଗଲା, କେତେବେଳେ ଅଫିସ୍‌ରୁ ବାହାରିଲା, କେଉଁ ବାଟ ଦେଇ ଯାଉଛି; ଆଦି ସଂପର୍କରେ ଘଡ଼ିକି ଘଡ଼ି ତଥ୍ୟ ଦିଆନିଆ ହେଉଥିଲା ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ। ଫଳରେ ଠିକଣା ଜାଗାରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପହଞ୍ଚିବା ପୂର୍ବରୁ ବାଲି ଗାଡ଼ି ସହ ଉଭାନ୍ ହୋଇଯାଉଥିଲେ ମାଫିଆ। ବେତନଟୀ ତହସିଲଦାର ଚନ୍ଦ୍ରଜିତ୍ ବେହେରାଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୁଲିସକୁ ଏଭଳି ଚାଞ୍ଚଲ୍ୟକର ତଥ୍ୟ ମିଳିଛି। 'ମୟୂରଭଞ୍ଜ କିଙ୍ଗ୍ସ', 'କଡିନଜର', 'ଇଣ୍ଟରନ୍ୟାସନାଲ ଖିଲାଡି' ଭଳି ଏକାଧିକ ହ୍ୱାଟସ୍‌ଆପ୍ ଗ୍ରୁପ୍‌କୁ ଏବେ ପୁଲିସ ତଦନ୍ତ ପରିସରଭୁକ୍ତ କରିଛି। ଏହି ସବୁ ଗ୍ରୁପ୍‌ରେ ୭୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଡ଼ି ହୋଇଥିବା ଜଣାଯାଇଛି। ଏମାନଙ୍କ ଜରିଆରେ ପୂରା ଜିଲ୍ଲାରେ ଚୋରା ବାଲି କାରବାର ଚାଲିଥିବା ପୁଲିସ ଜାଣିବାକୁ ପାଇଛି।





- ପୁଲିସ ଓ ପ୍ରଶାସନ ଉପରେ ରଖିଥିଲେ ତୀକ୍ଷ୍ଣ ନଜର
- ହ୍ୱାଟସ୍‌ଆପ୍‌ରେ ଦେଉଥିଲେ ଘଡ଼ିକି ଘଡ଼ି ଟିକିନିଖି ତଥ୍ୟ
- ଦୁଇ ଭାଇ ସମେତ ହ୍ୱାଟ୍ସଆପ୍ ଗ୍ରୁପ୍ ଆଡମିନଙ୍କୁ କୋର୍ଟଚାଲାଣ

ଅପରପକ୍ଷେ, ତହସିଲଦାରଙ୍କ ସମେତ ତାଙ୍କ ସହଯୋଗୀଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ବେତନଟୀ ପୁଲିସ୍ ଆଜି ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ, ବଡ଼ସାହି ଥାନା ବର୍ତ୍ତନା ଗ୍ରାମର ଆକ୍ରମଣକାରୀ ପ୍ରଶାନ୍ତ ଗାଆଁଣ, ତାଙ୍କ ଭାଇ ସୁଶାନ୍ତ ଗାଆଁଣ ଓ ବାରିପଦା ଟାଉନ୍ ଥାନା ଅନ୍ତର୍ଗତ ଶୂନଗଡିଆର ମୁନା ଓରଫ୍ ମଝଲ ହୁସେନ।

ମଝଲ 'ମୟୂରଭଞ୍ଜ କିଙ୍ଗ୍ସ' ହ୍ୱାଟ୍ସଆପ୍ ଗ୍ରୁପର ଆଡମିନ୍ ରହିଥିଲା। ତହସିଲଦାରଙ୍କୁ ମାଡ଼ ଘଟଣା ପରେ ସେ ଗ୍ରୁପ୍‌ରେ ଦେଇଥିବା ଭଏସ୍ ମେସେଜ ତା' ପାଇଁ କାଳ ହୋଇଛି। ସେଥିରେ ସେ ଆକ୍ରମଣକାରୀଙ୍କୁ ଗ୍ରୁପ୍‌ରୁ ବାହାର (ରିମୁଭ୍) କରିବା ପାଇଁ କହିବା ସହ ମାମଲା ଥଣ୍ଡା ପଡ଼ିବାର ୨/୩ ଦିନ ମଧ୍ୟରେ ପୁଣି ଆଡ୍ କରିବ ବୋଲି କହିଥିଲା। ପରେ ମୁନା ସେମାନଙ୍କୁ ଓ ବେତନଟୀ ଅଞ୍ଚଳର ଆଉ କିଛି ଜଣଙ୍କୁ ରିମୁଭ କରିଥିଲା। ଜିଲ୍ଲା ପ୍ରଶାସନ ଓ ପୁଲିସର ତଦନ୍ତ ସମୟରେ ଏହି ଘଟଣା ପଦାକୁ ଆସିଛି। ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ନିର୍ଦ୍ଦେଶ ଅନୁସାରେ ଟାଉନ ଥାନା ପୁଲିସ ମଙ୍ଗଳବାର ରାତିରେ ମୁନାକୁ ଗିରଫ କରିଛି। ସେ ଗିରଫ ହେବା ପରେ ସମଗ୍ର ଜିଲ୍ଲାର ବାଲିମାଫିଆଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଭୟରେ ୭୦୦ ସଦସ୍ୟ ଗ୍ରୁପ୍ ବିଶିଷ୍ଟ ମୟୂରଭଞ୍ଜ କିଙ୍ଗ୍ସ ଗ୍ରୁପରୁ ସମସ୍ତେ ବାହାରିଯିବା ସହ ଅନ୍ୟ ଗ୍ରୁପ୍ 'କଡିନଜର' ଓ ଇଣ୍ଟରନ୍ୟାସନାଲ ଖିଲାଡି ଭଳି ଗ୍ରୁପରୁ ମଧ ବାହାରି ଯାଇଛନ୍ତି। ଏପରିକି, ଗ୍ରୁପ୍ ଆଡମିନ ଗ୍ରୁପଗୁଡିକୁ ଡିଲଟ୍ କରିଦେଇଥିବା ଜଣାଯାଇଛି। ଏହି ସବୁ ଗ୍ରୁପ୍ ବଳରେ ମାଫିଆମାନେ ପ୍ରଶାସନ ଓ ପୁଲିସ ଅଧିକାରୀଙ୍କ ଗତିବିଧି ଉପରେ ସମସ୍ତ ତଥ୍ୟ ଆଦାନପ୍ରଦାନ କରୁଥିଲେ।

ଅପରପକ୍ଷେ, ଆଜି ମିଳିତ ଟାସ୍କଫୋର୍ସ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗଚ୍ଛିତ ବାଲି ଜବତ କରିଥିବା ବେଳେ ଗିରଫ ୩ ଅଭିଯୁକ୍ତଙ୍କଠାରୁ ବୟାନ ସଂଗ୍ରହ ପରେ ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନା ଥାଉ କି, ମଙ୍ଗଳବାର ବେତନଟୀ ତହସିଲଦାର ଚନ୍ଦ୍ରଜିତ୍ ବେହେରା ୨ଟି ପୃଥକ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରି ବେତନଟୀ ପୁଲିସକୁ ହସ୍ତାନ୍ତର କରିଥିବା ବେଳେ ମାଫିଆମାନେ ପ୍ରତିକ୍ରିୟାଶୀଳ ହୋଇ ତାଙ୍କୁ, ଚାଳକ ନୀହାର ରଞ୍ଜନ ବିଶ୍ୱାଳ ଓ ସୁପରଭାଇଜର୍ ସତ୍ୟବ୍ରତ ନାୟକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଚାଳକଙ୍କ ମୁଣ୍ଡ ଫାଟିଥିଲା। ପରେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ବେତନଟୀ ଏସଡିପିଓ ଓ ଥାନାଧିକାରୀ ଆକ୍ରମଣକାରୀଙ୍କୁ ଗିରଫ ପାଇଁ ଯୋଜନା କରିଥିଲେ। ଫେରାର ଥିବା ଅନ୍ୟ ଆକ୍ରମଣକାରୀ ଓ ଷଡଯନ୍ତ୍ରକାରୀଙ୍କୁ ମଧ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସଡିପିଓ ମିନତି ବିଶ୍ୱାଳ କହିଛନ୍ତି।

# ଇଣ୍ଡୋନେସିଆରେ ମାଡ଼ହେଲା ବାତ୍ୟା 'ସେନ୍‌ୟାର୍'

ଭୁବନେଶ୍ୱର,୨୬ ।୧୧(ସମିସ): ମଲାକ୍କା ସମୁଦ୍ରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଶେଷରେ ବାତ୍ୟା 'ସେନ୍‌ୟାର'ର ରୂପ ନେଇଛି। ଏହି ଲଘୁଚାପ ସୃଷ୍ଟି ହେବାଠାରୁ ଏହାର ଗତିପଥ ଓ ତୀବ୍ରତାକୁ ନେଇ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଲାଗି ରହିଥିବା ବେଳେ ବାତ୍ୟା ସୃଷ୍ଟି ହେବା ପରେ ମଧ ଏହାର ଆଚରଣକୁ ନେଇ କୌତୁହଳ ଲାଗି ରହିଛି। କାରଣ ଏହି ବାତ୍ୟା ସେନ୍‌ୟାର ଗୋଟିଏ ଦିନରେ ଇଣ୍ଡୋନେସିଆରେ ସ୍ଥଳ ଭାଗରେ ମାଡ଼ ହୋଇ ଦିଗ ପରିବର୍ତ୍ତନ କରି ପୁଣି ମଲ୍ଲାକା ଆଡ଼କୁ ଅଗ୍ରସର ହୋଇଛି। ଅନ୍ୟପଟେ ଏହି ବାତ୍ୟା ସ୍ଥଳଭାଗରେ ମାଡ଼ ହେବା ସହ ଦ୍ରୁତଗତିରେ ଦୁର୍ବଳ ହୋଇ ଚାଲିଛି। ପ୍ରଥମେ ଏହି ବାତ୍ୟା ଓଡ଼ିଶା-ଆନ୍ଧ୍ର ଆଡ଼କୁ ମୁହାଁଇବ ବୋଲି ମଡେଲ୍‌ଗୁଡ଼ିକ ଆକଳନ କରିଥିଲେ। ହେଲେ ପ୍ରାୟ ୪ ଦିନ ପର୍ଯ୍ୟନ୍ତ ଏହା ମଲ୍ଲାକା ସମୁଦ୍ରରୁ ବାହାରି ନ ପାରିବା ସହ ଶକ୍ତିଶାଳୀ ମଧ ହୋଇପାରି ନ ଥିଲା।

- ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ
- ଓଡ଼ିଶା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ

ଅନ୍ୟପଟେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଓ ତତ୍‌ସଂଲଗ୍ନ ଦକ୍ଷିଣ ଶ୍ରୀଲଙ୍କା ଓ ଭାରତ ମହାସାଗର ମଧ୍ୟରେ ଅନ୍ୟ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଏକ ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ଆଶା କରାଯାଉଛି। ଆଇଏମଡି ପୂର୍ବାନୁମାନ କରିଛି ଯେ ଏହା ନଭେମ୍ବର ୨୭ ସୁଦ୍ଧା ଏକ ଅବପାତରେ ପରିଣତ ହୋଇପାରେ। ଏହାର ପ୍ରଭାବରେ ଆଗାମୀ ଦୁଇ ଦିନ ମଧ୍ୟରେ ତାମିଲନାଡୁରେ ବର୍ଷା ଆଶଙ୍କା କରାଯାଉଛି। ଯଦି ଏହା ଆନ୍ଧ୍ର ଆଡ଼କୁ ଅଗ୍ରସର ହୁଏ, ତେବେ ରାଜ୍ୟର ଦକ୍ଷିଣ ଉପକୂଳବର୍ତ୍ତୀ କିଛି ଜିଲ୍ଲାରେ କାଁ ଭାଁ ବର୍ଷା ହୋଇପାରେ। ମାତ୍ର ଏହା ଆନ୍ଧ୍ର ଆଡ଼କୁ ଆସିବା ପୂର୍ବରୁ ଦୁର୍ବଳ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟ ଉପରେ ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ନାହିଁ। ତେଣୁ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୨-୩ ଡିଗ୍ରୀ ସେଲ୍‌ସିୟସ୍ ହ୍ରାସ ପାଇବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ପୁଣି ଥଣ୍ଡା ବଢ଼ିବାର ସମ୍ଭାବନା ରହିଛି।



ବୁଧବାର ରାଜଧାନୀରେ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ କମିସନରେଟ୍ ପୁଲିସ ପକ୍ଷରୁ କାର୍‌କେଡ୍ ରିହର୍ସାଲ୍

### ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା

# ଆଜିଠୁ ୩ ଦିନିଆ ରିମାଣ୍ଡରେ ୪ ଦଲାଲ

ଭୁବନେଶ୍ୱର, ୨୬ ।୧୧(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ତଦନ୍ତ ଜାରି ରହିଥିବାବେଳେ ଆସନ୍ତାକାଲି (ଗୁରୁବାର)ଠାରୁ ଆରମ୍ଭ ହେବ ରିମାଣ୍ଡ ପ୍ରକ୍ରିୟା। ପ୍ରଥମ ପର୍ଯ୍ୟାୟରେ ୪ ଦଲାଲ ଲୋକନାଥ ସାହୁ, ତଫିମ ଅହମ୍ମଦ ଖାନ, ବିଶ୍ୱଜିତ ହରିଚନ୍ଦନ ଓ ଏସ୍‌ଏସ୍‌ବି ଯବାନ ବିଶ୍ୱରଞ୍ଜନ ସେନାପତିଙ୍କୁ ରିମାଣ୍ଡରେ ନେଇ ସିବିଆଇ ମାରାଥନ୍ ଜେରା କରିବ। ଏମାନଙ୍କୁ ୪ ଦିନିଆ ରିମାଣ୍ଡରେ ନେବାକୁ ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଆବେଦନ କରାଯାଇଥିବାବେଳେ ୩ ଦିନିଆ ରିମାଣ୍ଡରେ ନେବାକୁ ଅଦାଲତ ଅନୁମତି ଦେଇଛନ୍ତି।

**ଜେରା ସମୟରେ ରହିବେ ଅଭିଯୁକ୍ତଙ୍କ ଓକିଲ**

ପ୍ରାଥମିକ ପର୍ଯ୍ୟାୟରେ ଏହି ୪ ଦଲାଲଙ୍କୁ ପଚରାଉଚୁରା କରି କିଛି ତଥ୍ୟ ହାସଲ କରିବାକୁ ସିବିଆଇ ଯୋଜନା କରିଛି। କିପରି ପରୀକ୍ଷାର୍ଥୀଙ୍କୁ ଯୋଗାଡ଼ କରୁଥିଲେ, କାହାକୁ ରିପୋର୍ଟିଂ କରୁଥିଲେ ଓ କାହାର ଭାଗ କେତେ ଥିଲା, ସେ ସମ୍ପର୍କରେ ତଥ୍ୟ ଓଗାଳିବ। ଜେରା ସମୟରେ ଅଭିଯୁକ୍ତଙ୍କ ଓକିଲ ମଧ ଉପସ୍ଥିତ ରହିବେ ବୋଲି ଜଣା ପଡ଼ିଛି। ସେମାନଙ୍କ ତଥ୍ୟ ଆଧାରରେ ଅନ୍ୟ ଦଲାଲଙ୍କୁ ରିମାଣ୍ଡରେ ଆଣି ଜେରା କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଜଣା ପଡ଼ିଛି। ସମସ୍ତ ତଥ୍ୟପ୍ରମାଣ ଯୋଗାଡ଼ କରିବା ପରେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ସିଲିକନ୍ ଟେକ୍‌ର ମାଲିକ ସୁରେଶ ନାୟକଙ୍କୁ ରିମାଣ୍ଡରେ ଅଣିବ। ଏଥିସହ ବସ୍ ଯୋଗାଇଥିବା ଟ୍ରାଭେଲ୍ସ ମ୍ୟାନେଜର୍ ଓ ମାଲିକଙ୍କୁ ଜେରା କରିବାକୁ ମଧ ସିବିଆଇ ଯୋଜନା କରୁଛି।

ଅପରପକ୍ଷରେ ଏହି ୪ ଦଲାଲ୍‌ଙ୍କ ସଂସ୍ପର୍ଶରେ ଥିବା ପରୀକ୍ଷାର୍ଥୀଙ୍କଠାରୁ ଅଧିକ ତଥ୍ୟ ସଂଗ୍ରହ ପାଇଁ ସିବିଆଇ ଅଧିକ ପରୀକ୍ଷାର୍ଥୀଙ୍କୁ ଜେରା କରିବା ପାଇଁ ଯୋଜନା କରିଛି। ଏହିକ୍ରମରେ ୧୫ରୁ ଅଧିକ ପରୀକ୍ଷାର୍ଥୀଙ୍କୁ ହାଜର ହେବାକୁ ସିବିଆଇ ନୋଟିସ କରିଛି।

# କରଞ୍ଜିଆ ଜେଲ୍‌ରେ କଏଦୀ ମୃତ୍ୟୁ

କରଞ୍ଜିଆ, ୨୬।୧୧(ସମିସ): କରଞ୍ଜିଆ ଉପକାରଗାରରେ ଜଣେ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, କରଞ୍ଜିଆ ଉପଖଣ୍ଡ ଫଗୁ ଗ୍ରାମର ଦେବେନ୍ଦ୍ର ନାୟକ (୫୦)। ୨୦୧୮ ମସିହାରେ ଏକ ଦୁଷ୍କର୍ମ ଅଭିଯୋଗରେ ଦଣ୍ଡିତ ହୋଇ ସେ ଜେଲ୍‌ରେ ଦଣ୍ଡ ଭୋଗୁଥିଲେ। ସେ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ କରଞ୍ଜିଆ ହସ୍ପିଟାଲ, ବାରିପଦା ମେଡିକାଲ, କଟକ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଗତକାଲି ସନ୍ଧ୍ୟାରେ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ କରଞ୍ଜିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶବକୁ ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପଠାଯାଇଛି ବୋଲି ଉପକାରାଗାର ଅଧୀକ୍ଷକ ସନ୍ତୋଷ କୁମାର ବାରିକ ସୂଚନା ଦେଇଛନ୍ତି।

### ବରଯାତ୍ରୀ ଶୋଭାଯାତ୍ରାରେ ଅଭାବନୀୟ ଘଟଣା

# ରୋଶଣୀ ଗାଡ଼ି ତଳେ ପଡ଼ି ବରପିତା ମୃତ

ବଲାଙ୍ଗିର, ୨୬ ।୧୧(ସମିସ): ବାଣୁଆ ଗୋଟିଏ ପରେ ଗୋଟିଏ ବାଣ ମାରି ଆକାଶ ରଙ୍ଗିନ କରି ଦେଉଥିଲା। ଅର୍କେଷ୍ଟ୍ରା ପାର୍ଟିଙ୍କ ହିଟ୍ ଗୀତ ସାଙ୍ଗକୁ ବରଯାତ୍ରୀଙ୍କ ନାଚରେ ଦାଣ୍ଡ ଦୁଲୁକି ଉଠୁଥିଲା। କିନ୍ତୁ, ରୋଶଣୀ ଗାଡ଼ି ଧକ୍କାରେ ବରପିତାଙ୍କ ମୃତ୍ୟୁ ହୋଇଯିବାରୁ କ୍ଷଣିକରେ ସବୁ ଓଲଟପାଲଟ ହୋଇଗଲା। ଖୁସିର ପରିବେଶ ଶୋକର ମାହୋଲରେ ପରିଣତ ହୋଇଗଲା। ବଲାଙ୍ଗିର ଜିଲ୍ଲା ମଣ୍ଡଳରେ ମଙ୍ଗଳବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ବଲାଙ୍ଗିର ସଦର ଥାନା ଆମପାଲି ଗାଁର ଚୈତନ୍ୟ ବାଗ। ଗୋଟିଏପଟେ ପୁଅ ନବବଧୂର ହାତ ଧରି ଘରକୁ ଫେରିଥିବା ବେଳେ ବାପା ଚୈତନ୍ୟଙ୍କ ଜୁଇ ଜଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ





ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଚୈତନ୍ୟଙ୍କ ପୁଅ ଦୁଃଖୀଶ୍ୟାମଙ୍କ ମଣ୍ଡଳ ଗାଁରେ ବିବାହ ସ୍ଥିର ହୋଇଥିଲା। ବରପକ୍ଷ ମଣ୍ଡଳ ଗାଁରେ ବେଶ୍ ଆଡ଼ମ୍ବର ସହ ପହଞ୍ଚିଥିଲେ। ଜଳପାନ ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ସମୟରେ ବରଯାତ୍ରୀ ରୋଶଣୀ ଗାଡ଼ି ହଠାତ ଦୁଇଜଣଙ୍କୁ ଧକ୍କା ଦେଇଥିଲା। ଏହି ଧକ୍କାରେ ଦୁଃଖୀଶ୍ୟାମଙ୍କ ବାପା ଚୈତନ୍ୟଙ୍କ ମୃତ୍ୟୁ ଘଟିଥିଲା। ଆଉ ଜଣେ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଉଭୟ ଆମପାଲି ଓ ମଣ୍ଡଳ ଗାଁରେ ଶୋକର ଛାୟା ଖେଳିଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଦିନକ ପରେ ନିଯୁକ୍ତିପତ୍ର ବାଣ୍ଟିଲେ ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୨୬ ।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ୍‌ରେ ୭୨୯୩ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବାର ଦିନକ ପରେ ଆଜି ସେହି କଳିଙ୍ଗ ଷ୍ଟାଡିୟମ୍‌ରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଉ ଏକ କାର୍ଯ୍ୟକ୍ରମ କରି ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ୩୪ଜଣଙ୍କୁ ଗ୍ରୁପ୍-ସି ଓ ଗ୍ରୁପ୍-ଡି ବର୍ଗରେ ଅନୁକମ୍ପାମୂଳକ ନିଯୁକ୍ତିପତ୍ର ଦେଇଛନ୍ତି। ଦୁଇ ଦିନରେ ସମାନ ସ୍ଥାନରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ପୃଥକ ଭାବେ ନିଯୁକ୍ତିପତ୍ର ବାଣ୍ଟିବାକୁ ନେଇ କ୍ଷମତା କୋରିଡରରେ କମ୍ପନ ସୃଷ୍ଟି ହୋଇଛି।

- ୩୪ଜଣଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି
- ବିଦେଶ ଶିକ୍ଷାବୃତ୍ତି ଯୋଜନା ଆରମ୍ଭ
- ଉଚ୍ଚଶିକ୍ଷା ପରିଷଦ କରିବ ଶୈକ୍ଷିକ ଅଡିଟ୍



ମଙ୍ଗଳବାର ଅନୁଷ୍ଠିତ ନିଯୁକ୍ତି ପର୍ବରେ ଉଚ୍ଚଶିକ୍ଷା ବିଭାଗରେ ନୂତନ ଭାବେ ନିଯୁକ୍ତ ହୋଇଥିବା ମୋଟ୍ ୭୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ତନ୍ମଧ୍ୟରେ ୩୬ ଜଣ କନିଷ୍ଠ ସହାୟକ, ୭ ଜଣ ପିଇଟି ଓ ୩୧ ଜଣ ଲାବୋରାଟୋରୀ ଆସିଷ୍ଟାଣ୍ଟ ନିଯୁକ୍ତ ହୋଇଛନ୍ତି। କନିଷ୍ଠ ସହାୟକ ପଦ ଗ୍ରୁପ୍-ସି ଏବଂ ଲାବୋରାଟୋରୀ ଆସିଷ୍ଟାଣ୍ଟ ଗ୍ରୁପ୍-ଡି ଅଧୀନରେ ଆସୁଛି।

ଏହା ସହିତ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ବିଦେଶ ଶିକ୍ଷାବୃତ୍ତି ଯୋଜନା' ଆରମ୍ଭ କରାଯାଇଛି। ଚଳିତ ଶିକ୍ଷାବର୍ଷରୁ ଏହା ଲାଗୁ ହେବ। ବିଦେଶରେ ଉଚ୍ଚଶିକ୍ଷା ଲାଭ କରୁଥିବା ଏବଂ ବାର୍ଷିକ ଆୟ ୧୨ଲକ୍ଷରୁ କମ୍ ଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନେ ଏଥିପାଇଁ ଆବେଦନ କରିପାରିବେ। ବିଶ୍ୱର ଶ୍ରେଷ୍ଠ ୨୦୦ କ୍ୟୁଏସ୍ ରାଙ୍କିଂ ମଧ୍ୟରେ ଥିବା ଶିକ୍ଷାନୁଷ୍ଠାନରେ ପିଜି ଓ ପିଏଚ୍‌ଡି ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତିରାଶି ପ୍ରଦାନ କରାଯିବ। ବର୍ଷକୁ ୨ ଥର ଅର୍ଥାତ୍ ଜୁଲାଇ- ଅଗଷ୍ଟ ଏବଂ ଡିସେମ୍ବର-ଜାନୁଆରୀ ମଧ୍ୟରେ ଆବେଦନ କରିପାରିବେ। ପ୍ରତିବର୍ଷ ୫୦ଜଣ ଛାତ୍ରଛାତ୍ରୀମାନଙ୍କୁ ଏହି ଶିକ୍ଷାବୃତ୍ତି ପ୍ରଦାନ କରାଯିବ। ତନ୍ମଧ୍ୟରେ ଇଞ୍ଜିନିୟରିଂ ଓ ବୈଷୟିକ ଶିକ୍ଷା ପାଇଁ ୧୦ ଜଣ ମେଡିକାଲ, କୃଷି, ଆରକିଟେକଚର ଓ ଅନ୍ୟାନ୍ୟ ବୈଷୟିକ ପାଠ୍ୟକ୍ରମ ପାଇଁ ୧୦ଜଣ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ପାଠ୍ୟକ୍ରମ ପାଇଁ ୩୦ଜଣଙ୍କୁ ବାର୍ଷିକ ସର୍ବାଧିକ ୨୫ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ।

ସେହିପରି ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ଏକାଡେମେିକ୍ ପରଫର୍ମାନ୍ସ ଅଡିଟ୍ ପାଇଁ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍‌ଏଚ୍‌ଇସି)କୁ କପି ରାଇଟ୍ ପ୍ରଦାନ କରାଯାଇଛି। ଫଳରେ ଉଚ୍ଚଶିକ୍ଷାନୁଷ୍ଠାନର ଶୈକ୍ଷିକ ମାନଦଣ୍ଡକୁ ସଠିକ ରୂପେ ଯାଞ୍ଚ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଏହାସହ ବିଦେଶ ଶିକ୍ଷା ବୃତ୍ତି ଯୋଜନା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ବିଦେଶରେ ଉଚ୍ଚଶିକ୍ଷା ସ୍ୱପ୍ନକୁ ସାକାର କରିବ ଏବଂ ଅର୍ଥ ବାଧକ ସାଜିବ ନାହିଁ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ସମେତ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ଓ ବହୁ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।

### ଟ୍ରକ୍ ଧକ୍କାରେ ସ୍କୁଟିଚାଳକ ମୃତ

# ଧକ୍କା ଦେଇ ୫୦୦ ମିଟର ଘୋଷାଡ଼ିନେଲା

ବୀରମହାରାଜପୁର/ତରଭା,୨୬।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସୋନପୁର ମୁଖ୍ୟ ରାସ୍ତା ଭୁଦୋବର ଢ଼ାବା ନିକଟରେ ଏକ ଟ୍ରକ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ବୀରମହାରାଜପୁର ଥାନା ଅନ୍ତର୍ଗତ କୁମୋରକେଲି ଗ୍ରାମର ଶରଦ ମହାପାତ୍ର (୬୫)। ସକାଳ ପ୍ରାୟ ୭ଟାରେ ଶରଦ



ତାଙ୍କ ଘର କୁମୋର୍କେଲି ଗାଁରୁ ସୁବର୍ଣ୍ଣପୁର ଅଭିମୁଖେ ତାଙ୍କ ସ୍କୁଟିରେ ଯାଉଥିଲେ। ଏହି ସମୟରେ ସୋନପୁର ପଟୁ ଆସୁଥିବା ଟ୍ରକ୍(ଓଡି ୧୫ ଏ ବି ୪୪୨୬) ଶରଦଙ୍କ ସ୍କୁଟିକୁ ଭୁଦୋବର ବୁଲାନି ରାସ୍ତା ଢ଼ାବା ନିକଟରେ ଧକ୍କା ଦେଇଥିଲା। ସ୍କୁଟି ଚାଳକ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯିବା ସହ ଟ୍ରକ୍ ଚକା ତଳେ ଚାପି ହୋଇଯାଇଥିଲେ। ଫଳରେ ଘଟଣା ସ୍ଥଳରେ ଶରଦଙ୍କ ମୃତ୍ୟୁ ହୋଇଥିଲା। ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

ଉତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବୀରମହାରାଜପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଲୋକମାନେ ଟ୍ରକ୍ ମାଲିକ ଆସି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଫଳରେ ବୀରମହାରାଜପୁରରୁ ସୋନପୁରକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବୀରମହାରାଜପୁର ଥାନା ଅଧିକାରୀଙ୍କ ସମେତ ଏସ୍‌ଡିପିଓ ହେମନ୍ତ ରାଓ, ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ତହସିଲଦାର ସୂଚୀସ୍ମିତା ପାଣିଗ୍ରାହି, ଅତିରିକ୍ତ ତହସିଦାର ସ୍ୱାଗତ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟୋକ୍ତ ଲୋକଙ୍କୁ ବୁଝାଇଥିଲେ। ଗାଡ଼ି ମାଲିକ ପ୍ରଥମେ କ୍ଷତି ପୂରଣ ଦେବାକୁ ମନା କରିଥିଲେ, ପରେ ୫୦ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ଉପସ୍ଥିତ ଅଧିକାରୀଙ୍କ ବୁଝାସୁଝା ପରେ ଲୋକମାନେ ରାସ୍ତା ଅବରୋଧରୁ ଓହରିଥିଲେ। ବୀରମହାରାଜପୁର ଅଗ୍ନିଶମ ବାହିନୀ ପହଞ୍ଚି ଶବକୁ ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ସରଦଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

## ବାଇକ ସହ ମଦ ଜବତ; ଦୁଇ ଗିରଫ

କୁଆମରା,୨୬।୧୧(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ଆଜି ଦୁଇ ଜଣଙ୍କୁ ଗିରଫ କରିବା ସହ ଏକ ବାଇକ ଜବତ କରିଛି। ମହ୍ଲାରପଦା ଗ୍ରାମର ନିମଚାନ୍ଦ ସୋରେନ (୩୮) ଏକ ବାଇକ୍‌ରେ ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟି ଅଞ୍ଚଳକୁ ମଦ ନେଇ ଆସୁଥିବା ବେଳେ ଦୁଲାସାହି ନିକଟରେ ଅବକାରୀ ବିଭାଗ ହାତରେ ଧରାପଡ଼ିଥିଲା। ପରେ ତା ଠାରୁ ୨୫ ଲିଟର ଦେଶୀ ମଦ ସହ ସଂପୃକ୍ତ ବାଇକ ଜବତ ହୋଇଛି। ସେହିପରି ବିରିପୁର ଅଞ୍ଚଳର ଚାପୁସାହିର ହେମାଙ୍ଗିନି ହେମ୍ବ୍ରମ (୩୦) ଘରେ ମଦ ବିକ୍ରି କରୁଥିବା ବେଳେ ଧରାପଡ଼ିଛନ୍ତି। ତାଙ୍କ ଠାରୁ ୧୪ ଲିଟର ଦେଶୀ ମଦ ଜବତ କରାଯାଇଛି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ନବମ ଶ୍ରେଣୀ ଛାତ୍ର ନିଖୋଜ ଅଭିଯୋଗ



ମହୁଲଡିହା,୨୬।୧୧(ସମିସ): ଠାକୁରମୁଣ୍ଡା ବ୍ଲକ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଭୈରଣିବେଡା ଗ୍ରାମରୁ ଜଣେ ୯ମ ଶ୍ରେଣୀର ନାବାଳକ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, ଖଣ୍ଡବନ୍ଧ ଗ୍ରାମ ପଞ୍ଚାୟତ ଭୈରଣିବେଡା ଗ୍ରାମର ବାବୁଲାଲ ମହାନ୍ତଙ୍କ ପୁତ୍ର ବିଶ୍ୱଜିତ (୧୪) ୧୮ ତାରିଖରେ ସ୍କୁଲକୁ ଯାଇ ଆଉ ଘରକୁ ଫେରି ନାହିଁ। ବାବୁଲାଲ ବନ୍ଧୁ ବାନ୍ଧବ ତଥା ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି କୌଣସି ସନ୍ଧାନ ନ ପାଇ ଠାକୁରମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବିଶ୍ୱଜିତର ବର୍ଣ୍ଣ ଗୋରା ଏବଂ ସେ ଘରୁ ଗଲାବେଳେ ଗୋଲାପି ରଙ୍ଗର ବ୍ୟାନିୟମ ପିନ୍ଧିଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲିମ ଶିବିର




କୁଳିଅଣା, ୨୬।୧୧(ସମିସ): କୁଳିଅଣା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ୪ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଆରସିସି ସରସ୍ୱତୀ ସିଂଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। କୁଳିଅଣା ବିଇଓ ରଶ୍ମିରଞ୍ଜନ ଗିରି ଶିବିରକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସାଧନ କର୍ମୀ ହାଡିବନ୍ଧୁ ଜେନା, ସୁମିତ୍ରା ଜେନା ଓ ରୂପଶ୍ରୀ ପାଗଳ ଚାରିଟି ପର୍ଯ୍ୟାୟରେ ୨୧୭ ଜଣଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ୟୁନିସେଫ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମରେ ପିଲାମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ କରିବା ସହିତ ଭବିଷ୍ୟତରେ ଜଣେ ସୁନାଗରିକ ଓ ସ୍ୱାବଲମ୍ବୀ ହେବା ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ।

## ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା



ରାସଗୋବିନ୍ଦପୁର,୨୬।୧୧(ସମିସ): ରାସଗୋବିନ୍ଦପୁର ବିନୋଦରାୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ବିଜୟ କୁମାର ପାଣିଗ୍ରାହୀ, ସରପଞ୍ଚ ସୁଧାଂଶୁ କୁମାର ନାଏକ, ଏବିଇଓ ତଥା ବିଆଆରସିସି ବିଜୟ କୁମାର ବାରିକ, ଏବିଇଓ ସୁକୁମାର ରାଉତ, ପିଏମ ଶ୍ରୀ ନଳଗଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମାଝୀ, ରାସଗୋବିନ୍ଦପୁର ବ୍ଲକ ବିଜ୍ଞାନ ସଂଯୋଜିକା ଚାନ୍ଦିନୀ ସେଠୀ, କାର୍ଯ୍ୟକ୍ରମ ପରିଚାଳନା ସମ୍ପାଦକ ଅଖିଳ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ମେଳାରେ ମୋଟ ୧୧୮ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ ସଭାରେ ଗୃହ ଓ ନଗର ଉନ୍ନୟନ ବିଭାଗୀୟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂ, ପ୍ରାକ୍ତନ ବିଧାୟକ କାନ୍ଦ୍ରା ସୋରେନ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ବିଇଓ ବିଜୟ କୁମାର ପାଣିଗ୍ରାହୀ, ଏବିଇଓ ବିଜୟ କୁମାର ବାରିକ, ସୁକୁମାର ରାଉତ, ଅଖିଳ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଯୋଗଦେଇ କୁନି କୁନି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନ ଶିକ୍ଷକ ସୁବ୍ରତ ଆଚାର୍ଯ୍ୟ ଏବଂ ଶିଶିର କୁମାର ନାୟକ ବିଚାରକ ଭାବେ ଯୋଗଦେଇ ୭ଟି ପ୍ରକଳ୍ପକୁ ଚୟନ କରିଥିଲେ। ଜିଲା ସ୍ତରରେ ହେବାକୁ ଥିବା ବିଜ୍ଞାନ ମେଳାକୁ ବନ୍ଧମୁଣ୍ଡି ୟୁପିଏସ ବିଦ୍ୟାଳୟରୁ ଜୟଦିତ୍ୟ ଗିରି, ସାଇସ୍ମୃତି କାମିଳା, ରାସଗୋବିନ୍ଦପୁର ବିନୋଦରାୟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ପିତା ମହାନ୍ତି (ୱେଷ୍ଟ ମେନେଜମେଣ୍ଟ), ତୋଟାପୋଡ଼ା ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ପ୍ରମୋଦିନୀ ସିଂ, ଚକାଡୋଲା ବିଦ୍ୟାପୀଠ ମାଣିକପୁର ବିଦୁସ୍ମିତା ମହାନ୍ତ, ଦରଖୋଲି ସରକାରୀ ୟୁପିଏସ ସାଇ ଶଙ୍କର ସାହୁ, କସାଫଳିଆ ସରକାରୀ ୟୁପିଏସର ଛାତ୍ର ଦିବ୍ୟଜ୍ୟୋତି ଚାନ୍ଦ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି।

# ବିକାଶର ଆଲୁଅ ଖୋଜୁଛି ଦୁଃଖର ଉପତ୍ୟକା ତେଣ୍ଡା





କପ୍ତିପଦା, ୨୬।୧୧(ସମିସ)

## ସାହିଲୋକେ ଦେଖିନାହାନ୍ତି ବିଜୁଳି ଆଲୁଅ; ନାଳପାଣି ଭରସା

ପ୍ରାକୃତିକ ପରିବେଶ ମଧ୍ୟରେ ବଢ଼ି ଆସିଥିବା ଅଞ୍ଚଳର ଜନସାଧାରଣ ଆଧୁନିକ ସଭ୍ୟତାଠୁ ବହୁ ଦୂରରେ। ଅନ୍ଧବିଶ୍ୱାସରେ ଏଠି ମଣିଷ ଅସହାୟ। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡି, ଡାହାଣୀ ଭଳି ଭୟଙ୍କର ଭାବନା ମଣିଷର ମନକୁ ଆଚ୍ଛିନ୍ନ କରି ରଖିଛି। ସଞ୍ଜ ନଇଁଲେ ଅନ୍ଧାର ଆଁ ଭିତରେ ଲୁଚିଯାଏ ଏହି ଗାଁ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ, ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କପ୍ତିପଦା ବ୍ଲକ ସରଡିହା ପଞ୍ଚାୟତ ତେଣ୍ଡାଗାଁରେ। ଶ୍ରୀପଦମଞ୍ଜରୀପୁରଠାରୁ ପାଦଚଲା ରାସ୍ତାରେ ୫କିମି ଗଲେ ପଡ଼େ ଦୁର୍ଗମ ଅଞ୍ଚଳ ତେଣ୍ଡା ଗାଁ। ଆକାଶର ଆଉଟା କିରଣ ପଡ଼ିଲେ ତରତର ହୁଏ ତେଣ୍ଡା। ଅନ୍ଧାରର ଆଁ ଭିତରୁ ବାହାରି ଏଠାକାର ମଣିଷମାନେ ଜୀବନକୁ ତଉଲନ୍ତି। ଜୀବନ ଏଠି ଯାତନାମୟ। ଖରାଦିନେ ଖଇରିଆ ଦିଶେ ଶୁଖୁଆପଟାର ପାହାଡରେ ଥିବା ତେଣ୍ଡା ଗାଁ। ବର୍ଷା ହେଲେ ଚନ୍ଦନ ନାଳରୁ ଉଜାଣି ଢେଉ ଗାଁକୁ ଧମକାଏ। ମାଟି କାମୁଡି ପଡିଥିବା ମଣିଷର ମୁହଁକୁ ନିରୀକ୍ଷଣ କଲେ କେବଳ ଭୋକ ହିଁ ଭୋକ। କଳମଗଡିଆ ପଞ୍ଚାୟତର ୫ନଂ ୱାର୍ଡରେ ୩୦ଟି ପରିବାର, ସରଡିହା ପଞ୍ଚାୟତର ୧୫ଟି ପରିବାର ବସବାସ କରନ୍ତି। ଏଠାକାର ଜନସଂଖ୍ୟା ୪୫୦। ବିଶେଷ କରି ଏହି ଗାଁରେ କୋହ୍ଲ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି। ଉକ୍ତ ଅଞ୍ଚଳକୁ ଲାଗି ରହିଛି କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ। ଏଠାରେ ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ ଅଙ୍ଗନବାଡ଼ିରୁ ପାଠପଢ଼ା ସରିଲେ ଶିକ୍ଷାରେ ଡୋରି ବନ୍ଧା ହୁଏ। ଏଠାରୁ ପ୍ରାୟ ୩ କିମି ଦୂର ଅଙ୍ଗନବାଡ଼ି। ଚୁଆ, ବିଲ, ନାଳପାଣି ଏମାନଙ୍କ ପାନୀୟ। ତେବେ ସବୁଠାରୁ ଦୁଃଖ ହେଉଛି ପାହାଡ଼ ଉପରେ ଥିବା ଚନ୍ଦନ ନାଳ। ଏହି ଗାଁକୁ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ନାଳରେ ପାଣି ଭର୍ତ୍ତି ହୋଇଗଲେ ଜଳବନ୍ଦୀ ଜୀବନ କାଟିବାକୁ ହୁଏ। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡି, କୁକୁଡ଼ା ବଳି ଭଳି କୁତ୍ସିତ ମାନସିକତା ଏବେ ବି ଏହି ଗାଁରେ ବଳବତ୍ତର ରହିଛି। କୌଣସି ରୋଗୀଙ୍କୁ ଡାକ୍ତରଖାନା ଆଣିବାକୁ ହେଲେ ସଙ୍ଗୀ ଭାର ହିଁ ଭରସା। ଭାଗ୍ୟଥିଲେ ଜୀବନ ଧରି ଗାଁକୁ ଫେରେ ରୋଗୀ। ବିଜୁଳି ଆଲୁଅର କଥା କେବେବି ଚିନ୍ତା କରିନାହାନ୍ତି ଜନ ସାଧାରଣ। ସ୍ୱାଧୀନତା ପରେ ବି ସର୍ବନିମ୍ନ ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି। ପୂର୍ବରୁ ଜଙ୍ଗଲଜାତ ଦ୍ରବ୍ୟ ଏମାନଙ୍କ ଜୀବନ ଜୀବିକା ଥିଲା। ଏବେ ସରକାରୀ କଟକଣା ଯୋଗୁଁ ୧୦କିମି ଯାଇ ଖଲିପତ୍ର ବିକ୍ରି କରିବା ସହିତ ଧାନଚାଷ ମୁଖ୍ୟ ଜୀବିକା ପାଲଟିଛି। ତେବେ ଅନିୟମିତତା ଯୋଗୁଁ ଧାନଚାଷ ପ୍ରଭାବିତ ହେଉଥିବାରୁ ନିକଟରେ ଥିବା ହଦଗଡ଼ ବନ୍ଧ ପାଣିରୁ ମାଛ ଧରି କେହିକେହି ଜୀବିକା ନିର୍ବାହ କରୁଛନ୍ତି। ତେବେ ସବୁ ଗ୍ରାମକୁ ପକ୍କା ସଡ଼କ, ସ୍ୱଚ୍ଛ ପାଣି, ବିଜୁଳି ଆଲୁଅର ସ୍ଲୋଗାନ ଦେଉଥିବା ସରକାର ତେଣ୍ଡାବାସୀଙ୍କ ପାଇଁ କେବଳ ନିର୍ବାଚନ ପ୍ରତିଶ୍ରୁତି ପରି। କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ କହନ୍ତି ଯେ, ଚନ୍ଦନ ନାଳରେ ସ୍ଥାୟୀ ପୋଲ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ପୋଲ ନିର୍ମାଣ ହେଲେ ଗ୍ରାମର ନିଶ୍ଚୟ ବିକାଶ ହେବ। ବିଡ଼ିଓ ରେଶମା ଟେଟେ କହନ୍ତି, ୨୭ତାରିଖରେ ଶରତଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ତେଣ୍ଡା ଗ୍ରାମର ଜନ ସାଧାରଣ ଜିଲ୍ଲାପାଳଙ୍କୁ ସାକ୍ଷାତକରି ଦୁଃଖ ଜଣାଇଥିଲେ। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକରେ ଏକ ଟିମ୍ ତେଣ୍ଡା ଯାଇ ସ୍ଥିତି ପରଖିଛନ୍ତି। ଖୁବଶୀଘ୍ର ବିଦ୍ୟୁତ ସଂଯୋଗ ଓ ପାନୀୟଜଳ ଯୋଗାଇ ଦେବା ସହିତ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଆଯିବ।

## ଜିଲ୍ଲାସ୍ତରୀୟ ସର୍ଗିଫୁଲ, ବିଜ୍ଞାନ ମେଳା ଉଦ୍‌ଯାପିତ

ବାରିପଦା, ୨୬ ।୧୧(ସମିସ): ରାଣୀଭୋଳ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଶିଶୁ ମହୋତ୍ସବ ସର୍ଗିଫୁଲ ତଥା ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ମୃତିଲିପି ସାହୁଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାଏକ, ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ସମ୍ମାନିତ ଅତିଥିଭାବେ ଶ୍ରୀମା' ମହିଳା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ମୁଖ୍ୟ ଡ. ଶିବନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ଅଜୟକୁମାର ଜେନା, ଜ୍ଞାନରଞ୍ଜନ ସାମଲ, ପ୍ରଧାନଶିକ୍ଷକ ହେମନ୍ତ କୁମାର କର ପ୍ରମୁଖ ମଞ୍ଚାସୀନ ହୋଇ କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ମୟୂରଭଞ୍ଜ ମଣ୍ଡଳ ଅନ୍ତର୍ଗତ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକରୁ ୬୮ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିରୁ ୬ଟି ସର୍ବୋତ୍ତମ ବିଜ୍ଞାନ ପ୍ରକଳ୍ପ ବିଚାରକଙ୍କ ଦ୍ୱାରା ମନୋନୀତ ହୋଇ ରାଜ୍ୟସ୍ତରକୁ ଉନ୍ନୀତ ହୋଇଛ। ସେହିପରି ତିନିଟି ଜିଲ୍ଲାରୁ ବାଳକ, ବାଳିକା ବର୍ଗରେ ମୋଟ ୧୪ଟି ଭଲିବଲ ଦଳ ଅଂଶ ଗ୍ରହଣ କରିଥିଲେ। ବାଳକ ବର୍ଗରେ ବାଲେଶ୍ୱର ଦଳ ଚାମ୍ପିଅନ ହୋଇଥିବାବେଳେ ରାଇରଙ୍ଗପୁର ଦଳ ରନର୍ସ ଅପ୍ ହୋଇଛି। ବାଳିକା ବର୍ଗରେ ରାଇରଙ୍ଗପୁର ଦଳ ଚମ୍ପିୟନ, ବାରିପଦା ଦଳ ରନର୍ସ ଅପ୍ ହୋଇ ଅତିଥିଙ୍କଠାରୁ ସାର୍ଟିଫିକେଟ ଓ ଟ୍ରଫି ଗ୍ରହଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ହେମନ୍ତ କର ଧନ୍ୟବାଦ ଦେଇଥିଲେ।



**୬ ବିଜ୍ଞାନ ପ୍ରକଳ୍ପ ରାଜ୍ୟସ୍ତରକୁ ଉନ୍ନୀତ**

## ଏମ୍‌ପିକେ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବାରିପଦା, ୨୬ ।୧୧(ସମିସ): ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରିସରରେ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୟ କୁମାର କଲିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ଡକ୍ଟର ସରୋଜ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସଶକ୍ତ ଭାରତ ଗଠନରେ କ୍ରୀଡାର ଭୂମିକା ବିଷୟରେ ଆଲୋଚନା କରିଥିଲେ। ପୂର୍ବତନ ଅଧକ୍ଷ ପ୍ରଫେସର ବନଜା ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ସଭାରେ ଶିକ୍ଷୟିତ୍ରୀ ମାଧୁରୀ ଦ୍ୱିବେଦୀ, ବିଶ୍ୱେଶର ଦ୍ୱିବେଦୀ, ପ୍ରଣତି ଦେ, ତନୁଶ୍ରୀ ପାଣି ସତ୍ୟବ୍ରତ ବାରିକ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଅନୁସ୍ମିତା ବାରିକ, ଅଲିଭା ସାମଲ, ଅର୍ଚ୍ଚନା ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଶିକ୍ଷକ ପ୍ରଶିକ୍ଷଣ




ବାରିପଦା,୨୬ ।୧୧(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ପଞ୍ଚ ଦିବସୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। "ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷଣା ପଦ୍ଧତିର ପ୍ରୟୋଗ ବିଧି' ଶୀର୍ଷକ କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଉଦଘାଟନ କରିଥିଲେ। ସେ କହିଥିଲେ ଯେ ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧ ଇତିହାସ ରହିଛି। ନିଷ୍ଠାପର ଗବେଷଣା ଓ ଉଦ୍ୟମ ଦ୍ୱାରା ତନ୍ମଧ୍ୟରେ ଥିବା ଅମୂଲ୍ୟ ରତ୍ନ ଉଦ୍ଧାର ହୋଇପାରିବ। ଗବେଷକମାନେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିପାରିଲେ ଭାଷାର ସୌକର୍ଯ୍ୟ ପ୍ରତିପାଦିତ ହୋଇପାରିବ ବୋଲି ସେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀର ପୂର୍ବତନ ଆବାହକ ତଥା କଟକସ୍ଥିତ କଳା ବିକାଶ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂ ଯୋଗଦେଇ କାର୍ଯ୍ୟ କାରଣ ସମନ୍ୱିତ ସନ୍ଦେହାତ୍ମକ ଭାବାବେଗରୁ ଗବେଷଣା ଜନ୍ମ। ସତ୍ୟାନୁସନ୍ଧାନ ନିମିତ୍ତ ବାସ୍ତବ ଗବେଷଣା ନିମିତ୍ତ ଅଧିକରୁ ଅଧିକ ଆଗ୍ରହୀ ଓ କଷ୍ଟସହିଷ୍ଣୁ ହେବା ପାଇଁ ସେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ପ୍ରେରଣା ଦେଇଥିଲେ। ବିଶିଷ୍ଟ କବି, ସମାଲୋଚକ ତଥା ସ୍ତମ୍ଭକାର ହରପ୍ରସାଦ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କୌଣସି ଗବେଷଣା କେବେ ବ୍ୟର୍ଥ ହୁଏ ନାହିଁ ବୋଲି କହିଥିଲେ। ଗବେଷକଙ୍କ ମଧ୍ୟରେ ଏକ ନାନ୍ଦନିକ ଭାବ ରହିବା ଆବଶ୍ୟକ। ବିଶ୍ୱର ୧୩୫ଟି ଭାଷା ମଧ୍ୟରେ ଓଡ଼ିଆ ୧୮ ନମ୍ବର ଭାଷା। ଓଡ଼ିଆ ଭାଷାକୁ ଏକ ନମ୍ବର କରିବାକୁ ହେଲେ ଏହାର ପରିଧି ବ୍ୟାପ୍ତ କରିବାକୁ ହେବ ଏବଂ ମୌଳିକ ଗବେଷଣାରେ ବ୍ରତୀ ହେବାକୁ ପଡ଼ିବ ବୋଲି ସେ କହିଥିଲେ। ବିଭାଗୀୟ ସଂଯୋଜକ ତଥା ଆବାହକ ଡ. ଶିଶିର ବେହେରା ପ୍ରଶିକ୍ଷଣ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ସହକାରୀ ପ୍ରଫେସର ଡ. ବିଚିତ୍ରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ସହକାରୀ ପ୍ରଫେସର ଡ. ବିନ୍ଧେଶରୀ କଲିଆ, ହୃଶୀକେଶ ମହାନ୍ତ ଓ ରାଜକୁମାର ପାତ୍ର, ପ୍ରଫେସର ରଣଜିତ କୁମାର ପରିଡ଼ା, ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରଫେସର ସନ୍ତୋଷ ତ୍ରିପାଠୀ, ପ୍ରଫେସର ନଟବର ଶତପଥୀ, ପ୍ରଫେସର ଗିରିଶଚନ୍ଦ୍ର ମିଶ୍ର, ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ଦୀପ୍ତି ରଞ୍ଜନ ପଟ୍ଟନାୟକ, ପ୍ରଫେସର ଗୌରାଙ୍ଗଚରଣ ଦାଶ ପ୍ରମୁଖ ବହୁ ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଦୁଇଟି ବ୍ଲକକୁ ନେଇ ଚାଲିଛି ଗୋଟିଏ ଥାନା

# ବଢୁଛି ଅପରାଧ




କୁଆମରା,୨୬।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ଓ ଖୁଣ୍ଟା ଦୁଇଟି ବ୍ଲକକୁ ନେଇ ଗୋଟିଏ ଥାନା ଚାଲୁଛି। ଫଳରେ ଏହି ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ଏହି ଦୁଇଟିଯାକ ବ୍ଲକରେ ଏବେ ଲୋକ ସଂଖ୍ୟା ଦେଢ ଲକ୍ଷରୁ ଊର୍ଦ୍ଧ୍ୱ। ପଶ୍ଚିମରେ ଶିମିଳିପାଳ ଓ ପୂର୍ବରେ ବାଲେଶ୍ୱରର ରେମୁଣା ଓ ନୀଳଗିରି ଥାନା ସୀମାନ୍ତ। ଗତ ୨୦୨୨ରୁ ଖୁଣ୍ଟା ଥାନା ଅଞ୍ଚଳରେ ରାହାଜାନି, ଚୋରି, ନାରୀ ନିର୍ଯାତନା ଓ ଅପହରଣ ମାମଲା ୮୦ ପ୍ରତିଶତ ରହିଛି। ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି। ଯୌତୁକ ନିର୍ଯାତନା ପାଇଁ ପାଞ୍ଚ ପ୍ରତିଶତ ମହିଳା ଏବେ ବାପ ଘରେ ଆଶ୍ରିତ। ସେହିପରି ନିଶା ପାଇଁ ମଧ୍ୟ ଅନେକ ଧନଜୀବନ ନଷ୍ଟ ହେଉଛି। ତେବେ ପ୍ରେମ ବିବାହ କ୍ଷେତ୍ରରେ ଅଧିକ ନିର୍ଯ୍ୟାତନା ଘଟୁଛି। ଅପହରଣ ମାମଲା ନେଇ ପୋଲିସର ମୁଣ୍ଡ ବ୍ୟଥା ବଢିଛି। ବିଶେଷକରି ନବମ ଶ୍ରେଣୀରୁ ଯୁକ୍ତ ଦୁଇ ପଢୁଥିବା ନାବାଳିକ ଛାତ୍ରୀଙ୍କ ଅପହରଣ ସଂଖ୍ୟା ମଧ୍ୟ ବଢି ଚାଲିଛି। ବିଦ୍ୟାଳୟ ଓ କଲେଜକୁ ଆସି ଅପହରଣ ହେଉଥିବା ମାମଲା ବର୍ଷକୁ ପ୍ରାୟ ୫୦ରୁ ଅଧିକ ରହିଛି। ମିଳିପାଳ ଅଭୟାରଣ୍ୟ ପାଇଁ କାଠ ଚୋର ଓ ଶିକାରୀଙ୍କ ଶିକାର ଜନିତ ମାମଲା ଏହି ଥାନା ଅଞ୍ଚଳରେ ସର୍ବାଧିକ। ସେଥି ମଧ୍ୟରୁ ପୁଲିସ କେତେକ ଉଦ୍ଧାର କରିଥିବା ବେଳେ ଆଉ କେତେକ ଫେରାର ଥିବାର ପୁଲିସ ରେକର୍ଡ କହୁଛି। ସେହିପରି ଚୋରି, ଡକାୟତ ଓ ରାହାଜାନି ବର୍ଷକୁ ବର୍ଷ ବୃଦ୍ଧି ପାଇ ଚାଲିଛି। ବିଭିନ୍ନ ସ୍ଥାନରେ ବେଆଇନ କୁକୁଡା ଲଢେଇ ଓ ଜୁଆ ଖେଳା ଯାଉଥିଲେ ମଧ୍ୟ ପୁଲିସ ନୀରା। ପ୍ରତି ବ୍ଲକରେ ଗୋଟିଏ ଥାନା ପ୍ରତିଷ୍ଠା ହେବ ଓ ଆବଶ୍ୟକ ସ୍ଥଳେ ବଡ ବଡ ବ୍ଲକରେ ଅଧିକ ଲୋକ ସଂଖ୍ୟା ଥିଲେ ଏକାଧିକ ଥାନା ପ୍ରତିଷ୍ଠା ହେବ ବୋଲି ଗତ ୨୦୦୮ ମସିହାରେ ତତ୍‌କାଳୀନ ରାଜ୍ୟ ସରକାର ଘୋଷଣା କରିଥିଲେ; କିନ୍ତୁ ଅବିଭକ୍ତ ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ଓ ଗୋପବନ୍ଧୁନଗରର ଦୁଇଟି ବ୍ଲକ ନିମନ୍ତେ ଗୋଟିଏ ଥାନା ରହିଛି। ଫଳରେ ପୁଲିସର କ୍ଷମତା ସଂକୁଚିତ ହେବା ଯୋଗୁଁ ବର୍ଷକୁ ବର୍ଷ ଅପରାଧ ବଢିବାରେ ଲାଗିଛି। ପ୍ରତି ବ୍ଲକର ମଧ୍ୟସ୍ଥଳରେ ଥାନା ପ୍ରତିଷ୍ଠା ହେବ ବୋଲି ସରକାର ଘୋଷଣା କରିଥିବା ବେଳେ ଏହି ଦୁଇ ବ୍ଲକର ଶେଷ ସୀମାରେ ଏହି ଥାନା ରହିଛି। ୨୦୧୮ ମସିହାରୁ ପ୍ରତି ବର୍ଷ ୪ଶହ ରୁ ଅଧିକ ମାମଲା ଡେଇଁଛି। ୨୦୨୦ରୁ ୨୨ ମଧ୍ୟରେ ଅଧିକ ଚୋରି ହୋଇଛି। ଥାନା ଠାରୁ ଉକ୍ତ ବ୍ଲକର ଶେଷ ସୀମା ୪୦କିମି ଯୋଗୁ ଜରୁରୀ ସମୟରେ ପୁଲିସ ସେବା ମିଳିବାରେ ବିଳମ୍ବ ହେଉଛି। ତେବେ ଦୁଇ ବ୍ଲକକୁ ପୁଲିସ ନିୟନ୍ତ୍ରଣରେ ରଖିବାକୁ ହେଲେ ଆବଶ୍ୟକ କର୍ମଚାରୀ ବି ନାହାନ୍ତି। ଗୋଟିଏ ମାତ୍ର ଗାଡି ଥିବାରୁ ରାତ୍ରିକାଳୀନ ପାଟ୍ରୋଲିଂ ଠିକ୍‌ଭାବେ ହୋଇପାରୁନାହିଁ। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଘଟୁଛି। ଗୋପବନ୍ଧୁନଗର ବ୍ଲକ ସୀମାକୁ ଲାଗି ନୀଳଗିରି, ବଡସାହି ବ୍ଲକ, ବାଲେଶ୍ୱର ଜିଲ୍ଲା ଓ ଜାତୀୟ ରାଜପଥ ରହିଛି। ଏଣୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ଏଠାରେ ଆଉ ଗୋଟିଏ ଥାନା ପ୍ରତିଷ୍ଠା କରିବାକୁ ସାଧାରଣରେ ଦାବି ହେଉଛି।

## ରରୁଆଁ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ଶୁକୃଳ, ୨୬।୧୧(ସମିସ): ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡ଼ଃ ବ୍ରଜବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରରୁଆଁ ବ୍ଲକ ଅଧକ୍ଷ୍ୟ ଅଜିତ ତିରିଆ, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ଶୁକୃଳି ବିଡ଼ିଓ ପ୍ରେମାନନ୍ଦ ବେହେରା, ଶୁକୃଳି ପ୍ରାଣୀ ଚିକିତ୍ସାଧିକାରୀ ବୁଦ୍ଧିରାମ ରାଉଳ, ବ୍ଲକ ମତ୍ସ୍ୟ ଅଧିକାରିଣୀ କ୍ଷୀରୋଦା ନାଏକ ପ୍ରମୁଖ ଯୋଗଦେଇ କୃଷକଙ୍କୁ ସରକାରୀ ଯୋଜନାର ଲାଭ ନେବାକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଶ୍ରୀ ଅନ୍ନ ଅଭିଯାନ ଷ୍ଟଲକୁ ଉଦଘାଟନ କରିଥିଲେ। ଶୁକୃଳି ପ୍ରାଣୀଧନ ଚିକିତ୍ସା ଅଧିକାରିଣୀ ଗାୟତ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସଫଳ କୃଷକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରରୁଆଁ ପ୍ରାଣୀ ଚିକିତ୍ସା ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ୨୮ରେ ବିଜ୍ଞାନମେଳା

କୁଆମରା,୨୬।୧୧(ସମିସ): ଆସନ୍ତା ୨୮ ତାରିଖରେ ଗୋପବନ୍ଧୁନଗର ବ୍ଲକ ସ୍ତରୀୟ ବିଜ୍ଞାନମେଳା ରାଣୀବନ୍ଧ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ବିଆରସିସି କୁଳମଣି ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମେଳାରେ ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଯୋଗଦେବେ। ବୈଠକରେ ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ କୃଷ୍ଣ ଚନ୍ଦ୍ର ସାହୁ, ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସେଠୀ, ପୂର୍ବତନ ସିଆରସିସି ସଞ୍ଜିତ କୁମାର ଦେ, ଦେବବ୍ରତ ବାରିକ ଉପସ୍ଥିତ ଥିଲେ।


BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

ଅସୁରକ୍ଷିତ ଅବସ୍ଥାରେ ଚାଲିଛି ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତିକରଣ

# ସପ୍ତାହକରେ ଘଟିଲାଣି ୫ ଦୁର୍ଘଟଣା





ଦୁର୍ଘଟଣା ପରେ ବ୍ୟାରିକେଡ୍ ଲଗାଇଲା ଠିକା ସଂସ୍ଥା

**ବିଶୋଇ, ୨୬ ।୧୧ (ଅମିତ ଦାସ)**

ସୁରକ୍ଷିତ ବ୍ୟବସ୍ଥାକୁ ଗୁରୁତ୍ୱ ନ ଦେଇ ୪୯ ନଂ ଜାତୀୟ ରାଜପଥ ସ୍ଥିତ ଦ୍ୱାରଶୁଣୀ ଘାଟିରେ ଚାଲିଛି ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ; ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ମରଣଯନ୍ତା ପାଲଟିଥିବା ଅଣଓସାରିଆ ଦ୍ୱାରଶୁଣୀ ଘାଟି ୪୯ ନଂ. ଜାତୀୟ ରାଜପଥକୁ ଦୁଇରୁ ଚାରି ଥାକିଆ ବିଶିଷ୍ଟ ରାସ୍ତା ପ୍ରଶସ୍ତିକରଣ କରିବା ପାଇଁ ଦୀର୍ଘ ବର୍ଷ ଧରି ସବୁ ମହଲରେ ଦାବି ହୋଇ ଆସୁଥିଲା। ଏହି ଦାବିକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱ ଦେଇ ପ୍ରଶସ୍ତିକରଣ ପାଇଁ ଆଗଭର ହୋଇଥିଲେ। ଏଥିପାଇଁ ୧୩୫ କୋଟି ଟଙ୍କା ଞ୍ଜୁର ହୋଇ ଗୁଜୁରାଟର ଏକ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏଥିପାଇଁ ଶିମିଳିପାଳ ଟାଇଗର ରିଜର୍ଭ ଏରିଆ ବଫରଜୋନ ମଧ୍ୟରେ ଥିବା ଏହି ୯ କିମି ଘାଟି ରାସ୍ତାରେ ୫ଟି ଅଣ୍ଡର ପାସ ସହିତ ୧୪ଟି ପ୍ରାଣୀ ଅଣ୍ଡରପାସ ନିର୍ମାଣ ହେବ। ସେହିପରି ଖଡ଼ମବେଡ଼ା ଡାକଚୋଟି ରାସ୍ତାରେ ଗୋଟିଏ ହାତୀ ଗଳାପୋଲ ଏବଂ ପ୍ରଶସ୍ତିକରଣ କାର୍ଯ୍ୟ ରହିଛି। ଗତ କିଛି ମାସ ପୂର୍ବରୁ ଏହି ଠିକା ସଂସ୍ଥା ଏହାର ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ କରିଛି। ଘାଟି ମଧ୍ୟରେ ପଥର ବ୍ଲାଷ୍ଟିଂ ସହିତ ରାସ୍ତାକୁ ଚଉଡ଼ା କରିବା ପାଇଁ ମାଟି ଖୋଳା କାର୍ଯ୍ୟ ମଧ ଚାଲିଛି। ତେବେ ଏହି ରାସ୍ତାରେ ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବା ସ୍ଥାନରେ କମ୍ପାନୀ ଦ୍ୱାରା ଆବଶ୍ୟକ ସୂଚନାଫଳକ କିମ୍ବା ବ୍ୟାରିକେଡ ବ୍ୟବସ୍ଥା ଉପରେ ଧ୍ୟାନ ନ ଦେବା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟୁଛି। କିଛି ସ୍ଥାନରେ ସାଂକେତିକ ବୋର୍ଡ ରହିଥିବା ବେଳେ କିଛି ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡାକଡି ନ ଥିବାରୁ ଟ୍ରକ ଚାଳକମାନେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଖୋଳା ଯାଇଥିବା ଗାତ ମଧ୍ୟକୁ ଓଲଟି ପଡୁଛନ୍ତି। ଗତ ୭ ଦିନ ମଧ୍ୟରେ ୫ଟି ଦୁର୍ଘଟଣା ଘଟିଥିବା ନଜିର ରହିଛି। ଦୁଇ ଦିନ ପୂର୍ବରୁ ଖଡ଼ମବେଡ଼ା ନିକଟରେ ରାସ୍ତା କଡରେ ଥିବା ଏକ ଗାତକୁ ଏକ ମାଲବାହୀ ଟ୍ରକ ଓଲଟି ପଡ଼ିଥିଲା। ଦୁର୍ଘଟଣା ଘଟିବା ପରେ ରାସ୍ତା ନିର୍ମାଣ ସଂସ୍ଥା ନିଜ ଦୋଷ ଲୁଚାଇବାକୁ ଯାଇ ତରବରିଆଭାବେ ବ୍ୟାରିକେଡ ଖଞ୍ଜି ଦେଇଥିଲେ। ମୁମ୍ବଇ-କଲିକତାକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତା ଦେଇ ଦୈନିକ ଶତାଧିକ ମାଲବାହୀ ଟ୍ରକ, ଯାତ୍ରୀ ବାହୀ ବସ୍ ଚାଳଚଳ କରିଥାଏ। ତେବେ ସୁରକ୍ଷା ବ୍ୟବସ୍ଥାକୁ ପଛରେ ପକାଇ ଦାୟିତ୍ୱହୀନତା ସହକାରେ ଏହି ରାସ୍ତା ନିର୍ମାଣ ଚାଲିଥିବା ଯୋଗୁଁ ଆଗାମୀ ଦିନରେ ବହୁ ଜନଜୀବନ ବିପଦ ଘେରକୁ ଟାଣି ହେବାର ଆଶଙ୍କା ରହିଛି।

## ମୟୂର ଏଣ୍ଟରପ୍ରାଇଜର୍ସକୁ ସର୍ବଭାରତୀୟ ପୁରସ୍କାର



**ବାରିପଦା, ୨୬ ।୧୧(ସମିସ):** ବାରିପଦାର ମୟୂର ଏଣ୍ଟରପ୍ରାଇଜର୍ସ ବୀମା ସେକ୍ଟରରେ ବ୍ୟାପକ ସଫଳତା ହାସଲ କରିଥିବାରୁ ସର୍ବଭାରତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୨୦୨୪-୨୫ ବର୍ଷରେ ଟ୍ରାକ୍ଟରର ବୀମା କ୍ଷେତ୍ରରେ ସାରା ଓଡ଼ିଶାର (ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ) ଦ୍ୱାରା ଆୟୋଜିତ ବୈଠକରେ ସର୍ବଭାରତୀୟ ସ୍ତରରେ ଯୋଗ୍ୟତା ହାସଲ କରିଛି। ସଙ୍ଗେ ସଙ୍ଗେ ଟ୍ରାକ୍ଟର ବୀମା କରିବା କ୍ଷେତ୍ରରେ ସାରା ଓଡ଼ିଶାର ଏକମାତ୍ର ଟ୍ରାକ୍ଟର ଡିଲର ହିସାବରେ ଭିଏତନାମର ହେନୋଇ ଠାରେ ହୋଇଥିବା ସମ୍ବର୍ଦ୍ଧନା ସଭାରେ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ମୟୂର ଏଣ୍ଟରପ୍ରାଇଜର୍ସର ମ୍ୟାନେଜିଙ୍ଗ ପାର୍ଟନର ସନତ କୁମାର ଦାଶ ଏବଂ ତାଙ୍କ ପତ୍ନୀ ଗ୍ରହଣ କରିଥିଲେ।

## ପିଇଓଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ




**ବାରିପଦା, ୨୬ ।୧୧(ସମିସ):** ଗ୍ରାମ୍ୟସ୍ତରରୁ ବିପର୍ଯ୍ୟୟ ପରିଚାଳନାକୁ ଅଧିକରୁ ଅଧିକ ସୁଦୃଢ କରିବା, ଗୋଷ୍ଠୀ ସହଭାଗିତା ବୃଦ୍ଧି ସହିତ ଗ୍ରାମ ଓ ପଞ୍ଚାୟତ ସ୍ତରରେ ଏହାର ସଫଳ ରୂପାୟନ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ। ଏଥି ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ୪୦୪ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ପ୍ରଦନା କରାଯାଇଛି। ଏହି ଶିବିର ଅତିରିକ୍ତ ଜିଲ୍ଲାପାଳ ଇଶ୍ୱରଚନ୍ଦ୍ର ନାଏକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନ ଜିଲ୍ଲା ଜରୁରୀକାଳୀନ ବିଭାଗ ତରଫରୁ ବିପର୍ଯ୍ୟୟ ପରିଚାଳନା କିଭଳି ଭାବରେ କରାଯାଇଥାଏ ସେ ନେଇ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ନାଏକ ଅସୁରକ୍ଷିତ ଗୋଷ୍ଠୀ ସମୂହର ଚିହ୍ନଟକରଣ, ଉପଯୁକ୍ତ ଯୋଜନା ପ୍ରସ୍ତୁତ, ଗୋଷ୍ଠୀ ସହଭାଗିତା, ଦକ୍ଷତା ବୃଦ୍ଧି ସହିତ ବିପର୍ଯ୍ୟୟ ପରିଚାଳନାରେ ନିଜର ଅଭିଜ୍ଞତା ବିଷୟରେ ବର୍ଣ୍ଣନା କରିଥିଲେ। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଦୁଇ ଦିନ ଧରି ହେବ ବୋଲି ଡିପିଓ ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ। ଓସଡମାର ସ୍ୱୀକୃତିପ୍ରାପ୍ତ ମାଷ୍ଟର ଟ୍ରେନର ମନୋଜ ଜେନା, ମହେନ୍ଦ୍ରନାଥ ସେନାପତି, ପ୍ରଦୀପ କୁମାର ଦାସମହାପାତ୍ର ଓ ପ୍ରଭାମଞ୍ଜରୀ ପଣ୍ଡା ତାଲିମ ଦେଇଥିଲେ। ଶିବିରରେ ୫୦ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶ ଗ୍ରହଣ କରିଥିଲେ।

## ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ବାରିପଦା, ୨୬ ।୧୧(ସମିସ):** ଆସନ୍ତା ଡିସେମ୍ବର ୧୩ ତାରିଖରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଜିଲ୍ଲା କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲା କୋର୍ଟ ବାରିପଦା ବ୍ୟତୀତ ଅନ୍ୟାନ୍ୟ ସ୍ଥାନ ଯଥା ତାଲୁକ ଆଇନ ସେବା ସମିତି କରଞ୍ଜିଆ, ରାଇରଙ୍ଗପୁର, ଉଦଳା, ବେତନଟୀ, ଯଶିପୁର, ଠାକୁରମୁଣ୍ଡା, ରାସଗୋବିନ୍ଦପୁର ଓ ମୋରଡାରେ ମଧ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ମାମଲା ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାର ଆପୋସ ସମାଧାନ ହୋଇପାରିବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ପୁରୁଣା ବିବାଦଗୁଡିକର ଆପୋଷ ସମାଧାନ କରାଇବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନିବେଦନ କରାଯାଇଛି।

## ଏମ୍‌ପିସି କଲେଜରେ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର




**ବାରିପଦା, ୨୬ ।୧୧(ସମିସ):** ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଯୁବ ରେଡକ୍ରସ, ଏନସିସି, ଏନଏସଏସ ଓ ରୋଭର୍ଷ ଆଣ୍ଡ ରେଞ୍ଜର୍ସ ମିଳିତ ଉଦ୍ୟମରେ ଓଏସଏପି ୫ମ ବାଟାଲିୟନ, ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଉଦଘାଟନ କରିଥିଲେ। ପଞ୍ଚମ ବାଟାଲିୟନର କମାଣ୍ଡଡାଣ୍ଟ ପ୍ରଶାନ୍ତ କୁମାର ନାୟକ ଉପସ୍ଥିତ ଛାତ୍ରଛାତ୍ରୀ ଓ କଲେଜର ସମସ୍ତ ବର୍ଗର କର୍ମଚାରୀଙ୍କୁ ଶିକ୍ଷା, ଶିକ୍ଷିତ ଓ ଜୀବନ ଓ ଜୀବିକା ଉପରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବକ୍ତୃତା ରଖିଥିଲେ। କଲେଜର ଯୁବ ରେଡକ୍ରସ କାଉନସେଲର ରାଇମଣି ମାର୍ଣ୍ଡି, ରୋଭର୍ଷ ଆଣ୍ଡ ରେଞ୍ଜର୍ସ ଅଫିସର ଡ ଦୀପକ କୁମାର ବେହେରା, ଏନଏସଏସ ଅଫିସର ଡ. ଅନାମ ଚରଣ ରାଉଳ, ଏନସିସି ଅଫିସର ଡ ନରେନ୍ଦ୍ର ପ୍ରସାଦ ବେହେରା, ଆକାଡେମିକ ବରସର ଡ ପ୍ରିୟବ୍ରତ ବେହେରା, ବିପର୍ଯ୍ୟୟ ପରିସ୍ଥିତିକୁ କେମିତି ମୁକାବିଲା କରିବେ ସେ ନେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅଫିସର ରଶ୍ମିତା ନାଏକ, ଅଲେକ୍ସ ହେମବ୍ରମ, ସୁପ୍ରିମ ମଣ୍ଡଳ ସହଯୋଗ କରିଥିଲେ। ଓଡ୍ରାଫର ମାଷ୍ଟର ଟ୍ରେନର ଅରୁଣ କୁମାର ମହାନ୍ତ ବିପର୍ଯ୍ୟୟ ପରିସ୍ଥିତିରେ କେମିତି ନିଜକୁ ସୁରକ୍ଷା ଦେବା ତାହା ଉପରେ ବିଭିନ୍ନ କୌଶଳ ପ୍ରଦର୍ଶନ କରି ସମସ୍ତଙ୍କୁ ଶିଖାଇଥିଲେ।

## ୩୦ଟି ଦୋକାନ ଗୃହ ଆବଣ୍ଟନ

**ବାରିପଦା, ୨୬ ।୧୧(ସମିସ):** ବାରିପଦା ପୌରପାଳିକା ପକ୍ଷରୁ ୩୦ଟି ଦୋକାନ ଗୃହ ଆବଣ୍ଟନ କରାଯାଇଛି। ପୌର କାର୍ଯ୍ୟାଳୟ ପରିସରରେ ଲଟେରୀ ମାଧ୍ୟମ ଆବଣ୍ଟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ଦେଉଳସାହି ସ୍ଥିତ ଶରତ ଚନ୍ଦ୍ର ବିଦ୍ୟାଳୟ ନିକଟସ୍ଥ ୧୮ଟି ଓ ଛଉ ପଡ଼ିଆ ନିକଟସ୍ଥ ଶ୍ରୀମା ମହିଳା ମହାବିଦ୍ୟାଳୟ ନିକଟସ୍ଥ ୧୨ଟି ଦୋକାନ ଗୃହକୁ ଆବଣ୍ଟନ କରାଯାଇଛି। ଉକ୍ତ ଦୋକାନ ଗୃହ ଗୁଡିକ ଦୀର୍ଘଦିନ ହେବ ନିର୍ମାଣ ହୋଇଥିବା ବେଳେ ଆବଣ୍ଟନ ହୋଇ ନ ଥିଲା। ଏନେଇ ବହୁ ଲୋକେ ଆବେଦନ କରିଥିଲେ। ଆଜି ଲଟେରୀ କରି ୩୦ଟି ଦୋକାନ ଗୃହକୁ ବଣ୍ଟନ କରାଯାଇଛି।

### ଏକ ଦିବସୀୟ ଆଲୋଚନାଚକ୍ର

## ଓଡ଼ିଶା ଭାଷା ସାହିତ୍ୟକୁ ମୟୂରଭଞ୍ଜର ଅବଦାନ ଅବର୍ଣ୍ଣନୀୟ



**ବାରିପଦା, ୨୬ ।୧୧(ସମିସ):** ସହିଦ ସ୍ମୃତି ଭବନରେ ଓଡ଼ିଶା ଭାଷା ସାହିତ୍ୟକୁ ମୟୂରଭଞ୍ଜର ଅବଦାନ ସମ୍ପର୍କିତ ଏକ ଦିବସୀୟ ଆଲୋଚନାଚକ୍ର ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଡ଼ ଶଶିଧର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଆକାଡେମୀର ସଦସ୍ୟ ଡ଼ ଶିରୀଶ ଚନ୍ଦ୍ର ଜେନା ବିଶିଷ୍ଟ ସାହିତ୍ୟକ ଭଞ୍ଜମାଟିର ଭଞ୍ଜଗାଥାର ଅତୀତ ଓ ବର୍ତ୍ତମାନ ସମ୍ପର୍କୀୟ ଆଲୋଚନା ଓଡ଼ିଆ ଭାଷା ସାହିତ୍ୟ ଆକାଡେମୀର ସହ ସମ୍ପାଦକ ସଞ୍ଜୟ କୁମାର ଛୁଆଳ ସଂଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟ ସହିତ ମୟୂରଭଞ୍ଜର ପୂର୍ଣ୍ଣଚନ୍ଦ୍ର ଭାଷା କୋଷ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସାହିତ୍ୟ କୃତୀ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟଅତିଥି ଭାବେ ଡ଼ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ସାହିତ୍ୟକୁ ଲେଖିବା ବୁଝିବା ଏତେ ସହଜ ନୁହେଁ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧକ୍ଷ ଶ୍ରୀନିବାସ ଭଞ୍ଜ ଯୋଗଦେଇ ମୟୂରଭଞ୍ଜ ମାଟିର କବି, ଲେଖକ, ସାହିତ୍ୟିକଙ୍କୁ ଉଚିତ ମର୍ଯ୍ୟାଦା ମିଳିବା ସହିତ ନାଟକକୁ ପ୍ରଶଂସା କରିଥିଲେ। ସଭାର ମୁଖ୍ୟ ଭାବେ ପ୍ରାକ୍ତନ ଅଧକ୍ଷା ଡ଼ ପୁଷ୍ପା ପାତ୍ର ନାଟକ ଓ ସାହିତ୍ୟର ଧାରାକୁ ଉଚ୍ଚ ପ୍ରଶଂସାଚରିଥିଲେ। ଏହି ଅବସରରେ କବି ଓ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅଧାପକ ସନ୍ଦୀପ କୁମାର ଚାନ୍ଦଙ୍କ ଅଧକ୍ଷତାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ଗୋପାଳ ଚନ୍ଦ୍ର ସାଓ ଓ କବିୟିତ୍ରୀ ବୀଣାପାଣି ପଣ୍ଡା କବିତା ସଂଯୋଜନା କରିଥିଲେ। ଶେଷରେ ନାଟ୍ୟ ରୂପାନ୍ତର ତରଫରୁ ସାହିତ୍ୟକୁ ସମାଜ ସେବା, କଳାକାର ଓ ବିଭିନ୍ନ ସଂଗଠନର ମୁଖ୍ୟକୁ ନାଟ୍ୟ ରୂପାନ୍ତରର ମୁଖ୍ୟ ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ ତଥା ନାଟ୍ୟର ସହ ସମ୍ପାଦକ ସତ୍ୟନାରାୟଣ ଦାସ ଓ ନାଟ୍ୟ ରୂପାନ୍ତରର ସଦସ୍ୟ ସଦସ୍ୟାଙ୍କ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା କଲେଜର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ବାରିପଦା, ୨୬ ।୧୧(ସମିସ):** ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀ ସଭାରେ ଅଧକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଶିକ୍ଷକଙ୍କ ପାଇଁ କ୍ରୀଡାର ଉପଯୋଗୀତା ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅତିଥିଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇ ବକ୍ତବ୍ୟ ଉପସ୍ଥାପ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡା ଅଧ୍ୟାପକ ଧ୍ରୁବଚରଣ ମାଳିକଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତାରେ ସହକାରୀ ପ୍ରଫେସର ଡକ୍ଟର କେ ଲକ୍ଷ୍ମୀ ସେନାପତି, ଡକ୍ଟର ଚିତ୍ରସେନ ସେଠୀ, ନବୀନ କୁମାର ନାଏକ, ଅଦୈତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ପ୍ରଫେସର ସରୋଜ କୁମାର ଦାସ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ବର୍ଷ ଛାତ୍ରମାନେ ଦଳଗତ ଚାମ୍ପିୟନ ହୋଇଥିଲେ। ସେହିପରି ବ୍ୟକ୍ତିଗତ ବାଳକ ବିଭାଗରେ କ୍ଷିତୀଶ କୁମାର ବାରିକ ଓ ବାଳିକା ବିଭାଗରେ ପୁଷ୍ପଲତା ନାଏକ ଚାମ୍ପିଅନ ହୋଇଛନ୍ତି।

## ଏଏଲ୍‌ସି କ୍ୟାରିଅର ଲ୍ୟାଣ୍ଡର ଆକାଡେମୀ ଉଦ୍‌ଘାଟିତ



**ବାରିପଦା: ୨୬ ।୧୧(ସମିସ):** ବାରିପଦା ଦାରଗାଡାହିରେ କ୍ୟାରିଅର୍ ଲ୍ୟାଣ୍ଡର ଆକାଡେମୀ (ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ) ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କେନ୍ଦ୍ରକୁ ଉଦଘାଟନ କରିଥିଲେ। ତାଙ୍କ ସହିତ ପୂର୍ବତନ ବୈଶିଙ୍ଗା ବିଧାୟକ କାହ୍ନା ସୋରେନ ମଧ ଉପସ୍ଥିତ ଥିଲେ। କ୍ୟାରିଅର ଲାଣ୍ଡର୍ ଏକାଡେମୀ ବାରିପଦାରେ ନୂଆ କମ୍ପ୍ୟୁଟର ଶିକ୍ଷାର ସୁଯୋଗର ଦ୍ୱାର ଖୋଲି ଦେଇଛି। ଯେଉଁଥିରେ କି ଓକେସିଏଲର ବିଭିନ୍ନ କୋର୍ସ ବ୍ୟତୀତ ଜାଭା ପ୍ରୋଗ୍ରାମିଙ୍ଗ ପାଇଥନ ପ୍ରୋଗ୍ରାମିଂ ଆଦି କୋର୍ସର ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ସ୍ଥାନୀୟ ଲୋକଙ୍କ ମଧ୍ୟରେ କମ୍ପ୍ୟୁଟର ସାକ୍ଷରତା ହାର ବୃଦ୍ଧି କରିବାରେ ଏହି କେନ୍ଦ୍ର ସହାୟକ ହେବ। ଏଠାରେ କମ୍ପ୍ୟୁଟର ଶିକ୍ଷା ବ୍ୟତୀତ ଏଠାରେ ସ୍ପୋକେନ୍ ଇଂଲିଶ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ପ୍ରଶିକ୍ଷଣ ଦିଆଯାଇଥାଏ। କାର୍ଯ୍ୟକ୍ରମରେ କେନ୍ଦ୍ରର ବାବୁଲାଲ ଟୁଡୁ (ମୁଖ୍ୟ ପରିଚାଳକ), ଅଜୟ କୁମାର ଜେନା (ଲର୍ଣ୍ଣର ଫେସିଲିଟର, ପରୀକ୍ଷା ନିୟନ୍ତ୍ରକ), ସଞ୍ଜିତ ପଲେଇ (କୋର୍ସ କର୍ଡିନେଟର ଓ ଶିକ୍ଷକ) ପ୍ରମୁଖ ଉପସ୍ଥିତ ଥିଲେ।

## ଡିଗ୍ରୀ କଲେଜରେ ସମ୍ବିଧାନ ଦିବସ ପାଳିତ

**ବାରିପଦା, ୨୬ ।୧୧(ସମିସ):** ଭଞ୍ଜପୁରସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ପ୍ରବୋଧ କୁମାର ଦେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବିଧାନର ଦାୟିତ୍ୱବୋଧ ଓ ନୀତି ପାଳନ କରିବା ପାଇଁ ଶପଥପାଠ କରାଇଥିଲେ। ଉକ୍ତ ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ ରାଜନୀତି ବିଜ୍ଞାନର ଅଧ୍ୟାପିକା ଜସ୍ମିନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ

## ସମ୍ବିଧାନ ଦେଶର ଆତ୍ମା; ସମସ୍ତେ ଜାଣିବା ଆବଶ୍ୟକ



**ବାରିପଦା, ୨୬ ।୧୧(ସମିସ):** ବୁଧବାର ମୟୂରଭଞ୍ଜ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାଏକଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଦିବସ ଆମ ଦେଶବାସୀଙ୍କ ପାଇଁ ଏକ ମହତ୍ୱପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ଦିନ। ଗତ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଡ଼କ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ସଭାପତିତ୍ୱରେ ପ୍ରସ୍ତୁତ ହୋଇଥିବା ପୃଥିବୀର ସର୍ବବୃହତ ସମ୍ବିଧାନକୁ ଅଙ୍ଗିକାର କରିବାକୁ ସହମତି ପ୍ରକାଶ କରିଥିଲୁ ଏବଂ ଏହି ସମ୍ବିଧାନ ହେଉଛି ଆମ ଦେଶର ଆଶା ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ତାଙ୍କ ଅଭିଭାଷଣରେ ବ୍ୟକ୍ତ କରିଥିଲେ। ଏହି ସର୍ବ ବୃହତ ସମ୍ବିଧାନକୁ ସଂଗେ ସଂଗେ ପଢ଼ି ବୁଝିବା କଷ୍ଟକର। କିନ୍ତୁ ଆମେ ସମସ୍ତେ ଆମ ଦେଶର ଆଶାକୁ ଜାଣିବା ଉଚିତ। ସମ୍ବିଧାନର ପ୍ରଥମ ଅନୁଚ୍ଛେଦରେ ଥିବା ପ୍ରସ୍ତାବନାକୁ ଯଦି ଆମେ ଭଲ ଭାବରେ ବ୍ୟାଖ୍ୟା କରିବା ତେବେ ଆମେ ଆମ ଦେଶର ସମ୍ପୂର୍ଣ୍ଣ ଶାସନ ବ୍ୟବସ୍ଥା ସମ୍ବନ୍ଧରେ ଜାଣିପାରିବା। ଏହାପରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବିଧାନର ପ୍ରସ୍ତାବନାକୁ ପାଠ କରାଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଏ ଆଇଟିଡିଏ କପ୍ତିପଦା, କରଞ୍ଜିଆ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନର ଡେପୁଟି କଲେକଟର, ସହକାରୀ ଜିଲ୍ଲାପାଳ ଓ କର୍ମଚାରୀ ସମ୍ବିଧାନର ପ୍ରସ୍ତାବନାକୁ ପାଠ କରିଥିଲେ।


## କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗଦେଲେ ଓଏଭି ଶିକ୍ଷକଶିକ୍ଷୟିତ୍ରୀ

**ରାସଗୋବିନ୍ଦପୁର, ୨୬।୧୧(ସମିସ)**




ରାସଗୋବିନ୍ଦପୁର ବ୍ଲକ ମହୁଲିଆଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ତୃତୀୟ ଦିନରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳଙ୍କୁ ୧୩ ଦଫା ସମ୍ବଳିତ ଏକ ଦାବିପତ୍ର ଦେବା ସହିତ ବିଧାୟକଙ୍କ ଦ୍ୱାରସ୍ଥ ହୋଇଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ଏହି ଶିକ୍ଷକମାନେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କଳାବ୍ୟାଜ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଓଏଭି ଛାତ୍ରଛାତ୍ରୀଙ୍କୁ ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି, ନିଟ୍ ଏବଂ ଜେଇଇ ପରୀକ୍ଷାରେ ୧୫% ସ୍ଥାନ ସଂରକ୍ଷଣ, ଓଏଭି କର୍ମଚାରୀଙ୍କୁ ପୂର୍ଣ୍ଣ ସରକାରୀ ମାନ୍ୟତା, ୟୁନିଫର୍ମ କ୍ୟାଡ଼ର ମାନ୍ୟତା, ଶାରୀରିକ ଶିକ୍ଷା, ସଙ୍ଗୀତ, ଏବଂ କମ୍ପ୍ୟୁଟର ଶିକ୍ଷକଙ୍କୁ ସମାନ କାମକୁ ସମାନ ଦରମା ପାଇଁ ୪୬୦୦ ଗ୍ରେଡ଼ ପେ, ପ୍ରତ୍ୟେକ ବିଦ୍ୟାଳୟରେ ସାଇନ୍ସ କମର୍ସ ଭଳି କଳା ବିଭାଗ ଖୋଲିବା, ଓଡ଼ିଆ, ହିନ୍ଦୀ, ସଂସ୍କୃତ ବିଷୟ ପାଇଁ ପିଜିଟି ପଦବୀ ସୃଷ୍ଟି କରିବା, ଆର୍ଟ ଶିକ୍ଷକ ପାଇଁ ଟିଜିଟି ଭିଜୁଆଲ ଆର୍ଟ ମାନ୍ୟତା ଦେବା, ଓଏଭି କର୍ମଚାରୀଙ୍କ ସନ୍ତାନ ପାଇଁ ପ୍ରବେଶ ହେତୁ ବିଶେଷ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିବା ଆଦି ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଯଦି ସମସ୍ୟାର ସମାଧାନ ନ ହୁଏ ତାହେଲେ ଡିସେମ୍ବର ୮ ତାରିଖରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ରାଜ୍ୟ ସଭାପତି ରିପୁଦମନ ମିଶ୍ର ଏବଂ ରାଜ୍ୟ ସମ୍ପାଦକ ସୁଭାଶିଷ ଦାସ ସୂଚନା ଦେଇଛନ୍ତି।

# ସମ୍ପାଦକୀୟ



ପ୍ରଗତି ପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ । ତେଣୁ ପୁରୁଷ, ମହିଳା ନିର୍ବିଶେଷରେ ଏହା ସମସ୍ତଙ୍କୁ ଦିଆଯିବା ଉଚିତ ।

-ଶ୍ରୀ ନାରାୟଣ ଗୁରୁ

ସକାଳ
THE SAKALA

## ପ୍ରତିଶ୍ରୁତି – ପ୍ରତାରଣା

ଧାନ ସଂଗ୍ରହକୁ ନେଇ ଚାଷୀ, ମିଲର ଓ ସରକାରଙ୍କ ମଧ୍ୟରେ ଚାଲିଥିବା ଟଣାଓଟରାରୁ ପରିଲକ୍ଷିତ ଅବ୍ୟବସ୍ଥା ବାରି ହୋଇପଡୁଛି । ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଥିବା ଚାଷୀଙ୍କ ସଂଖ୍ୟା ୧୯ ଲକ୍ଷକୁ ବୃଦ୍ଧି ପାଇଛି । ସେହି ଅନୁପାତରେ ସରକାର ମଧ୍ୟ ଧାନ ସଂଗ୍ରହ ଲକ୍ଷ୍ୟ ବଢ଼ାଇଛନ୍ତି । କିନ୍ତୁ ଅସଲରେ ଧାନର ସୁରକ୍ଷିତ ଭଣ୍ଡାରଣର ଅଭାବ ପରିସ୍ଥିତିକୁ ଜଟିଳ କରିଛି । ସରକାର ଏହି ଦାୟିତ୍ୱ ମିଲରଙ୍କୁ ଦେଇ ନିଶ୍ଚିନ୍ତ ହୋଇ ପଡ଼ିଥିବା ବେଳେ ସେମାନେ ଏବେ ହାତ ଟେକି ଦେଇଛନ୍ତି । ଡିସେମ୍ବର ୨୫ ରୁ ଖରିଫ ବିପଣନ ଋତୁ ଆରମ୍ଭ ହେବ ବୋଲି ସରକାରୀ ସ୍ତରରେ ଘୋଷଣା କରାଯାଇଥିବା ବେଳେ ସମ୍ବଲପୁର ଓ ବରଗଡ଼ ଚାଷୀଙ୍କ ଚାପର ବଶବର୍ତ୍ତୀ ହୋଇ ସେଠାରେ ଆସନ୍ତା ୨୮ ରୁ ଧାନ ସଂଗ୍ରହ ହେଉଥିବାର ସୂଚନା ମିଳିଛି । ଅଥଚ ମିଲର ସଂଘ ଧାନ ସଂଗ୍ରହ ପ୍ରକ୍ରିୟାରୁ ଦୂରେଇ ରହିବ ବୋଲି ସ୍ପଷ୍ଟ କରିଦେଇଛି । ସେମାନଙ୍କ ଦାବି ମଧ୍ୟ ଅଯୌକ୍ତିକ ନୁହେଁ ।

ଏବେ ମୁଖ୍ୟ ସମସ୍ୟା ହେଉଛି ଭାରତ ଖାଦ୍ୟ ନିଗମ ରାଜ୍ୟରୁ ଚାଉଳ ଉଠାଇ ନଥିବାରୁ ମିଲରଙ୍କୁ ବଳକା ଚାଉଳ ବୋଝ ହୋଇପଡ଼ିଛି । ଏହି ସମସ୍ୟା ଆଜିର ନୁହେଁ । କେନ୍ଦ୍ରର ଅସହଯୋଗ ଯୋଗୁଁ ପୂର୍ବ ସରକାର ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ । ସରକାରଙ୍କୁ କଠୋର ସମାଲୋଚନା କରୁଥିବା ତତ୍କାଳୀନ ବିରୋଧୀ ଦଳ ଏବେ କ୍ଷମତାରେ । ଏବେ ତ ଡବଲ ଇଞ୍ଜିନ ସରକାର । ଅସୁବିଧା କେଉଁଠି? କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଖାଦ୍ୟ ନିଗମର ସେଭଳି ସକ୍ରିୟତା ଅନୁଭୂତ ହେଉନଥିବାରୁ ସମସ୍ୟା ଯେଉଁଠି ଥିଲା ସେହିଠି ଅଟକି ରହିଛି । ପରିସ୍ଥିତି ଏପରି ହୋଇଛି ଯେ ଏପର୍ଯ୍ୟନ୍ତ ଗତ ଖରିଫ ଋତୁରେ ସଂଗୃହୀତ ଧାନର ମିଲିଂ ସରିନି । ଅଥଚ ରବି ଋତୁ ଧାନ ଆସି ମିଲରେ ଗଦା ହୋଇପଡ଼ିଛି । ଧାନ ମିଲିଂ ହୋଇଗଲେ ଚାଉଳ ଅଧିକ ଦିନ ମହଜୁଦ କରିବା ସମ୍ଭବ ନୁହେଁ । ନଷ୍ଟ ହୋଇଯିବାର ସ୍ଥିତିକୁ ଦୃଷ୍ଟିରେ ରଖି ମିଲର ଉଦ୍ଦେଶ୍ୟମୂଳକ ଭାବେ ଏଦିଗରେ ବିଳମ୍ବିତ ପ୍ରକ୍ରିୟାକୁ ଆଦରି ନେଇଛନ୍ତି । ତେବେ ଏବର ସମସ୍ୟା ହେଲା, ମିଲର କେଉଁଠି କେତେ ବା ଧାନ ଭଣ୍ଡାରଣ କରି ରଖିବ? ଅନ୍ୟପକ୍ଷରେ ଗଚ୍ଛିତ ଧାନର ରକ୍ଷଣାବେକ୍ଷଣା ପାଇଁ ସରକାର କ୍ୱିଣ୍ଟାଲ ପିଛା ୭.୨୦ ଟଙ୍କା ଦେବାର ପ୍ରାବଧାନ ଥିଲେ ମଧ୍ୟ ଗତ ଦୁଇବର୍ଷ ଧରି ସେମାନଙ୍କୁ ଏବାବଦ ଅର୍ଥ ମିଳିନି । ସେହିଭଳି କଷ୍ଟମ ମିଲିଂ ଦର ବୃଦ୍ଧି ପ୍ରତିଶ୍ରୁତି ଋତୁ ପରେ ଋତୁ ଅତିକ୍ରମ କରୁଥିଲେ ମଧ୍ୟ ତାହା ମିଳୁ ନାହିଁ । ଚାଷୀଙ୍କ ପକ୍ଷରୁ ଧାନ ସଂଗ୍ରହ ବେଳେ କଟନୀ ଛଟନୀ ଅଭିଯୋଗ କିଛି ନୂଆ ନୁହେଁ । ସରକାର ଓ ମିଲରଙ୍କ ଏହି ସଲାସୁତୁରାକୁ ଓଲଟାଇ ଦେଇଛନ୍ତି ସମବାୟ ମନ୍ତ୍ରୀ । ବିଚିତ୍ର କଥା, କଟନୀ ଛଟନୀ କରି କ'ଣ ଚାଷୀ ନିଜ ଗୋଡ଼ରେ କୁରାଢ଼ୀ ଚୋଟ ମାରୁଛି?

ଏହି ବିବାଦର ମୂଳ ମଞ୍ଜି ହେଉଛି ଖାଦ୍ୟ ନିଗମର ଅସହଯୋଗିତା । କେନ୍ଦ୍ର ସରକାରଙ୍କ ବିନା ଇଙ୍ଗିତରେ କ'ଣ ଏହା ଚାଲିଛି? କେନ୍ଦ୍ର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଚାଉଳ ଉଠୁନି । ଖାଦ୍ୟ ନିଗମକୁ ଉଦ୍ଦେଶ୍ୟମୂଳକ ଭାବେ ଦୁର୍ବଳ କରି ସଂପୂର୍ଣ୍ଣ ରୂପେ ବାଦ କରିଦେବାର ଉପକ୍ରମ ଆରମ୍ଭ ହୋଇଛି । ପ୍ରତ୍ୟାହତ ହୋଇଥିବା କୃଷି ବିଲରୁ ସ୍ପଷ୍ଟ ଯେ ସଂଗ୍ରହ ଓ ବିପଣନ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଇଥା'ନ୍ତା । ତାହା ହିଁ ଆଗକୁ ହେବ ।

## ଟ୍ରମ୍ପଙ୍କ ପ୍ରଭାବ ହ୍ରାସ

ବିକଶିତ ଓ ବିକାଶଶୀଳ ରାଷ୍ଟ୍ରଙ୍କ ମଧ୍ୟରେ ମତ ବିନିମୟ, ପାରସ୍ପରିକ ବୁଝାମଣା ଓ ଆର୍ଥିକ ସହଯୋଗିତାର ସର୍ବବୃହତ୍ ମଞ୍ଚ ଜି – ୨୦ । ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଶିଖର ସମ୍ମିଳନୀକୁ ପରବର୍ତ୍ତୀ ଅଧ୍ୟକ୍ଷ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାସନ୍ଦ ଓ ଅନୁପସ୍ଥିତି ସେପରି ପ୍ରଭାବିତ କରିପାରିନାହିଁ । ସମ୍ମିଳନୀରେ ଯୋଗଦେଇଥିବା ବିଶ୍ୱ ପ୍ରମୁଖ ନେତୃତ୍ୱଙ୍କ ଟ୍ରମ୍ପଙ୍କ ପ୍ରତି ମନୋଭାବରେ ପରିଲକ୍ଷିତ ବିଦ୍ୱେଷ ବାରି ହୋଇପଡ଼ିଥିଲା । ସତେଯେମିତି କିଛି ଘଟିନି । ପ୍ରତିକ୍ରିୟାଶୂନ୍ୟ ପରିବେଶରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମାଫୋସାଙ୍କ ଅଧ୍ୟକ୍ଷତାରେ ନିବାଧା ଓ ନିର୍ବିଘ୍ନରେ ସମ୍ମିଳନୀ ଉଦ୍‌ଘାଟନ ଓ ଉଦ୍‌ଯାପନ ହୋଇଥିଲା । ଏପରିକି ଜାରି ହୋଇଥିବା ଘୋଷଣାନାମାକୁ ନିରଙ୍କୁଶ ସମର୍ଥନ ମିଳିଥିଲା ।

ସମ୍ମିଳନୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଜି – ୨୦ ର ପରବର୍ତ୍ତୀ ଅଧ୍ୟକ୍ଷ ଆମେରିକାକୁ ଅନୁଷ୍ଠାନିକ ଗାବେଲ୍ ପ୍ରଦାନ କରାଯାଇନାହିଁ । ଅନୁପସ୍ଥିତ ରାଷ୍ଟ୍ରପତି ଟ୍ରମ୍ପ ସମ୍ମିଳନୀର ଗୁରୁତ୍ୱ ଦୃଷ୍ଟିରୁ ଜଣେ ପ୍ରତିନିଧିସ୍ତରୀୟ ନେତାଙ୍କୁ ଯୋଗଦେବା ପାଇଁ ପଠାଇବାର ସର୍ବନିମ୍ନ ସୌଜନ୍ୟ ମଧ୍ୟ ରକ୍ଷା କରି ନାହାନ୍ତି । ତେଣୁ ଆମେରିକା ଦୂତାବାସର ଜଣେ କନିଷ୍ଠ ଅଧିକାରୀଙ୍କୁ ଗାବେଲ୍ ହସ୍ତାନ୍ତର କରିବାକୁ ରୋକଠୋକ ମନା କରିଦେଇଥିଲେ ରାମାଫୋସା । ଦକ୍ଷିଣ ଆଫ୍ରିକା ବୈଦେଶିକ ମନ୍ତ୍ରୀ ଏକ ସ୍ପଷ୍ଟୀକରଣରେ କହିଛନ୍ତି ଯେ ଗାବେଲ ହସ୍ତାନ୍ତର ପାଇଁ ଆଉ ଔପଚାରିକ କାର୍ଯ୍ୟକ୍ରମ ହେବ ନାହିଁ । ଆମେରିକା ଚାହିଁଲେ ବିଦେଶ ମନ୍ତ୍ରାଳୟରୁ ଗାବେଲ ସହ ଜି-୨୦ କାଗଜପତ୍ର ନେଇପାରିବ । ଏଭଳି ଏକ ସର୍ବବୃହତ ଆନ୍ତର୍ଜାତିକ ଫୋରମରେ ଔପଚାରିକ ଦାୟିତ୍ୱ ହସ୍ତାନ୍ତରକୁ ନେଇ ଯାହା ଘଟିଗଲା ତାହାର ଔଚିତ୍ୟ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇପାରେ । ହ୍ୱାଇଟ ହାଉସ ଉପସଚିବ ଆନ୍ନା କେଲି କହିଛନ୍ତି ଯେ ଜି-୨୦ ଗାବେଲ୍ ହସ୍ତାନ୍ତର ନକରି ଦକ୍ଷିଣ ଆଫ୍ରିକା ଭୁଲ କରିଛି । ଏଥିରୁ ସ୍ପଷ୍ଟ ଯେ ଆମେରିକା ଏହି ଘଟଣାରେ କ୍ଷୁବ୍ଧ । କିଏ ଭୁଲ, କିଏ ଠିକ୍ ତାହା ତ ଭିନ୍ନ କଥା । ତେବେ ଟ୍ରମ୍ପଙ୍କୁ ନେଇ ଅସନ୍ତୁଷ୍ଟ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ପ୍ରତିକ୍ରିୟା ଉପସ୍ଥିତ ନେତୃବର୍ଗଙ୍କ ମଧ୍ୟରେ ନୂଆ ଚମକ ସୃଷ୍ଟି କରିଥିଲା । ଆମେରିକାକୁ ବାଦ ଦେଇ ଅବଶିଷ୍ଟ ବିଶ୍ୱ ସଂପର୍କରେ ଚିନ୍ତା କରିବାର ସମୟ ଏବେ ଉପସ୍ଥିତ । ବିଶ୍ୱ ଅର୍ଥନୀତି ଏବେ କଡ଼ ଲେଉଟାଉ ଥିବାବେଳେ ଆମର ଦୃଷ୍ଟିଭଙ୍ଗୀ ବଦଳିବା ଉଚିତ ବୋଲି ତାଙ୍କର ଅନମନୀୟ ଉଚ୍ଚାରଣ ପ୍ରତି ବହୁ ରାଷ୍ଟ୍ରନେତାଙ୍କ ସମର୍ଥନ ଥିବା ଭଳି ମନେ ହୋଇଥିଲା । ସମ୍ମିଳନୀ ପ୍ରେକ୍ଷାପଟ୍ଟରେ ଭାରତ, ଅଷ୍ଟ୍ରେଲିଆ ଓ କାନାଡ଼ା ମଧ୍ୟରେ ବୈଷୟିକ ସହଯୋଗର କ୍ଷେତ୍ର ପ୍ରସ୍ତୁତି ଏବଂ ଭାରତ–କାନାଡ଼ା ମଧ୍ୟରେ ୭୦ ବିଲିୟନ ଡଲାର ବାଣିଜ୍ୟର ଭିତ୍ତିଭୂମି ପ୍ରତିଷ୍ଠା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

ୟୁକ୍ରେନ ଓ ରୁଷ ମଧ୍ୟରେ ସନ୍ଧି ପାଇଁ ଟ୍ରମ୍ପ ଯେଉଁ ୨୮ ସୂତ୍ରୀ ଶାନ୍ତି ପ୍ରସ୍ତାବ ରଖିଛନ୍ତି ତାହାକୁ ନେଇ ମଧ୍ୟ ୟୁରୋପରେ ବିବାଦ ମୁଣ୍ଡ ଟେକିଛି । ପରୋକ୍ଷରେ ଏହା ୟୁକ୍ରେନର ଆତ୍ମସମର୍ପଣ । ଟ୍ରମ୍ପଙ୍କ ପକ୍ଷରୁ ଏଥିନେଇ ପଡୁଥିବା ଚାପ ବିରୋଧରେ ନିର୍ଦ୍ଧାରିତ ସମୟସୀମା ଶେଷ ହୋଇ ଆସୁଥିବା ବେଳେ ଟ୍ରମ୍ପ ବିରୋଧୀ ପ୍ରତିକ୍ରିୟା ଦିନକୁ ଦିନ ତୀବ୍ର ହେବାରେ ଲାଗିଛି ।

# ସଂରକ୍ଷିତ ଜୈବମଣ୍ଡଳ: ପ୍ରକୃତି ସଂରକ୍ଷଣର ଅଭିନବ ପରିକଳ୍ପନା

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ସଂରକ୍ଷିତ ଜୈବମଣ୍ଡଳ ହେଉଛି ସାମାଜିକ ଓ ପରିବେଶଗତ ବ୍ୟବସ୍ଥା ମଧ୍ୟରେ ପାରସ୍ପରିକ ପ୍ରକ୍ରିୟାର ଏକ ପରିସଂସ୍ଥା, ଯେଉଁଥିରେ ଜୈବମଣ୍ଡଳ ଓ ପ୍ରାକୃତିକ ସମ୍ପଦର ଯଥୋଚିତ ପରିଚାଳନା ପାଇଁ ସ୍ଥାନୀୟ ସମ୍ପ୍ରଦାୟର ଅଂଶଗ୍ରହଣର ବ୍ୟବସ୍ଥା ରହିଛି । ଏହା ତିନୋଟି ଜୋନ୍ ବା ଅଞ୍ଚଳକୁ ନେଇ ଗଠିତ । ଯଥା କୋର୍, ବଫର ଓ ଟ୍ରାଞ୍ଜିସନ୍ । କୋର୍ ଅଞ୍ଚଳ (କେନ୍ଦ୍ରାଞ୍ଚଳ) ବନ୍ୟ ପ୍ରାଣୀ ଓ ଜୈବବିବିଧତା, ଭୂଦୃଶ୍ୟ ଓ ପରିସଂସ୍ଥାର ସଂରକ୍ଷଣ ପାଇଁ କଡ଼ାକଡ଼ି ଭାବରେ ସୁରକ୍ଷିତ, ଗବେଷଣା କାର୍ଯ୍ୟକଳାପ ବ୍ୟତୀତ କୌଣସି ମାନବ ହସ୍ତକ୍ଷେପକୁ ଅନୁମତି ଦିଆଯାଏ ନାହିଁ । କୋର୍ ଅଞ୍ଚଳର ଚତୁଃପାର୍ଶ୍ୱ କିମ୍ବା ସଂଲଗ୍ନ ଅଞ୍ଚଳ ହେଉଛି ପେରିଫେରି ବା ବାହ୍ୟାଞ୍ଚଳ ଜୈବବିବିଧତା ସଂରକ୍ଷଣ, ସୁଦୃଢ଼ ପରିବେଶ ଅନୁକୂଳ ସୁସଙ୍ଗତ କାର୍ଯ୍ୟକଳାପ, ବୈଜ୍ଞାନିକ ଗବେଷଣା, ତଦାରଖ, ତାଲିମ ଓ ଶିକ୍ଷା ପାଇଁ ବ୍ୟବହୃତ ହୁଏ । ପେରିଫେରିର ବାହ୍ୟ ଅଞ୍ଚଳକୁ ଟ୍ରାଞ୍ଜିସନ୍ ବା ଉପବାହ୍ୟାଞ୍ଚଳ କୁହାଯାଏ, ଯେଉଁଠାରେ ସ୍ଥାନୀୟ ସମ୍ପ୍ରଦାୟ ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ସାମାଜିକ-ସାଂସ୍କୃତିକ ଓ ପରିବେଶ ଅନୁକୂଳ କାର୍ଯ୍ୟକ୍ରମ କରିପାରିବେ, ଯାହା ସେମାନଙ୍କ ସ୍ଥାୟୀ ଆର୍ଥିକ ଓ ସାମାଜିକ ଜୀବନ ଅତିବାହିତ କରିବାକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ । କିନ୍ତୁ ବାଣିଜ୍ୟିକ ଉଦ୍ଦେଶ୍ୟ ସାଧନ ପାଇଁ ନୁହେଁ । ଏଠାରେ ପାରମ୍ପରିକ ପ୍ରାକୃତିକ ସମ୍ପଦ-ଭିତ୍ତିକ ଆର୍ଥିକ କାର୍ଯ୍ୟକଳାପ ଓ କୁଟୀର ଶିଳ୍ପର ପରିସର ଯଥେଷ୍ଟ ରହିଛି । ପେରିଫେରି ଓ ଟ୍ରାଞ୍ଜିସନ୍ କ୍ଷେତ୍ର ଉଭୟରେ ପ୍ରତିବନ୍ଧିତ ପର୍ଯ୍ୟଟନକୁ ଅନୁମତି ଦିଆଯାଇପାରେ । ସଂରକ୍ଷିତ ଜୈବମଣ୍ଡଳର ମୂଳ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକୁ ଟ୍ରାଞ୍ଜିସନ୍ ଜୋନ୍‌ରେ ସେମାନଙ୍କର ଜୀବିକା ଅର୍ଜନ କରିବାକୁ ସକ୍ଷମ କରିବା ପାଇଁ ସୁଯୋଗ ସୃଷ୍ଟି କରିବା, ଯାହା ଦ୍ୱାରା ସେମାନଙ୍କୁ ବନ୍ୟପ୍ରାଣୀଙ୍କ ସହିତ ନିଜ ଜୀବନକୁ ବିପଦରେ ପକାଇ କୋର୍ ଅଞ୍ଚଳରେ ପ୍ରବେଶ କରିବାକୁ ପଡ଼ିବ ନାହିଁ । ଏହି ଜୋନରେ ବିକଳ୍ପ ଜୀବିକା, ପରିବେଶ-ବିକାଶ କାର୍ଯ୍ୟକଳାପ ଏବଂ ସ୍ଥାୟୀ ସମ୍ବଳ ପରିଚାଳନାକୁ ପ୍ରୋତ୍ସାହିତ କରି ଏହି ଯୋଜନା ମୁଖ୍ୟ ବନ୍ୟପ୍ରାଣୀ ଘନ କୋର ଜୋନ ଉପରେ ମାନବୀୟ ଚାପ ହ୍ରାସ କରିବାରେ ସାହାଯ୍ୟ କରେ ।

ବନ୍ୟଜୀବ ସଂରକ୍ଷଣ ଓ ପରିସଂସ୍ଥୀୟ ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରକୃତିର ସୁରକ୍ଷା ଅତ୍ୟନ୍ତ ଜରୁରୀ । ଜାତୀୟ ବନ୍ୟଜୀବ ଉଦ୍ୟାନ, ବନ୍ୟଜୀବ ଅଭୟାରଣ୍ୟ ଓ ଜୈବମଣ୍ଡଳ ସଂରକ୍ଷଣ ଭଳି ସଂରକ୍ଷିତ କ୍ଷେତ୍ରଗୁଡ଼ିକୁ ସେମାନଙ୍କର ପ୍ରାକୃତିକ ପରିସଂସ୍ଥାରେ ଜୈବବିବିଧତାକୁ ସୁରକ୍ଷା ଦେବା ପାଇଁ ସାରା ବିଶ୍ୱରେ ସୃଷ୍ଟି କରାଯାଇଛି । ତଥାପି, ଅନେକ ସମୟରେ ଏହି ଯୋଜନାଗୁଡ଼ିକର ପରିସର ଅସ୍ପଷ୍ଟ । ଏହି ତିନୋଟି ବନ୍ୟଜୀବ ସଂରକ୍ଷଣ ଯୋଜନାର ମୂଳ ଲକ୍ଷ୍ୟ ହେଉଛି ବନ୍ୟଜୀବ ଓ ପ୍ରକୃତି ସଂରକ୍ଷଣ କରିବା । ତେବେ ପ୍ରତ୍ୟେକଟିର ନୀତି, ନିୟମ ଓ କାର୍ଯ୍ୟକଳାପରେ ଭିନ୍ନତା ରହିଛି । ଜାତୀୟ ଉଦ୍ୟାନରେ କଠୋର ନିୟମ ରହିଥିବା ବେଳେ ଅଭୟାରଣ୍ୟରେ ଏହି ନିୟମ କୋହଳ । ଯଥା ପାରମ୍ପରିକ କୃଷି, ଜୈବିକ କୃଷି, ବନ୍ୟଜାତ କାଠ, ପତ୍ର, ପୁଷ୍ପ, ଫଳ, ମୂଳ, ମହୁ ଇତ୍ୟାଦି ସଂଗ୍ରହ କରିବା ସମେତ ସୀମିତ ମାନବ କାର୍ଯ୍ୟକଳାପକୁ ଅନୁମତି ଦିଆଯାଏ । ସଂରକ୍ଷିତ ଜୈବମଣ୍ଡଳରେ ଆଉ ପାଦେ ଆଗକୁ ଯାଇ ସ୍ଥାନୀୟ ସମ୍ପ୍ରଦାୟଙ୍କ ଅଂଶଗ୍ରହଣ ମାଧ୍ୟମରେ ପ୍ରକୃତି ସଂରକ୍ଷଣ ସହିତ ସ୍ଥାୟୀ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ଦେବା ।

ସେପ୍ଟେମ୍ବର ୨୦୨୫ ସୁଦ୍ଧା ବିଶ୍ୱର ସମସ୍ତ ଅଞ୍ଚଳରେ ଅବସ୍ଥିତ ୧୪୨ଟି ଦେଶରେ (୨୫ ଟି ଆନ୍ତଃସୀମା ସ୍ଥାନ ସହିତ) ୭୮୪ ଟି ସଂରକ୍ଷିତ ଜୈବମଣ୍ଡଳ ନେଟୱାର୍କରେ ଅନ୍ତର୍ଭୁକ୍ତ ଅଛି । ଭାରତରେ ମୋଟ ୧୮ ଟି ଏଭଳି ଅଞ୍ଚଳ ରହିଛି । ନୀଳଗିରି ସଂରକ୍ଷିତ ଜୈବମଣ୍ଡଳ(ନୀଳଗିରିର ନୀଳ ପର୍ବତମାଳା- ତାମିଲନାଡୁ, କର୍ଣ୍ଣାଟକ ଓ କେରଳରେ ବିସ୍ତାରିତ) ହେଉଛି ଭାରତର ପ୍ରଥମ ସଂରକ୍ଷିତ ଜୈବମଣ୍ଡଳ, ଯାହା ୧୯୮୬ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଅନ୍ୟ ସଂରକ୍ଷିତ ଜୈବମଣ୍ଡଳଗୁଡ଼ିକ ହେଉଛି ନନ୍ଦା ଦେବୀ(ଉତ୍ତରାଖଣ୍ଡ, ୧୯୮୮ ମସିହାରେ ପ୍ରତିଷ୍ଠିତ), ନୋକ୍ରେକ (ମେଘାଳୟ, ୧୯୮୮ରେ ପ୍ରତିଷ୍ଠିତ), ମନ୍ନାର ଉପସାଗର (ତାମିଲନାଡୁ, ୧୯୮୯ ରେ ପ୍ରତିଷ୍ଠିତ), ସୁନ୍ଦରବନ (ପଶ୍ଚିମବଙ୍ଗ, ୧୯୮୯ ରେ ପ୍ରତିଷ୍ଠିତ), ମାନସ (ଆସାମ, ୧୯୮୯ ରେ ପ୍ରତିଷ୍ଠିତ), ଗ୍ରେଟ ନିକୋବର (ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ୧୯୮୯ରେ ପ୍ରତିଷ୍ଠିତ), ଶିମିଳିପାଳ (ଓଡ଼ିଶା, ୧୯୯୪ ରେ ପ୍ରତିଷ୍ଠିତ), ଦିବ୍ରୁ ସାଇଖୋୱା (ଆସାମ, ୧୯୯୭ରେ ପ୍ରତିଷ୍ଠିତ), ଦିହାଙ୍ଗ-ଦିବାଙ୍ଗ (ଅରୁଣାଞ୍ଚଳ ପ୍ରଦେଶ, ୧୯୯୮ରେ ପ୍ରତିଷ୍ଠିତ), ପଚମାଢ଼ି (ମଧ୍ୟପ୍ରଦେଶ, ୧୯୯୯ରେ ପ୍ରତିଷ୍ଠିତ), ଖଙ୍ଗଚେଣ୍ଡଜୋଙ୍ଗା (ସିକିମ, ୨୦୦୦ରେ ପ୍ରତିଷ୍ଠିତ), ଅଗସ୍ତ୍ୟମାଳା (କେରଳ ଓ ତାମିଲନାଡୁ, ୨୦୦୧ରେ ପ୍ରତିଷ୍ଠିତ), ଆଚନକମାର-ଅମରକଣ୍ଟକ (ମଧ୍ୟପ୍ରଦେଶ ଓ ଛତିଶଗଡ଼, ୨୦୦୫ରେ ପ୍ରତିଷ୍ଠିତ), ଗ୍ରେଟ୍ ରନ ଅଫ୍ କଛ (ଗୁଜରାଟ, ୨୦୦୮ ର ପ୍ରତିଷ୍ଠିତ), କୋଲ୍ଡ ଡେଜର୍ଟ (ହିମାଚଳ ପ୍ରଦେଶ, ୨୦୦୯ରେ ପ୍ରତିଷ୍ଠିତ), ଶେଷାଚଲମ (ଆନ୍ଧ୍ରପ୍ରଦେଶ, ୨୦୧୦ରେ ପ୍ରତିଷ୍ଠିତ) ଏବଂ ପାନ୍ନା (ମଧ୍ୟପ୍ରଦେଶ, ୨୦୧୧ରେ ପ୍ରତିଷ୍ଠିତ) । ଏହି ସଂରକ୍ଷିତ ଜୈବମଣ୍ଡଳଗୁଡ଼ିକ ପର୍ବତ ଓ ଜଙ୍ଗଲଠାରୁ ଉପକୂଳ ଓ ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ବିବିଧ ଭୂଦୃଶ୍ୟରେ ବିସ୍ତାରିତ, ଯାହା ଭାରତର ପରିବେଶଗତ ସମୃଦ୍ଧି ଓ ସ୍ଥାନୀୟ ସମ୍ପ୍ରଦାୟକୁ ସମର୍ଥନ କରିବା ସହିତ ଜୈବ ବିବିଧତା ସଂରକ୍ଷଣ ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶନ କରେ ।

ସାରା ବିଶ୍ୱରେ ୨୬ କୋଟିରୁ ଅଧିକ ଲୋକ ଜୈବମଣ୍ଡଳ ସଂରକ୍ଷିତ ଅଞ୍ଚଳରେ ବାସ କରନ୍ତି । ମୋଟାମୋଟି ଭାବରେ ଏହି ସ୍ଥାନଗୁଡ଼ିକ ୭ ନିୟୁତ ବର୍ଗ କିଲୋମିଟରରୁ ଅଧିକ ଅଞ୍ଚଳକୁ ସୁରକ୍ଷା ଦିଏ, ଯାହା ଅଷ୍ଟ୍ରେଲିଆର ଆକାର ସହିତ ପ୍ରାୟ ସମାନ । ଭାରତର ୧୮ ଟି ସଂରକ୍ଷିତ ଜୈବମଣ୍ଡଳ ଅଞ୍ଚଳ ପ୍ରାୟ ୯୧, ୪୨୫ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ, ଯେଉଁଥିରୁ ୧୩ ଟି ୟୁନେସ୍କୋର ୱାର୍ଲ୍ଡ ନେଟୱାର୍କ ଅଫ୍ ବାୟୋସ୍ଫିୟର ରିଜର୍ଭ ଦ୍ୱାରା ସ୍ୱୀକୃତିପ୍ରାପ୍ତ । ଭାରତରେ ଅନେକ ଜାତୀୟ ଯୋଜନା ସଂରକ୍ଷିତ ଜୈବମଣ୍ଡଳ ଉଦ୍ଦେଶ୍ୟ ସହିତ ସମନ୍ୱୟରେ କାର୍ଯ୍ୟ କରେ, ଯାହା ଆବାସସ୍ଥାନ ସଂରକ୍ଷଣ, ସ୍ଥାୟୀ ସମ୍ବଳ ବ୍ୟବହାର ଓ ସାମୁଦାୟିକ ବିକାଶରେ ସାମୂହିକ ଭାବରେ ଯୋଗଦାନ ଦିଏ । ଏଥିମଧ୍ୟରୁ କିଛି ହେଉଛି ପ୍ରୋଜେକ୍ଟ ଟାଇଗର ବା ବ୍ୟାଘ୍ର ପ୍ରକଳ୍ପ, ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ବା ହସ୍ତୀ ପ୍ରକଳ୍ପ । ୨୦୨୨ ମସିହାରେ ସର୍ବଶେଷ ଅଖିଳ ଭାରତୀୟ ବ୍ୟାଘ୍ର ଆକଳନ ଅନୁଯାୟୀ, ଭାରତରେ ୩, ୬୮୨ ରୁ ଅଧିକ ବାଘ ଅଛନ୍ତି, ଯାହା ବିଶ୍ୱର ୭୫% । ଦେଶରେ ସବୁଠାରୁ ଅଧିକ ସଂଖ୍ୟକ ୨୭, ୩୧୨ ବନ୍ୟ ଏସୀୟ ହାତୀ ଅଛନ୍ତି । ଏହା ବିଶ୍ୱର ବନ୍ୟ ଏସୀୟ ହାତୀ ଜନସଂଖ୍ୟାର ପ୍ରାୟ ୫୫% ।

ମୁଖ୍ୟ କଥା ହେଉଛି, ଭାରତ ଏହି ମହାନ ପ୍ରାଣୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ୧୯୭୩ ମସିହାରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଟାଇଗର, ୧୯୯୨ ମସିହାରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ହେଉଛି ଏହି ମହାନ ବନ୍ୟପ୍ରାଣୀଙ୍କ ପ୍ରାକୃତିକ ବାସସ୍ଥାନରେ ଦୀର୍ଘକାଳୀନ ବଞ୍ଚିବା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ ପଦକ୍ଷେପ । ଅନ୍ୟ ଯୋଜନାଗୁଡ଼ିକ ହେଉଛି ସମନ୍ୱିତ ବନ୍ୟପ୍ରାଣୀ ବାସସ୍ଥାନ ବିକାଶ ଯୋଜନା, ଜାତୀୟ ଜୈବ ବିବିଧତା କାର୍ଯ୍ୟ ଯୋଜନା, ପରିବେଶ-ସମ୍ବେଦନଶୀଳ କ୍ଷେତ୍ର ଏବଂ ବନ୍ୟଜୀବ କରିଡର, ସବୁଜ ଭାରତ ମିଶନ ଇତ୍ୟାଦି । ଜୁଲାଇ ୨୦୨୪ରେ, ୟୁନେସ୍କୋ ଦକ୍ଷିଣ ଆମେରିକାରୁ ୟୁରୋପ ଏବଂ ଏସିଆ ପର୍ଯ୍ୟନ୍ତ ୧୧ଟି ଦେଶରେ ଆଉ ୧୧ ଟି ନୂତନ ସଂରକ୍ଷିତ ଜୈବମଣ୍ଡଳକୁ ନାମିତ କରିଥିଲା । ୧୯୮୬ ରୁ ୨୦୧୧ ମଧ୍ୟରେ ଭାରତରେ ୧୮ଟି ସଂରକ୍ଷିତ ଜୈବମଣ୍ଡଳ ଅଧିସୂଚିତ କରାଯାଇଥିଲା । କିନ୍ତୁ ୨୦୧୧ ପରେ ଆଉ ଗୋଟିଏ ବି ଅଞ୍ଚଳ ତାଲିକାରେ ଯୋଡ଼ା ଯାଇନାହିଁ । ସଂରକ୍ଷିତ ଜୈବମଣ୍ଡଳ ଜାତୀୟ ସରକାରମାନଙ୍କ ଦ୍ୱାରା ମନୋନୀତ ହୋଇଥାଏ ଏବଂ ସେଗୁଡ଼ିକ ଯେଉଁ ରାଜ୍ୟମାନଙ୍କରେ ଅବସ୍ଥିତ ସେହି ରାଜ୍ୟଗୁଡ଼ିକର ସାର୍ବଭୌମ ଅଧିକାର ଅଧୀନରେ ରହିଥାଏ ।

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳରେ ଜୁନ୍ ୧୯୯୪ରେ ଭାରତର ଅଷ୍ଟମ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରାଯାଇଥିଲା । ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ସ୍ୱତନ୍ତ୍ର କମିଟି ମହେନ୍ଦ୍ରଗିରିରେ ଆଉ ଏକ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରିବାକୁ ସୁପାରିସ କରିସାରିଛି । ଆବଶ୍ୟକତା ଅନୁଯାୟୀ ଓଡ଼ିଶା ସରକାର ଭାରତ ସରକାରଙ୍କୁ ଏକ ଆନୁଷ୍ଠାନିକ ପ୍ରସ୍ତାବ ପଠାଇବାକୁ ପଡ଼ିବ । ଯଦି ମହେନ୍ଦ୍ରଗିରି ପର୍ବତମାଳାକୁ ସଂରକ୍ଷିତ ଜୈବମଣ୍ଡଳ ଟ୍ୟାଗ୍ ମିଳେ ତେବେ ଏହା ରାଜ୍ୟରେ ଦ୍ୱିତୀୟ ହେବ । ୧୯୭୨ ମସିହାରେ ୟୁନେସ୍କୋ 'ବିଶ୍ୱ ଐତିହ୍ୟ ସ୍ଥଳ' ନାମକ ଆଉ ଏକ ଯୋଜନା ଆରମ୍ଭ କରିଥିଲା, ଯେଉଁଥିରେ ପ୍ରାକୃତିକ ଐତିହ୍ୟ ସ୍ଥଳ ଅନ୍ତର୍ଭୁକ୍ତ ଥାଏ । ମହେନ୍ଦ୍ରଗିରି ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟତା ହାସଲ କରିଛି । କେବଳ ଆନ୍ତରିକ ଉଦ୍ୟମ, ସୁପାରିସ ଓ ତାଲିକାରେ ସାମିଲ୍ ଘୋଷଣା ବାକି ରହିଛି ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

# ସୃଜନଶୀଳ ବିନାଶ: ଅର୍ଥନୀତି, ଦର୍ଶନ ଓ ବିଜ୍ଞାନ

**ପ୍ରଫେସର ଗୌରୀଶଙ୍କର ତ୍ରିପାଠୀ**

୨୦୨୫ ମସିହାର ଅର୍ଥନୈତିକ ବିଜ୍ଞାନ ନୋବେଲ ପୁରସ୍କାର ଗତ ଅକ୍ଟୋବର ମାସରେ ଘୋଷଣା କରାଯାଇଛି । ପୁରସ୍କାର ବିଷୟବସ୍ତୁ ଅର୍ଥନୈତିକ ପ୍ରଗତିର ଦୁଇଟି ଅବଧିକୁ ଦୃଷ୍ଟିପାତ କରିଛି । ଏହି ଦୁଇଟି ଅବଧି ହେଲା, ପୂର୍ବ-ଶିଳ୍ପ-ବିପ୍ଳବ ସମୟରେ ଅର୍ଥନୀତିର ଏକ ସ୍ଥିର ଅବଧି ଏବଂ ପରବର୍ତ୍ତୀ ସମୟରେ ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ମାଧ୍ୟମରେ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି । ଏହି ଦୃଷ୍ଟିପାତରେ ଏକ ଆକର୍ଷଣୀୟ ଧାରଣା ହେଲା, 'ସୃଜନଶୀଳ ବିନାଶ'(କ୍ରିଏଟିଭ ଡେଷ୍ଟ୍ରକସନ) । ଏହା ଏକ ପ୍ରକ୍ରିୟା, ଯେଉଁଠାରେ ପୁରୁଣା ପ୍ରଣାଳୀ ଓ ପ୍ରଯୁକ୍ତିବିଦ୍ୟାକୁ ଭାଙ୍ଗି ନୂତନ, ଦକ୍ଷ ଓ ପରିବର୍ତ୍ତନକାରୀ ପ୍ରଣାଳୀ ପାଇଁ ସ୍ଥାନ ଦିଆଯାଇଛି । ଅର୍ଥନୀତି ବ୍ୟତୀତ ମୁଁ ବିଶ୍ୱାସ କରେ ଏହାର ଏକ ଦାର୍ଶନିକ ଅର୍ଥ ଏବଂ ଏକ ବୈଜ୍ଞାନିକ ଦିଗ ମଧ୍ୟ ରହିଛି । ଆସନ୍ତୁ ପ୍ରଥମେ ଦାର୍ଶନିକ ଦିଗ ଉପରେ ଧ୍ୟାନ ଦେବା ।

ଭଗବଦ୍ ଗୀତା କୁହେ: 'ଯାହା ସୃଷ୍ଟି ହୁଏ ତାହା ନଷ୍ଟ ମଧ୍ୟ ହୁଏ । ଏହାର ବିପରୀତ ମଧ୍ୟ ନିଶ୍ଚିତ । ଅର୍ଥାତ 'ଯାହା ବିନାଶ ହୁଏ ତାହା ସୃଷ୍ଟି ମଧ୍ୟ ହୁଏ ।' ଏହା ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ପରିପ୍ରେକ୍ଷୀରେ କୁହାଯାଇଛି । ଏହି ଧାରଣାଗୁଡ଼ିକ ସୃଷ୍ଟି, ବିନାଶ ଓ ପୁନଃ ସୃଷ୍ଟିକୁ ଇଙ୍ଗିତ କରେ । ଏହି ପ୍ରକ୍ରିୟା ଅନ୍ତହୀନ ବା ପୁନଃପୁନଃ ହେଇଥାଏ । ଏହା ଏହି ସତ୍ୟକୁ ମଧ୍ୟ ଇଙ୍ଗିତ କରେ ଯେ ଏହି ଜଗତରେ ସବୁକିଛି କ୍ଷଣସ୍ଥାୟୀ । ବ୍ୟାକରଣରେ ଏହି ଧାରଣା, ଯାହାକି ଦୁଇଟି ବିପରୀତ ଅର୍ଥ ଶବ୍ଦ ଥିବା ଏକ ବାକ୍ୟାଂଶ, ଅକ୍ସିମୋରନ୍ ଭାବରେ ଜଣାଯାଏ । ସହଜ ଭାବରେ, ଅକ୍ସି ଅର୍ଥ ତୀକ୍ଷ୍ଣ କିମ୍ବା ବୁଦ୍ଧିମାନ ଏବଂ ମୋରନ୍ ମୂର୍ଖତାକୁ ବୁଝାଏ । ମୂର୍ଖ ବୁଦ୍ଧିମାନ ଅଥବା ବୁଦ୍ଧିମାନ ମୂର୍ଖ ।

ସୃଷ୍ଟି ସକାରାତ୍ମକତାକୁ ବୁଝାଏ ଏବଂ ବିନାଶ ନକାରାତ୍ମକତାକୁ ବୁଝାଏ । ଉଭୟ ଭିନ୍ନ ଭିନ୍ନ ସନ୍ଦର୍ଭରେ ଅର୍ଥପୂର୍ଣ୍ଣ । ସହାବସ୍ଥାନ ଅର୍ଥାତ ବିପରୀତର ମିଶ୍ରଣ ମଧ୍ୟ ଏକ ଭିନ୍ନ ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ । ଅତୀତର ବିକାଶ ପୁରୁଣା ହୋଇପାରେ । କିନ୍ତୁ ଏହା ମଧ୍ୟ ସମୟର ଚାହିଦା ଅନୁସାରେ ସୃଷ୍ଟି ହୋଇଥିଲା ଏବଂ ବର୍ତ୍ତମାନର ଆଧୁନିକ ବିକାଶ ପରି ସେମାନଙ୍କର ଉଦ୍ଦେଶ୍ୟ ପୂରଣ କରିଥିଲା । ଶିକ୍ଷା ମଧ୍ୟ ସୃଜନଶୀଳ ବିନାଶର ଏକ ମାଧ୍ୟମ । ଏହା ଅଜ୍ଞତାକୁ ନାଶ କରେ ଏବଂ ଜ୍ଞାନ ସୃଷ୍ଟି କରେ । ଚରିତ୍ର ଆମ ଭିତରେ ଥିବା ଦୁର୍ବଳତାକୁ ନଷ୍ଟ କରେ । ହୃଦୟ ଓ ମନରେ ପବିତ୍ରତା ସୃଷ୍ଟି କରେ । ଶିକ୍ଷା ଓ ଚରିତ୍ରର ସମ୍ମିଳିତ ପ୍ରକ୍ରିୟା ବିଶୃଙ୍ଖଳା ଏବଂ ଅପୂର୍ଣ୍ଣତାକୁ ହ୍ରାସ କରି ଜୀବନରେ ଶୃଙ୍ଖଳା ଓ ସିଦ୍ଧତା ସ୍ଥାପିତ କରନ୍ତି, ଯଦିଓ ସେମାନଙ୍କର ସମ୍ପୂର୍ଣ୍ଣ ବିନାଶ ସମ୍ଭବ ନୁହେଁ । ଆମେ ମଣିଷ ଏବଂ ଆମ ଭିତରେ ସବୁବେଳେ ଊଣାଅଧିକେ ମାନବୀୟ ଦୁର୍ବଳତା ରହିବ ।

ବିଜ୍ଞାନରେ ମଧ୍ୟ, ଉଭୟ ସୃଷ୍ଟି ଓ ବିନାଶ ପ୍ରକ୍ରିୟା ସନ୍ତୁଳନ ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ । ଆଜିକାଲି ଆମେ ପ୍ରାୟତଃ ଅର୍ଦ୍ଧପରିବାହୀ ପଦାର୍ଥ ଏବଂ ଏହାର ବ୍ୟବହାରିକ ପ୍ରୟୋଗ ବିଷୟକୁ ଗୁରୁତ୍ୱ ଦେଉଛୁ । ଏହାର ସ୍ୱଦେଶୀ ବିକାଶ ଆମର ଅର୍ଥନୀତିକୁ ଏକ ବଡ଼ ପରିମାଣରେ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି । କାରଣ ଆମର ଦୈନନ୍ଦିନ ଉପକରଣଗୁଡ଼ିକ ଏହି ସାମଗ୍ରୀ ଏବଂ ସେମାନଙ୍କର ବିଭିନ୍ନ ସଂସ୍କରଣ ଉପରେ ନିର୍ଭର କରେ । ସରଳ ଭାବେ ଏକ ଅର୍ଦ୍ଧପରିବାହୀ ପଦାର୍ଥ ଦୁଇଟି ଶକ୍ତି-ବ୍ୟାଣ୍ଡ ମାଧ୍ୟମରେ ବୁଝାଯାଏ । ଏହି ଦୁଇଟି ଶକ୍ତି-ବ୍ୟାଣ୍ଡ ଏକ ଶକ୍ତି-ବ୍ୟବଧାନ ଦ୍ୱାରା ପୃଥକ ହୋଇଥାଏ । ତଳ ବ୍ୟାଣ୍ଡଟି ସ୍ୱାଧୀନତା ବିହୀନ ଇଲେକ୍ଟ୍ରନଗୁଡ଼ିକ ଦ୍ୱାରା ଭରି ହୋଇଥାଏ ଏବଂ ଉପର ବ୍ୟାଣ୍ଡଟି ପୁରା ଖାଲି । ଏହି ଅବସ୍ଥାରେ ଏହା ଏକ କୁପରିବାହୀ ପଦାର୍ଥ ସଦୃଶ କାମ କରେ ।

ଯଦି ଏହି ଚିତ୍ରରେ ଆମେ ସୃଷ୍ଟି ଓ ବିନାଶର ପ୍ରକ୍ରିୟାଗୁଡ଼ିକୁ ଉପଯୋଗ କରୁ, ତେବେ ଏଗୁଡ଼ିକ ଅର୍ଦ୍ଧପରିବାହୀ ହୁଅନ୍ତି । ଏହି ପ୍ରକ୍ରିୟାଗୁଡ଼ିକ ବିଭିନ୍ନ ଉପାୟରେ ପ୍ରଚଳିତ ହୁଏ । ଯଥା ତାପ, ଆଲୋକ ଏବଂ ମଇଳା କିମ୍ବା ଅଶୁଦ୍ଧ ପ୍ରଭାବ ।

ଯଦି ଆମେ ଏକ ଅର୍ଦ୍ଧପରିବାହୀକୁ ଗରମ କରୁ, ତେବେ ନିମ୍ନ ବ୍ୟାଣ୍ଡରେ ଥିବା ଇଲେକ୍ଟ୍ରୋନ୍ ନଷ୍ଟ ହୋଇ ଉପର ବ୍ୟାଣ୍ଡରେ ସୃଷ୍ଟି ହୁଏ । ଏହା ଏକ ସୃଜନଶୀଳ ବିନାଶ ପ୍ରକ୍ରିୟା । ତଳ ବ୍ୟାଣ୍ଡର ଏହାର ବିନାଶ ହେଲା, ଉପର ବ୍ୟାଣ୍ଡରେ ଏହାର ସୃଷ୍ଟି ହେଲା । ଯେତେବେଳେ ନିମ୍ନ ବ୍ୟାଣ୍ଡରେ ଏକ ଇଲେକ୍ଟ୍ରୋନ୍ ନଷ୍ଟ ହୋଇଯାଏ, ସେତେବେଳେ ସୃଷ୍ଟି ହେଉଥିବା ଖାଲି ଅବସ୍ଥାକୁ ଏକ ଗର୍ତ୍ତ-କଣିକା କୁହାଯାଏ । ତେଣୁ ଆମର ଦୁଇଟି ସୃଷ୍ଟି ହେଲା - ଉପର ବ୍ୟାଣ୍ଡରେ ଏକ ଇଲେକ୍ଟ୍ରୋନ୍ ଏବଂ ତଳ ବ୍ୟାଣ୍ଡରେ ଏକ ଗର୍ତ୍ତ-କଣିକା । ଉଭୟ ବର୍ତ୍ତମାନ ମୁକ୍ତ ଓ ବିଦ୍ୟୁତ୍ ପରିବହନ କରନ୍ତି । କାରଣ ଏଗୁଡ଼ିକ ବୈଦ୍ୟୁତିକ ଚାର୍ଜ ଥିବା କଣିକା । କିଛି ନିର୍ଦ୍ଦିଷ୍ଟ ଗୁଣରେ ବିପରୀତ ହେବା ସତ୍ତ୍ୱେ ପରିବହନ ପ୍ରକ୍ରିୟାରେ ଇଲେକଟ୍ରନ୍ସ ଏବଂ ଗର୍ତ୍ତ-କଣିକାଗୁଡ଼ିକ ମିଳିତ ଭାବେ ଚାର୍ଜ ପରିବହନ କରନ୍ତି । ଏହା ଏକ ସୃଷ୍ଟି-ସୃଷ୍ଟି ପ୍ରକ୍ରିୟା ।

ଯେତେବେଳେ ଏକ ସନ୍ତାନ ଜନ୍ମ ହୁଏ ଜଣେ ମା' ମଧ୍ୟ ଜନ୍ମ ନିଅନ୍ତି ଏବଂ ପ୍ରେମର ପ୍ରବାହ ପ୍ରଚୁର, ପବିତ୍ର ଓ ଦିବ୍ୟ ହୋଇଯାଏ । ଜୀବନ ଫୁଲ ପରି ଫୁଟି ଚାରିଆଡ଼େ ଖୁସି ବିସ୍ତାର କରେ । ଜୀବନ କ୍ଷେତ୍ରରେ ଏହା ଏକ ସୃଷ୍ଟି-ସୃଷ୍ଟି ପ୍ରକ୍ରିୟା । ଯେମିତି ସୃଜନଶୀଳ ବିନାଶ ହୁଏ ଏକ ବିନାଶକାରୀ ସୃଷ୍ଟି ମଧ୍ୟ ହୋଇପାରେ! ଏହା ସୂଚାଇ ଦିଏ ଯେ ନୂତନ ବିକାଶ ଅଜାଣତରେ ମୂଲ୍ୟବୋଧ, ପରିବେଶ କିମ୍ବା ସାମାଜିକ ସଂହତିକୁ ନଷ୍ଟ କରିପାରେ । ତେଣୁ ସୃଷ୍ଟି ଓ ବିନାଶର ଦ୍ୱନ୍ଦ୍ୱ ଏକଦିଗୀୟ ନୁହେଁ; ଏହା ବିଚକ୍ଷଣତା ଓ ସନ୍ତୁଳନ ଦାବି କରେ ।

(ପ୍ରାକ୍ତନ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

# ପ୍ରଗତିବାଦୀ ଚେତନାର ଭଗୀରଥ: ଭଗବତୀ ଚରଣ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

କାର୍ଲମାର୍କ୍ସଙ୍କ ସାମ୍ୟବାଦୀ ଚିନ୍ତନ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଅନ୍ତରକୁ ମନ୍ଥିତ କରିଦେବାର ମୂଳ କାରଣ ହେଉଛି, ସାମାଜିକ ପରିବର୍ତ୍ତନ ସକାଶେ ତାଙ୍କ ପ୍ରାଣ-ପ୍ରତିଜ୍ଞା । ଆମ ଚତୁଃପାର୍ଶ୍ୱର ବାତାବରଣରେ ପରିବ୍ୟାପ୍ତ ଅସାମଞ୍ଜସ୍ୟ ତାଙ୍କ ଅନ୍ତର୍ଚେତନାକୁ କି ତୀବ୍ର ଭାବରେ ଆଲୋଡ଼ିତ କରି ନ ଦେଇଛି! ଠିକ ଏହି ସମୟରେ ତାଙ୍କ ଆତ୍ମାରେ ଅମାପ ଶକ୍ତି ଭରି ଦେବା ପାଇଁ ଏକ ସୂକ୍ଷ୍ମ ଆଲୋକରେଖାରେ ପରିଣତ ହୋଇ ଆସିଛନ୍ତି କାର୍ଲମାର୍କ୍ସ । ସମଗ୍ର ପୃଥିବୀ ପ୍ରଦକ୍ଷିଣ କରୁଥିଲେ ସେ । ଯେଉଁଠି ଦେଖୁଥିଲେ ସାମାଜିକ ପରିବେଶ ମଧ୍ୟରେ ଅସନ୍ତୁଷ୍ଟ ଓ ଅଣନିଃଶ୍ୱାସୀ କୌଣସି ତରୁଣକୁ ତା' ଭିତରେ ନୂତନ ସ୍ୱପ୍ନ ଓ ସଂକଳ୍ପର ସତେଜ ଶକ୍ତି ରୂପରେ ସେ ପ୍ରବେଶ କରଯାଇଛନ୍ତି ଅନାୟାସରେ । ସେଥିପାଇଁ ସମଗ୍ର ପୃଥିବୀରେ ପ୍ରଜ୍ୱଳିତ ହୋଇ ଉଠିଛି ବିପ୍ଳବର ବହ୍ନି । ଓଡ଼ିଶା ମାଟିରେ ନବ ନବ ସ୍ୱପ୍ନରେ ସର୍ବଦା ଆନ୍ଦୋଳିତ ହେଉଥିବା ଭଗବତୀ ଚରଣ ପାଣିଗ୍ରାହୀଙ୍କୁ ସେହି କ୍ରାନ୍ତିକାରୀ କଳାଶକ୍ତି କିପରି ଅବା ଆଚ୍ଛନ୍ନ କରି ନଥା'ନ୍ତା!

ମାର୍କ୍ସୀୟ ଚେତନା ସହିତ ଭଗବତୀଙ୍କ ଭାଗ୍ୟ-ବନ୍ଧନ ସମଗ୍ର ଓଡ଼ିଶାର ରାଜନୈତିକ ଓ ସାହିତ୍ୟିକ ଜଗତରେ ସୃଷ୍ଟି କରିଦେଲା ଅଭିନ୍ନ ଅଭିଯାତ୍ରା । ତାହା ଥିଲା ଧନିକ ଓ ଦରିଦ୍ର ଶ୍ରେଣୀ ମଧ୍ୟରେ ସମସ୍ତ ପ୍ରକାରର ଭେଦଭାବକୁ ମୂଳୋତ୍ପାଟିତ କରିଦେବାର ତୀକ୍ଷ୍ଣ ଅସ୍ତ୍ର । ଭଗବତୀ ଚରଣ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା 'ନବଯୁଗ ସାହିତ୍ୟ ସଂସଦ' । ପ୍ରକାଶିତ ହେଲା 'ଆଧୁନିକ'ପତ୍ରିକା । ୧୯୩୫ ମସିହାର ଏହି ପରିଯୋଜନା ପ୍ରମାଣିତ କରିଦେଲା ଯେ ସାହିତ୍ୟ ହିଁ ହେବ ନବଯୁଗର ଆଧୁନିକ ବାର୍ତ୍ତାବହ । ଭଗବତୀ ଚରଣ ପାଣିଗ୍ରାହୀଙ୍କ ବକ୍ତବ୍ୟରେ, ତାଙ୍କ ରଚିତ ସମ୍ପାଦକୀୟ ଆଉ ବିବିଧ ଗଦ୍ୟସୃଷ୍ଟି ମଧ୍ୟରେ ଏହା ଯେତେବେଳେ ହେଲା ପ୍ରକାଶିତ, ସେତେବେଳେ ସୃଜନଶୀଳ ପ୍ରତିଭାମାନଙ୍କୁ ତାହା ଅବିରତ ଭାବରେ ଦେଇଚାଲିଲା ଉତ୍ତପ୍ତ ସ୍ପର୍ଶ । ସେ ଏକ ପ୍ରବନ୍ଧରେ ଲେଖିଛନ୍ତି 'ଯେଉଁ ଜାତିରପ୍ରାଣ ବୈଚିତ୍ର୍ୟ ଲାଗି, ପରିବର୍ତ୍ତନ ଲାଗିଯେତିକି ଚଞ୍ଚଳ ହୋଇ ଉଠିଛି, ସେ ଜାତିର ସାହିତ୍ୟ ସେତିକି ଉନ୍ନତ ହୋଇଅଛି ।'

ଭଗବତୀ ଚରଣଙ୍କ ସାହିତ୍ୟ-କୃତି ବିପୁଳ ହୋଇ ନପାରେ । ମାତ୍ର ତା'ର ଆବେଦନରେ କମ୍ପିତ ହୋଇ ଉଠିଛି ଶତ ସହସ୍ର ହୃଦୟ । ତାଙ୍କ ରଚିତ 'ଶିକାର' ଗଳ୍ପ କାହାର ଅବା ନିଦ ହଜାଇ ଦେଇନାହିଁ! ଆଜି ବି ଯିଏ ତାହା ପାଠ କରିବେ ତାଙ୍କର ରାତ୍ରି ପରିଣତ ହୋଇଯିବ ମଧ୍ୟାହ୍ନ ବେଳାରେ । ଶୋଷିତ ସମ୍ପ୍ରଦାୟର ସରଳ ଆଦିବାସୀ ଯୁବକ ଅତ୍ୟାଚାରୀ ଗୋବିନ୍ଦ ସର୍ଦ୍ଦାରକୁ ବାଧ୍ୟ ହୋଇ କରିଛି ହତ୍ୟା । ଭାବିଛି ମନେ ମନେ ତାକୁ ପ୍ରଦତ୍ତ ହେବ ପୁରସ୍କାର । ମାତ୍ର ପ୍ରଚଳିତ ଆଇନ ବ୍ୟବସ୍ଥାରେ ତା'କୁ ଶୁଣାଇ ଦିଆଯାଇଛି ନିଷ୍ଠୁର ଫାଶୀ ଦଣ୍ଡାଦେଶ । ଯେଉଁ ଭଗବତୀ ଚରଣ ଥିଲେ ସାମ୍ୟବାଦୀ ଚେତନାର ସଂବାହକ ତାଙ୍କ ରଚିତ 'ଶିକାର' ସଦୃଶ ଗଳ୍ପ ଯେ ତାଙ୍କ ଜୀବନାଦର୍ଶ ଓ ସାହିତ୍ୟାଦର୍ଶଠାରୁ ହୋଇପାରେ ଭିନ୍ନ ଏହା କଳ୍ପନାତୀତ । 'ଦା ଓ ହାତୁଡ଼ି', 'ଜଙ୍ଗଲୀ', 'ଝଡ଼', 'ମିଶ୍ରଙ୍କ କୋପ', 'ବଞ୍ଚିତା', 'ଜୀବନର ସମାଧି', 'ଆରମ୍ଭ ଓ ଶେଷ' ଆଦି ଆଉ କେତୋଟି ଭିନ୍ନ ଭିନ୍ନ ଭାବଧାରାର ଗଳ୍ପ-ପ୍ରଣେତା ଭଗବତୀ ।

କୌଣସି ମତବାଦ କେବେ ଚିରନ୍ତନ ହୋଇପାରେନା । ମାତ୍ର ସେହି ଆଦର୍ଶର ଭିତ୍ତି ଉପରେ ପ୍ରତିଷ୍ଠିତ ସାହିତ୍ୟ ରହିପାରେ ଚିର ଅମ୍ଳାନ, ତା'ର ମାନବିକ ଆବେଦନ ସକାଶେ । ଆଜିର ପରିପ୍ରେକ୍ଷୀରେ 'ଶିକାର' ଗଳ୍ପଟିକୁ ଭିନ୍ନ ଦୃଷ୍ଟିରେ କ'ଣ ଗ୍ରହଣ କରିପାରିବାର ନୈତିକ ସାହସ ଆମର ନାହିଁ? ଗଳ୍ପରେ ବର୍ଣ୍ଣିତ ସରଳ ଘିନୁଆ ଆମରି ଭିତରେ ବିଦ୍ୟମାନ । ଅପରପକ୍ଷରେ ଗୋବିନ୍ଦ ସର୍ଦ୍ଦାର ମଧ୍ୟ ଭିନ୍ନ ଭିନ୍ନ ଛଦ୍ମବେଶରେ ଆମ ମଧ୍ୟରେ ଅନୁପସ୍ଥିତ ବୋଲି କ'ଣ କହିହେବ ସତକୁ ସତ? ଆମେ କ'ଣ କେବେ କାହା ପ୍ରତି ଅନ୍ୟାୟ କରିନୁ? ଜ୍ଞାତସାରରେ ପୁଣି ଅଜ୍ଞାତସାରରେ ମଧ୍ୟ? ତେବେ ଗଳ୍ପଟିକୁ ଏବେ ଏକ ପ୍ରତୀକ ଭାବରେ ଗ୍ରହଣ କରାଯାଉ । ଆମ ମଧ୍ୟସ୍ଥିତ ଜଟିଳ, କୁଟିଳ, କର୍କଶ ଗୋବିନ୍ଦ ସର୍ଦ୍ଦାରକୁ ପରାହତ କରିବା ପାଇଁ ଘିନୁଆକୁ ହିଁ ଆମନ୍ତ୍ରଣ କରାଯାଉ । ଏହା ହେବ ନବ୍ୟ-ସାମ୍ୟବାଦର ସଂକେତ । ଏହି କାହାଣୀକୁ ଭିତ୍ତିକରି ୧୯୭୬ ମସିହାରେ ବିଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ମୃଣାଳ ସେନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଛି ହିନ୍ଦୀ ଚଳଚ୍ଚିତ୍ର 'ମୃଗୟା' । ମିଥୁନ ଚକ୍ରବର୍ତ୍ତୀ ମୁଖ୍ୟ ଭୂମିକାରେ ଅଭିନୟ କରି ଅଗଣିତ ଦର୍ଶକ ହୃଦୟକୁ ସ୍ତବ୍ଧ କରିଦେଇଛନ୍ତି । ଭଗବତୀ ପାଣିଗ୍ରାହୀଙ୍କ ଗଳ୍ପ ରଚନା, ହିନ୍ଦୀରେ ଏହାର କଥାଚିତ୍ର ରୂପାୟନ ଓଡ଼ିଆ ଲେଖକ ଓ ପାଠକଙ୍କ ପାଇଁ ସଂରକ୍ଷିତ କରି ରଖିଛି ବହୁ ତାତ୍ପର୍ଯ୍ୟପୂର୍ଣ୍ଣ ବାର୍ତ୍ତା ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ ଆୟୋଜନ...

ମୁଖ୍ୟକାର୍ଯ୍ୟ ନିର୍ବାହୀ ରଘୁରାମ ଆୟର ଓ ଗୁଜରାଟ କ୍ରୀଡ଼ାମନ୍ତ୍ରୀ ହର୍ଷ ସାଙ୍ଘବୀ ଯୋଗ ଦେଇଥିଲେ।

ପୂର୍ବରୁ ଭରାତ ୨୦୧୦ରେ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା ଓ ଏଥିରେ ଭାରତୀୟ କ୍ରୀଡ଼ାବିତ ୩୮ ସ୍ୱର୍ଣ୍ଣ ସହ ମୋଟ୍ ୧୦୧ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ଦୀର୍ଘ ୨୦ ବର୍ଷ ପରେ ଭାରତରେ କୌଣସି ମଲ୍ଟି ସ୍ପୋର୍ଟ୍ସ ଇଭେଣ୍ଟ ଆୟୋଜନ ହେବ। ଭାରତ ମଧ୍ୟ ପୂର୍ବରୁ ୧୯୫୧ ଓ ୧୯୮୨ ଏସୀୟ କ୍ରୀଡ଼ା ସଫଳତାର ସହ ଆୟୋଜନ କରିଥିଲା। ସେହିପରି ୨୦୦୩ରେ ହାଇଦରାବାଦରେ ଆଫ୍ରୋ ଏସୀୟ କ୍ରୀଡ଼ା ଆୟୋଜନ ହୋଇଥିଲା।

ଏଥିସହ ୨୦୩୬ ଅଲିମ୍ପିକ୍ସ ଗେମ୍ସ ଆୟୋଜନ ନେଇ ଭାରତର ଦାବି ଆହୁରି ଦୃଢ଼ ହେବ ବୋଲି ମନେ କରାଯାଉଛି। ଭାରତ ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ କରିବାକୁ ପସ୍ତୁତି ଜାରି ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲ୍‌କିଲ୍ଲାରେ ଏହାର ଘୋଷଣା କରିସାରିଛନ୍ତି। ଗତବର୍ଷ ନଭେମ୍ବରରେ ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଆନୁଷ୍ଠାନିକ ଭାବେ ଦାବି ଉପସ୍ଥାପନ କରିଥିଲା।

## ଓଡ଼ିଆ ସମେତ...

୨୬ରେ ଭାରତର ସମ୍ବିଧାନ ତିଆରି ହେବା ସହ ପ୍ରସ୍ତୁତ ହୋଇଥିଲା। ଏହି ଦିନ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ଅଧ୍ୟକ୍ଷ ଓମ ବିର୍ଲା, କଂଗ୍ରେସଅଧ୍ୟକ୍ଷ ମଲିକାର୍ଜୁନ ଖଡଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଦୁଇ ସଂସଦର ସାଂସଦମାନେ ସାମିଲ ରହିଥିଲେ। ଡଃ ଭୀମରାଓ ରାମଜୀ ଆମ୍ବେଦକର ସମ୍ବିଧାନର ମୁଖ୍ୟ ନିର୍ମାତାଙ୍କ ମଧ୍ୟରେ ଅନ୍ୟତମ ବୋଲି ରାଷ୍ଟ୍ରପତି କହିଥିଲେ।

## ଆଜିଠାରୁ ଶୀତ...

ରଖିବେ। ଏହା ଓଡ଼ିଶା ବିଧାନସଭାରେ କୌଣସି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଏହା ପ୍ରଥମ ଓ ଐତିହାସିକ ହେବ ବୋଲି କୁହାଯାଉଛି। ଏଥିପାଇଁ ସରକାର ମଧ୍ୟ ଆବଶ୍ୟକୀୟ ପ୍ରସ୍ତୁତି କରିଛନ୍ତି। ଅନ୍ୟପକ୍ଷରେ ପୂରା ଅଧିବେଶନରେ ସରକାରଙ୍କୁ ନାକେଦମ୍ କରିବାକୁ ବିରୋଧୀ ରଣନୀତି ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, ଚାଷୀଙ୍କ ସମସ୍ୟା, ଧାନକିଣା ସମସ୍ୟା, ନିଯୁକ୍ତି କେଲେଙ୍କାରୀ, ଲଘୁ ଖଣିଜ ସମ୍ପଦ ଚୋରୀ, ବିଜୁଳି ସମସ୍ୟା, ଦରଦାମ ବୃଦ୍ଧି, ଦାଦନ ସମସ୍ୟାକୁ ନେଇ ସରକାରଙ୍କୁ ଷଣ୍ଢଆସୀ ଆକ୍ରମଣ କରିବାକୁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ରଣନୀତି ପ୍ରସ୍ତୁତି କରିଛନ୍ତି। ପ୍ରତିଟି ଘଟଣାରେ ସରକାରଙ୍କୁ ଜବାବ୍ ମଗାଯିବ। ସରକାର ଯଦି ଉତ୍ତର ନଦେଇ ପଳାୟନପନ୍ଥୀ ଭୂମିକା ଗ୍ରହଣ କରନ୍ତି, ଏହାର ତୀବ୍ର ବିରୋଧ କରାଯିବ ବୋଲି ବିଜେଡ଼ି ଓ କଂଗ୍ରେସ ବିଧାୟକମାନେ ଘୋଷଣା କରିଛନ୍ତି । ଅପରପକ୍ଷେ ସଂସଦୀୟ ବ୍ୟାପର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ବିରୋଧୀଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ପ୍ରତ୍ୟେକ ଗଠନମୂଳକ ଆଲୋଚନାକୁ ସରକାର ସ୍ୱାଗତ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଅତିରିକ୍ତ ବଜେଟ ଆଗତ କରିବେ। ଅତିରିକ୍ତ ବଜେଟ ଉପରେ ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ। ୭ ତାରିଖ ଛୁଟି ଥିବାବେଳେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ। ଡିସେମ୍ବର ୩୧ ତାରିଖ ଯାଏଁ ମୋଟ ୨୯ ଦିନ ଗୃହ ଚାଲିବା ନେଇ ସ୍ଥିରୀକୃତ ହୋଇଛି।

## ଆଜି ଆସୁଛନ୍ତି...

ଅପରାହ୍ଣ ୪ଟାରେ ରାଜଭବନସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସର ଗୃହକୁ ଉଦ୍‌ଘାଟନ କରିବେ। ଅପରାହ୍ଣ ୪ଟା ୨୦ରେ ସେ ଓଡ଼ିଶା ବିଧାନସଭାରେ ପହଞ୍ଚିବେ। ରାଷ୍ଟ୍ରପତି ବିଧାନସଭା ଗୃହକୁ ପ୍ରବେଶ ମାତ୍ରକେ ଓଡ଼ିଶା ପୁଲିସ ପକ୍ଷରୁ ଜାତୀୟ ସଙ୍ଗୀତ ବ୍ୟାଣ୍ଡ ପରିବେଷଣ କରାଯିବ। ବାଚସ୍ପତି ସୁରମା ପାଢ଼ୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଅଭିଭାଷଣ ରଖିବେ। ପରେ ରାଷ୍ଟ୍ରପତି ବିଧାନସଭାରେ ନିଜର ଅଭିଭାଷଣ ରଖିବେ ବୋଲି ଜଣାଯାଇଛି।

ଅଭିଭାଷଣ ସରିବା ପରେ ବିଧାନସଭା ପରିସରରେ ଏକ ଫଟୋ ସେସନ୍ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏପରିକି, ରାଷ୍ଟ୍ରପତି ଏକଦା ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଥିବା ବେଳେ ବିଧାନସଭାରେ ୧୧ ନମ୍ବର ରୁମରେ ବସୁଥିବା ବେଳେ ସେହି ରୁମ୍ ପରିଦର୍ଶନରେ ଯାଇ ନିଜର ସ୍ମୃତି ସାଉଣ୍ଟିବେ। ଅପରାହ୍ଣ ସାଢ଼େ ୪ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ସେ ବିଧାନସଭାରେ ରହିବେ ବୋଲି ଜଣାପଡ଼ିଛି। ପରେ ପରେ ଉକ୍ତଦିନ ରାଷ୍ଟ୍ରପତି ରାଜଭବନଠାରେ ରାଜ୍ୟପାଳଙ୍କ ପକ୍ଷରୁ ଆୟୋଜିତ ରାତ୍ରଭୋଜନ କାର୍ଯ୍ୟକ୍ରମରେ ଯୋଗଦେବେ। ପରଦିନ ୨୮ ତାରିଖ ସକାଳ ୯ଟା ୩୫ରେ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ଲକ୍ଷ୍ନୌ ବିମାନବନ୍ଦର ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି।

## ରାଜ୍ୟରେ ସାଂପ୍ରଦାୟିକ...

ନିଆଯାଇଛି ଏପରି ନିଷ୍ପତ୍ତି। ପ୍ରମୁଖ ବିରୋଧୀ ଦଳ ଭାବେ ପ୍ରତିଟି ବିଧାୟକ ଗୃହରେ ସାଧାରଣ ଲୋକଙ୍କ ସ୍ୱର ସାଜିବାକୁ ନବୀନ ଦଳୀୟ ବିଧାୟକଙ୍କୁ ପରାମର୍ଶ ଦେଇଛନ୍ତି। ବୁଧବାର ସନ୍ଧ୍ୟାରେ ଶଙ୍ଖ ଭବନଠାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ସାଂପ୍ରତିକ ରାଜନୈତିକ ପରିସ୍ଥିତି ଓ ଲୋକଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଛି। ଏହି ଅବସରରେ ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳା ଭୁଷୁଡି ପଡିଛି । ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ କେନ୍ଦୁଝର ସଦର ଠାରୁ ଆରମ୍ଭ କରି ଖୋର୍ଦ୍ଧା, ବାଘମାରୀ ଓ କଟକ ଏସସିବି ମେଡିକାଲରେ ନିକଟରେ ଘଟି ଯାଇଥିବା ନାରୀ ନିର୍ଯାତନା ଘଟଣା ଅତ୍ୟନ୍ତ ପୀଡ଼ା ଦାୟକ। ଏଭଳି ସମ୍ବେଦନଶୀଳ ଘଟଣା ସରକାରଙ୍କର ଅପାରଗତାକୁ ପଦାରେ ପକାଇଛି। ଏତେ ଘଟଣା ପରେ ଏ ସରକାରର ନିଦ କେବେ ଭାଙ୍ଗିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ସେହିପରି ଶାନ୍ତି ଓ ସଦ୍‌ଭାବ ପାଇଁ ସୁନାମ ଥିବା ଓଡ଼ିଶାରେ ସାଂପ୍ରଦାୟିକ ଉତ୍ତେଜନା ବଢ଼ି ଚାଲିଥିବା ବେଦନାଦାୟକ ବୋଲି କ୍ଷୋଭ ପ୍ରକାଶ କରିଥିଲେ ନବୀନ। ଗତ ୧୮ ମାସ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିରେ ଅବନତି ଘଟିଛି । କଟକ ସହରରେ ଦୁର୍ଗାପୂଜା ସମୟରେ ଘଟି ଯାଇଥିବା ଦଙ୍ଗା ଓଡ଼ିଶାର ମୁଣ୍ଡ ତଳକୁ କରିଦେଇଛି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ସେ ପୁଣି କହିଥିଲେ ଯେ ରାଜ୍ୟରେ ଚାଷୀ ଓ ମହିଳାମାନେ ସବୁଠାରୁ ଅଧିକ ଦୁଃଖରେ ଅଛନ୍ତି । ସରକାର ନା ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇ ପାରୁଛନ୍ତି, ନା ମିଶନ ଶକ୍ତି ମା' ମାନଙ୍କୁ ଋଣ ସହାୟତା ଦେଇ ପାରୁଛନ୍ତି । ଚାଷୀ ଓ ମିଶନ ଶକ୍ତି ମା' ମାନଙ୍କ ପ୍ରତି ସରକାରଙ୍କର ଉଦାସୀନତାର ଦୃଢ଼ ବିରୋଧ କରାଯିବ ବୋଲି ସେ କହିଥିଲେ। ରାଜ୍ୟରେ ଚାଲିଥିବା ବିଜେପି ସରକାରକୁ ଚାଷୀ, ମହିଳା ଓ ଯୁବ ବର୍ଗର ବିରୋଧୀ ବୋଲି ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଏ ପର୍ଯ୍ୟନ୍ତ ଗୋଟିଏ ବି ନିଯୁକ୍ତି ପରୀକ୍ଷା ତ୍ରୁଟି ଶୂନ୍ୟ ଭାବରେ ପରିଚାଳନା କରିପାରି ନାହାନ୍ତି। ଯାହାକି ଯୁବ ବର୍ଗ ମଧ୍ୟରେ ହତାଶା ସୃଷ୍ଟି କରିଛି। ତେଣୁ ଜନସାଧାରଣ ସମ୍ମୁଖୀନ ହେଉଥିବା ଏହି ସବୁ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ ହେବାକୁ ପଡିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡ଼ିଶାରେ ଧାନ ସଂଗ୍ରହ ନେଇ ଦେଖା ଦେଇଥିବା ସମସ୍ୟା ବିଷୟ ଉଠାଇଥିଲେ । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ବିଭିନ୍ନ ଆଳରେ ଗରିବ ଲୋକଙ୍କ ରାସନ କାର୍ଡ କାଟିବା ପାଇଁ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ବିରୋଧୀ ଦଳ ନେତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହରେ ବିରୋଧୀ ଦଳର ରଣନୀତି ଉପରେ ଆଲୋକପାତ କରିବା ସହିତ ଆସନ୍ତାକାଲି ରାଷ୍ଟ୍ରପତିଙ୍କ ବିଧାନସଭା କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟମାନଙ୍କୁ ଅବଗତ କରିଥିଲେ।

## ଦର୍ଶନ ପାଇଁ...

ବ୍ୟବସ୍ଥା କରାଯାଇଛି। ସେହିପରି ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କାଠ ରାମ୍ପ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ଅପରାହ୍ଣରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତମାନେ ଯେପରି ସୁରୁଖୁରୁରେ ଦର୍ଶନ କରିପାରିବେ, ସେନେଇ ବ୍ୟବସ୍ଥା କରାଯାଉଛି। ଏସ୍‌ଓପି ଅନୁଯାୟୀ, ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଅର୍ଥାତ୍ ୧୨ଘଣ୍ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ। କିନ୍ତୁ ଶୀତଦିନ ଅର୍ଥାତ ନଭେମ୍ବରରୁ ଫେବ୍ରୁଆରୀ ଏହି ୪ମାସ ଭକ୍ତଙ୍କ ପ୍ରବେଶ ଅପରାହ୍ଣ ୫ଟାରୁ ବନ୍ଦ କରାଯିବ। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର ବାହାରେ ଭକ୍ତଙ୍କ ପାଇଁ ନିଃଶୁଳ୍କ ମୋବାଇଲ୍ ଏବଂ ଜୋତାଷ୍ଟାଣ୍ଡ ବ୍ୟବସ୍ଥା କରାଯାଉଛି। ମନ୍ଦିର ଭିତରେ ପ୍ରାୟ ସବୁ ଜାଗାରେ ସିସିଟିଭି ଲଗା ସରିଛି। କିନ୍ତୁ ସୁରକ୍ଷା ଦୃଷ୍ଟିକୋଣରୁ ଆଉ କିଛି ଜାଗାରେ ଲଗାଯିବ।

ସେହିପରି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ଆସନ୍ତା ଡିସେମ୍ବର ୧ରୁ ସର୍ବସାଧାରଣଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର। ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଟେଣ୍ଡର୍ ଦିଆନଯାଇ ଶ୍ରୀମନ୍ଦିର ପ୍ରଶାସନ ନିଜେ ଏହାକୁ ପରିଚାଳନା କରିବ। ଗୁଣ୍ଡିଚା ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାମ ଶେଷ ହୋଇଥିବା ବେଳେ ଚତୁଃପାର୍ଶ୍ୱରୁ ସମସ୍ତ ଅବରୋଧ ହଟାଯାଇଛି ବୋଲି କହିଛନ୍ତି।

ସୂଚନାଥାଉ କି, ଓଡ଼ିଶାରେ କୋଭିଡ୍ କଟକଣା ଲାଗୁ ହେବା ପରଠାରୁ ଅର୍ଥାତ୍ ୨୦୨୦ରୁ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ପ୍ରାୟ ୬ବର୍ଷ ହେଲାଣି ଏହି କଟକଣା ରହିଛି। ଗତ ୪ବର୍ଷ ରଥଯାତ୍ରା ସମୟରେ ୯ ଦିନ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲା ରହୁଛି। ଆଡ଼ପମଣ୍ଡପରୁ ମହାପ୍ରଭୁ ଯିବା ପରେ ପୁଣି ବନ୍ଦ ହୋଇଯାଉଛି ମନ୍ଦିର ଦ୍ୱାର, ଯାହା ହଜାର ହଜାର ଜଗନ୍ନାଥପ୍ରେମୀଙ୍କୁ ନିରାଶ କରୁଛି। ପ୍ରଚାରପ୍ରସାର ଅଭାବରୁ ପ୍ରତିଦିନ ଶହଶହ ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ଆସି ନିରାଶ ହୋଇ ଫେରୁଛନ୍ତି। ପୁରୀକୁ ଆସୁଥିବା ଭକ୍ତ ଓ ତୀର୍ଥଯାତ୍ରୀ ଶ୍ରୀମନ୍ଦିର ସହ ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ଯିବାକୁ ଭୁଲି ନ ଥା'ନ୍ତି। ଅନେକ ପର୍ଯ୍ୟଟକ ମଧ୍ୟ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାର ଆଗ୍ରହ ରଖିଥା'ନ୍ତି। କିନ୍ତୁ ସେମାନଙ୍କୁ ନିରାଶ ହେବାକୁ ପଡୁଛି।

## 'ଅସ୍ତିତ୍ୱ' ପାଇଁ...

କରିଆସୁଛନ୍ତି। ହେଲେ ଏପର୍ଯ୍ୟନ୍ତ ଏହା ଉପରେ କୌଣସି କାର୍ଯ୍ୟ ଆରମ୍ଭ ନହେବା ଆଶ୍ଚର୍ଯ୍ୟଜନକ ଓ ଦୁଃଖଦାୟକ। ଏହି ପ୍ରକଳ୍ପ ଓଡ଼ିଶାର ଅନୁଗୋଳଠାରୁ ପଶ୍ଚିମବଙ୍ଗର ଗେଓଁଖାଲି ପର୍ଯ୍ୟନ୍ତ ଏବଂ ଓଡ଼ିଶାର ତିନୋଟି ପ୍ରମୁଖ ବନ୍ଦର ଭାବେ ପାରାଦୀପ, ଧାମରା ଓ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ଏହାଦ୍ୱାରା ବିଶେଷ ଉପକୃତ ହୋଇପାରନ୍ତା। ପ୍ରକଳ୍ପ କ୍ରିୟାନ୍ୱିତ ହେଲେ ପ୍ରଦୂଷଣମୁକ୍ତ ମାଲ ପରିବହନ, ଜଳସେଚନ, ମତ୍ସ୍ୟ ଉତ୍ପାଦନ, ଭୂତଳ ଜଳ ସଂରକ୍ଷଣ ଓ ତଳିଆ ଅଞ୍ଚଳର ଜଳ ନିଷ୍କାସନରେ ବିଶେଷ ସହାୟକ ହେବ। ଏହା ବାଦ୍ ଏହି ସୁଦୀର୍ଘ କେନାଲରେ କ୍ଷୁଦ୍ର ହାଇଡ୍ରୋ ପାୱାର୍ ପ୍ଲାଣ୍ଟ ପ୍ରକଳ୍ପ ନିର୍ମାଣ ହୋଇପାରିବ। ଏଣୁ, କୋଷ୍ଟ କେନାଲର ପୁନରୁଦ୍ଧାର, ନବୀକରଣ ଓ ଜାତୀୟ ଜଳ ପ୍ରକଳ୍ପ-୫ ସହ ସଂଯୋଗୀକରଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ଅତୀତରେ ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ ପାଲଟିଥିବା ଏହି କେନାଲ ଏବେ ମୃତପ୍ରାୟ ଅବସ୍ଥାକୁ ଚାଲିଆସିଛି। ଏହି ଐତିହାସିକ କେନାଲର ପୁନରୁଦ୍ଧାର କେବଳ ପ୍ରସ୍ତାବରେ ଅଟକିଛି। ଏହା କେବେ ବାସ୍ତବ ରୂପ ନେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ୧୮୬୬ ମସିହାରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପରେ ଲୋକଙ୍କୁ କାମ ବଦଳରେ ଖାଦ୍ୟ ଯୋଗାଇବା ଯୋଜନା କରି ତତ୍କାଳୀନ ଇଂରେଜ ସରକାର ଏହି କୋଷ୍ଟ କେନାଲ୍ ଖନନ ଆରମ୍ଭ କରିଥିଲେ। ଏହି କେନାଲ ପଶ୍ଚିମବଙ୍ଗର ନାରାୟଣ ନଦୀରୁ ବାହାରି ଓଡ଼ିଶାର ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ମନ୍ତେଇ ନଦୀର ଚାରବାଟିଆ ଯାଏଁ ରହିଛି। ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ଏହା ୧୨୪ କିମି ଓ ପଶ୍ଚିମବଙ୍ଗରେ ୯୦ କିମି ଅଞ୍ଚଳ ଦେଇ ଯାଇଛି। ଓଡ଼ିଶା ଭିତରକୁ ଏହି କୋଷ୍ଟ କେନାଲ୍ ଭୋଗରାଇ ବ୍ଲକ୍ ଅଧୀନ ଅନଳିଆ ପଞ୍ଚାୟତର ନସରାବାଦ ଗାଁ ନିକଟରେ ପ୍ରବେଶ କରିଛି। ପୂର୍ବରୁ ଏହି କୋଷ୍ଟ କେନାଲ୍ ଓଡ଼ିଶା-ପଶ୍ଚିମବଙ୍ଗ ମଧ୍ୟରେ ନୌବାଣିଜ୍ୟ ପରମ୍ପରାର ଏକ ପରିଚିତ ନାମ ଥିଲା। ତତ୍କାଳୀନ ନୌ-ପରିବହନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଟୋଲ୍ ଆଦାୟ କରାଯାଉଥିଲା। ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ୧୮୯୧ ମସିହାରେ ଏହି କୋଷ୍ଟ କେନାଲ୍‌ରେ ୭ ଦିନ ଯାତ୍ରା କରି ଓଡ଼ିଶା ଆସିଥିଲେ। କୋଷ୍ଟ କେନାଲ୍ ଯୋଗୁଁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ପାଖାପାଖି ୨୪ ହଜାର ହେକ୍ଟର ଜମିରୁ ଉଦ୍‌ବୃତ୍ତ ବର୍ଷା ଓ ବନ୍ୟାଜଳ ସୁରୁଖୁରୁରେ ନିଷ୍କାସିତ ହେଉଥିଲା। ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ ନଦୀର ବନ୍ୟା ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଏହି କେନାଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥିସହ କେନାଲର ଉଭୟ ପାର୍ଶ୍ୱରେ ଥିବା ଜମି ଜଳସେଚିତ ହୋଇପାରୁଥିଲା। ହଜାରହଜାର ଲୋକେ ମାଛ ମାରି ଜୀବିକା ନିର୍ବାହ କରୁଥିଲେ। ତେବେ ଏହି କେନାଲ୍‌ରେ ଏବେ ନୀଳ ଜଳରାଶି ବଦଳରେ କେବଳ ସବୁଜ ଦଳ ଭର୍ତ୍ତି ହୋଇଛି। କେନାଲର ଶଯ୍ୟା ସମ୍ପୂର୍ଣ୍ଣ ପୋତି ହୋଇଗଲାଣି। ଏହାର ପୁନରୁଦ୍ଧାର ପାଇଁ ୨୦୧୯ ମସିହାରେ ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ହୋଇଥିବା ବେଳେ ଏହା ବାସ୍ତବ ରୂପ ନେଇ ପାରିଲାନି। ୨୦୨୫ ଫେବ୍ରୁଆରିରେ କେନ୍ଦ୍ର ଜଳ ପ୍ରାଧିକରଣର ୩ ଜଣିଆ ଟିମ୍ ବାଲେଶ୍ୱର ଜିଲ୍ଲା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଫଳରେ କେନାଲ୍‌ର ପୁନରୁଦ୍ଧାର ପାଇଁ ଆଶା ସଞ୍ଚାର ହୋଇଥିଲା। ମାତ୍ର ୮ ମାସ ହେଲା ଏଥିରେ କୌଣସି ଅଗ୍ରଗତି ହୋଇପାରିନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟରେ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ଏଭଳି ମହତ୍ୱକାଂକ୍ଷୀ ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଇବାକୁ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହୋଇଛି।

## ପ୍ରତି ଟଙ୍କାର...

ଆର୍ଥିକ ବର୍ଷରୁ ସମାନ ବିସ୍ତୃତ ଖର୍ଚ୍ଚ ବର୍ଗୀକରଣ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଶିକ୍ଷା, ସ୍ୱାସ୍ଥ୍ୟ, ପୁଞ୍ଜି ପ୍ରକଳ୍ପ ଏବଂ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ ଖର୍ଚ୍ଚର ସିଧାସଳଖ ତୁଳନା ସମ୍ଭବ ହୋଇପାରିବ। ପୁନଶ୍ଚ ଏହା ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକୁ ଯଥେଷ୍ଟ ଲାଭ ଦେଇପାରିବ ଓ ଆର୍ଥିକ ଭାବରେ ପଛୁଆ ରାଜ୍ୟଗୁଡ଼ିକୁ ଅଧିକ କେନ୍ଦ୍ରୀୟ ସହାୟତା ମିଳିବାରେ ସହଯୋଗ କରିବ ।

ଅନ୍ୟପକ୍ଷରେ ଏଣିକି ସମସ୍ତ ରାଜ୍ୟ ପ୍ରତି ମାସର ୧୦ ତାରିଖ ସୁଦ୍ଧା ମାସିକ ସିଭିଲ୍ ଆକାଉଣ୍ଟ ଏବଂ ସେପ୍ଟେମ୍ବର ୩୦ ସୁଦ୍ଧା ଡିଜିଟାଲ୍ ସ୍ୱାକ୍ଷର ସହିତ ବାର୍ଷିକ ଫାଇନାନ୍ସ ଆକାଉଣ୍ଟ ଏବଂ ଆପୋରାଇଜେସନ୍ ଆକାଉଣ୍ଟଗୁଡ଼ିକୁ ସମ୍ପୃକ୍ତ ପୋର୍ଟାଲ (ପବ୍ଲିକ୍ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍)ରେ ଅପଲୋଡ୍ କରିବେ।

ବର୍ତ୍ତମାନ ହାର୍ଡ କପି ଦାଖଲ କରିବାର ଦଶନ୍ଧି ପୁରୁଣା ବ୍ୟବସ୍ଥା ବନ୍ଦ କରାଯାଉଛି। ଏଥିରେ ବିଳମ୍ବ ପାଇଁ ରାଜ୍ୟଗୁଡିକର ପାଣ୍ଠି ବିଳମ୍ବ ପାଇଁ ରାଜ୍ୟର ସମନ୍ୱିତ ପାଣ୍ଠିରୁ ପ୍ରତି ମାସରେ ୫୦ ଲକ୍ଷ ପର୍ଯ୍ୟନ୍ତ କାଟିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। କିଛି ରାଜ୍ୟକୁ ଏଥିପାଇଁ ପୂର୍ବରୁ ଦଣ୍ଡିତ କରାଯାଇଛି।

ସେହିପରି ସିଏଜି ଅଧିକାରୀମାନେ କହିଛନ୍ତି ଯେ ଏହି ଦୁଇଟି ସଂସ୍କାର ମିଳିତ ଭାବରେ ଦେଶର ସାର୍ବଜନୀନ ଆର୍ଥିକ ପରିଚାଳନାରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଆଗାମୀ ଦୁଇଟି ଆର୍ଥିକ ବର୍ଷ ମଧ୍ୟରେ ଦେଶର ସାର୍ବଜନୀନ ଆର୍ଥିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁଗମ କରିବ। ୨୦୨୮-୨୯ ସୁଦ୍ଧା ସମସ୍ତ ରାଜ୍ୟର ମୋଟ ଖର୍ଚ୍ଚ ତଥ୍ୟର ୯୮% ତୁଳନାତ୍ମକ ବିଶ୍ଳେଷଣ କରାଯିବ। ଏହା ରାଜ୍ୟଗୁଡ଼ିକ ମଧ୍ୟରେ ଆର୍ଥିକ ଏବଂ ସାମାଜିକ ବିକାଶର ବ୍ୟବଧାନକୁ ଦ୍ରୁତ ଭାବରେ ପୂରଣ କରିବାରେ ସାହାଯ୍ୟ କରିବ। ସମ୍ପ୍ରତି ରାଜ୍ୟଗୁଡ଼ିକ ଦ୍ୱାରା ମୋଟ ଖର୍ଚ୍ଚର କେବଳ ୪୦-୪୫% ତୁଳନାତ୍ମକ ଭାବରେ ଉପଲବ୍ଧ। ସମସ୍ତ ରାଜ୍ୟରେ ପ୍ରମୁଖ ଖର୍ଚ୍ଚ ସାମଗ୍ରୀକୁ ସମାନ କରିବା ଅର୍ଥ ଯେପରିକି ଦରମା, ସାମଗ୍ରୀ ସେବା, ଅନୁଦାନ ଏବଂ ପୁଞ୍ଜି ଖର୍ଚ୍ଚ, ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ଭିତ୍ତିଭୂମି ଉପରେ ଖର୍ଚ୍ଚର ତୁଳନା ସହଜ କରିବ। ଏହାଦ୍ୱାରା ଗୋଟିଏ ରାଜ୍ୟର ଖର୍ଚ୍ଚ ଅନ୍ୟ ରାଜ୍ୟଠାରୁ କିପରି ଭିନ୍ନ ତାହା ପ୍ରମାଣିତ ହୋଇ ପାରିବ। ସେହିପରି କେଉଁ ରାଜ୍ୟଗୁଡ଼ିକ ସେମାନଙ୍କର ଖର୍ଚ୍ଚର ସର୍ବୋତ୍ତମ ବ୍ୟବହାର କରୁଛନ୍ତି ତାହା ମଧ୍ୟ ଜଣାପଡ଼ିବ। ଏହା ଅନ୍ୟ ରାଜ୍ୟର ବଜେଟକୁ ଉନ୍ନତ କରିବାରେ ସାହାଯ୍ୟ କରିବ, ରାଜ୍ୟଗୁଡ଼ିକୁ ସେମାନଙ୍କର ଦୁର୍ବଳତା ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରିବ ଏବଂ କେନ୍ଦ୍ର ସରକାରଙ୍କ ପାଇଁ ପାଣ୍ଠି ବଣ୍ଟନକୁ ଅଧିକ ସମାନ କରିବ।

**ODISHA CONSTRUCTION CORPORATION LTD.** CAD-2475
(A Govt. of Odisha Undertaking)
**CENTRAL WORKSHOP, RASULGARH,**
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-20/66/2025-26 dtd.26.11.2025.**

Type of work : Supply of Casting items for Kanupur Irrigation Project (Depletion sluice at Block No. 12 & 13 ) for Emergency gate.
Total No. of work : 01(One).
Period of supply : 60 (Sixty) days.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/KIP-20 /66 / 2025-26 dtd.26.11.2025 | Rs.7080/- (Non-refundable) | 27.11.2025 10.00AM to 11.12.2025 1.00 PM | 27.11.2025 10.00AM to 11.12.2025 3.30 PM |

Date of opening of the Tender : 11.12.2025 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

Sd/-
Senior Manager (Mech.)-I
OCC Ltd., Bhubaneswar

OIPR-

**OFFICE OF THE NOTIFIED AREA COUNCIL, REMUNA, BALASORE**
E-mail: remuna-nac@gov.in, Tel.No. - 06782-291978
Letter No. 2290 / Dated 21/11/2025 C-1556

**Expression of interest for Supplying of 08 nos. of Door to Door waste collection compartmentalized LCV Vehicles including Drivers & loaders on hiring basis for Remuna NAC.**

Details of bid documents can be downloaded from the website **www.remunanac.in** on or before **08.12.2025 up to 5.00 PM**

The completed application, as per instructions in the EOI documents should reach the following address by Registered Post/ Speed Post on or before **5.00 PM on date 08.12.2025.**

Remuna NAC reserves the sole right to accept or reject the proposal without assigning any reason thereof.

**Executive Officer**
**Remuna NAC**

OIPR-

**IN THE COURT OF THE CIVIL JUDGE (SENIOR DIVISION), ANANDAPUR.**
**C.S. 115/2023**

Kanthia Sethy .......Plaintiff
Vrs.
Nachhu Sethy and others ..Defendants

**NOTICE U/O 5, RULE 20 OF C.P.C To**

Def. 4, 1) Mayadhar Sethy, aged about 57 yrs, Son of late Suka Sethy, of village/P.O- Keshadurapal,P.S- Ghasipura, Dist. Keonjhar.
Def. 5, 2) Tilottama Sethy, aged about 47 years,Wife of Baya Sethy of village-Chhualia, P.O- Dhenka, P.S- Soso, Dist. Keonjhar.
Def. 6, 3) Pramila Sethy, aged about 54 years, Wife of Daitari Sethy Daughter of Sya Sethy of village-Khalagadia,P.O- Dhenka, P.S- Soso, Dist. Keonjhar.
Def. 15, 4) Babuli Sethy, aged about 52 years,Son of late Bali Sethy of village/P.O Atapur, P.S- Sadar,Dist. Keonjhar.
Def. 18, 5) Sanju Sethy, aged about 49 years,Wife of Purna Chandra Behera of village/P.O-Pandirisilli,P.S- Raruan, Dist. Keonjhar.
Def. 20, 6) Pritimaya Sethy, aged about 28 years,Son of late Kulamani Sethy, Village- Sankhapata (Sabarsahi) P.O/P.S- Baripada, Dist. Mayurbhanj.

Take notice that the above-named plaintiff has filed the C.S no. 115/2023 for partition and permanent injunction against the Defendants and the service of summons could not be served against the aforesaid defendants in spite of repeated summons issued by the Court in either ways and the defendants avoided to receive the Court Summons.
So you all are noticed to appear in my Court on 22nd Dec 2023 at about 10.30 A.M in person or through advocate to put forth your claims as to why reliefs prayed by the plaintiff should not be granted.
Take notice that in case of default the suit will be heard or determined in your absence.
Given under my hand and seal of this Court day 20.10.2023.

**Civil Judge (Sr. Divn.),**
**Anandapur.**

**REGULATED MARKET COMMITTEE, DEOGARH**
At: Hatisahi Sahi, E- No -6, Punjapani, Dist.- Deogarh (Odisha), Pin - 768119
Email Id – rmcdeogarh20@gmail.com

**QUOTATION CALL NOTICE**

The Sub-Collector-cum-Chairman, RMC, Deogarh invites sealed quotations from different Tent House Owners for creation of waterproof temporary storage facilities for keeping paddy in all Paddy Purchase Centres (PPCs) of Deogarh district during the Kharif Marketing Season KMS-2025-26 along with Farmer Rest Shed of following specifications:
**1.** Waterproof Paddy Storage House of size 30' × 20'
Centre Height 15' tapering to 9' (each unit)
Polythene cover on three sides for protection from rainwater
Quantity - Minimum 49 units, additional units as per DLPC requirement.
**2.** Waterproof Farmers' Rest Sheds with cloth sealing of size 15' × 15' × 10' Side walls on three sides
Quantity – Minimum 49 units, additional units as per DLPC requirement.
Sealed quotations should reach the office of the RMC, Deogarh by Registered Post or by hand on or before 01.12.2025 by 5 PM and will be opened on 02.12.2025 at 11:00 AM by the RMC authority in the presence of the quotationers or their authorised representatives in the office of the RMC, Deogarh.

**TERMS & CONDITIONS:**
1. The quotationer should quote the rate inclusive of all charges including labour, transportation, fitting, materials, GST/IT and other applicable dues.
2. The quotationer should be a registered dealer having valid GST and PAN on the date of submission of quotation.
3.Work should be completed within 12 days from the date of issue of work order.
4. The Chairman, RMC, Deogarh reserves all rights to reject one or any of the tender without assigning any reason thereof.
5. Payment will be made only after quality checking and verification as to completion of work as per specification.

**Sd/-Sub Collector,**
**Deogarh & Chairman, Deogarh RMC**

### AFFIDAVIT
By virtue of an affidavit sworn before Notary public Bhubaneswar on dated, 25.11.2025, I Sushil Mahar resident of at- Bada Harijan Sahi, New janta talkies, Nayagarh N.A.C, Po- Nayagarh Bazar, Dist- Nayagarh, Odisha, PIN- 752070 declare that I have changed my name from Susil Kumar Mahar to Sushil Mahar. Henceforth, I shall be known as **SUSHIL MAHAR** for all purposes.

### AFFIDAVIT
By virtue of an affidavit sworn before Notary Public Bhubaneswar, on dated 26.11.2025, I Sanjay Kumar Muduli resident At- Bedapur, Po- Bhairipur, Ps- Gop, Dist- Puri, Odisha, PIN- 752110, declare that I have changed the name of my Son from Subhasurya Muduli to S.R. Subhasurya Muduli . Henceforth, He shall be known as **S.R. SUBHASURYA MUDULI for all purposes.**

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A.
Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A.
Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A.
Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A.
Eligibility: Any Graguate
ALL COURSE FEES ARE EXCLUDING HOSTEL

### AFFIDAVIT
By virtue of an affidavit sworn before Notary public Bhubaneswar on dated, 25.11.2025, I Sanjaya Kumar Panda resident of Quarter. No- H/8, Labour Colony, Rajabagicha, Cuttack Sadar, Telenga Bazar Dist- Cuttack, Odisha, PIN- 753009 declare that I have changed my name from Sanjay Kumar Panda to Sanjaya Kumar Panda. Henceforth, I shall be known as **SANJAYA KUMAR PANDA** for all purposes.

### AFFIDAVIT
By virtue of an affidavit sworn before Notary public Bhubaneswar on dated, 25.11.2025, I Puspalata Nayak resident of Nayak Sahi, At/Po- Majhihara, Dist- Khordha, Odisha, PIN- 752103 declare that I have changed my name from Puspalata Bayak to Puspalata Nayak. Henceforth, I shall be known as **PUSPALATA NAYAK** for all purposes.

### AFFIDAVIT
By virtue of an affidavit sworn before Executive Magistrate, Puri, dated 26.11.2025 I, G S V Dattatreya Murthy , At: Nirmalya Apartment , flat No. 05, Samanta Chandra Sekhara Nagar, Rama Ballav Road, Puri , Odisha declare that I have changed the name of my son from Chandra Sekara Sharma to Ganti Chandra Sekhara Sarma. Henceforth, he shall be known as Ganti Chandra Sekhara Sarma for all purposes.

### NOTICE (FOR MINOR)
By virtue of an affidavit no. 114, before the Executive Magistrate, Bhubaneswar on dtd.21.11.2025, I, Nalini Sahoo, At- Gobinda Nagar, Nayapalli, Bhubaneswar, Odisha, do hereby declare that I have changed my minor daughter's name from Purnim Sahoo (old name) to Purnima Sahoo (new name). Henceforth she shall be known as **Purnima Sahoo** (new name) for all purposes.
**Nalini Sahoo**

### NOTICE
**(above 18 years of age)**
By virtue of a affidavit CF No. 101, sworn before Executive Magistrate / Notary Public BBSR, Dated 24.11.2025, I Rajalaxmi Dei, At.: Kotanga- Kantimala, Kotanga, Puri, Odisha - 752118 declaring that I have changed my name from Rajalaxmi Pradhan to Rajalaxmi Dei. Henceforth, I shall be known as Rajalaxmi Dei for all purpose.
**Rajalaxmi Dei**

### AFFIDAVIT
I, Madhu Mahali, W/o Shiba Mahali, resident of Vill Thakurbadi, P.O. Tarana, P.S. Tiring, Dist. Mayurbhanj, state that my name has been recorded as Madhu Mardi in my Aadhaar Card (No. 6280 0166 1951). After marriage, my correct surname is Mahali. Both names Madhu Mardi and Madhu Mahali refer to the same person. Hence, I declare that my correct name is **Madhu Mahali.**

### AFFIDAVIT
By virtue of an affidavit sworn before Notary Public, Jharsuguda dated - 25.11.25 I, Pawan Das, Address At - Badebanka, P.o- Rajkamma, Sub District- Pali, Dist - Korba, (CG) PIN-495445 declare that I have changed my name from Pawan Das Mahant to Pawan Das. Henceforth I shall be known as Pawan Das for all purposes.
**Pawan Das**

### AFFIDAVIT
By virtue of an affidavit sworn before Executive Magistrate Cuttack, dated 25th November 2025, I Mrs SANTILATA MULIA, Address, HOUSE NO - 1155, Balabhadrapur, Balisahi, Cuttack Sadar, Po - Ad market, ps - badambadi, declare that I have changed my name from SANTI MULIA to SANTILATA MULIA. Henceforth, I shall be known as SANTILATA MULIA for all purposes.
**SANTILATA MULIA**

### AFFIDAVIT
By virtue of an Affidavit sworn before the Executive Magistrate Sohela dated 07/11/2025 I Babita Sahoo D/O- Chakradhar Sahoo resident of Village/ Ward Mahabir Pada, Po./Ps.: Bhawanipatna Dist.: Kalah-andi declare that, I have changed my name from **Babita Kumari Sahoo** to **Babita Sahoo**. Henceforth I shall be known as **Babita Sahoo** for all purposes.

### AFFIDAVIT
By virtue of an affidavit Sl. No.495, dtd.26.11.2025 sworn before the Notary Public, Subarnapur, I, Preeti Priyadarsani Padhan, have changed my name from Priti Priyadarshini Padhan to Preeti Priyadarsani Padhan. Henceforth I shall be known as Preeti Priyadarsani Padhan for all purposes.
**Sd/- Preeti Priyadarsani Padhan**

### AFFIDAVIT
I, AMIYA BALA NAYAK, aged about 69 years, W/o- Hemant Kumar Nayak, Resident of Nua Sahi, At/ PO: G.Udayagiri, Dist.: Kandhamal,Odisha, PIN- 762100, declared by this Affidavit No.: 1535/2025, Dated: 21.11.2025. That now onwards I shall be known as for all future **AMIA BALA NAIK** for all future Purposes.

### AFFIDAVIT
By virtue of an affidavit (CF No. 02, dtd- 26/11/2025) sworn before the Executive Magistrate, Padampur. I, **Manash Ranjan Panigrahi,** S/o Buddhadeb Panigrahi, permanent & current resident of AT- Padampur, PO- Rajborasambar, PS- Padampur, Dist- Bargarh, PIN- 768036, Odisha declare that I have changed my name from **Manish Panigrahi** to **Manash Ranjan Panigrahi**. Henceforth, I shall be known as **Manash Ranjan Panigrahi** (new name) for all purposes.
**Manash Ranjan Panigrahi**

### AFFIDAVIT
I, Nidhi Mittal, aged about 34 years, W/o- Vinit Mittal, resident of At- Madhusudan Marg, Mittal Enterprises, Ps- Plant Site, Rourkela Dist- Sundargarh, Odisha, Pin- 769001 declare by this affidavit No. 2406, dtd- 26/11/2025, that now onwards I shall be known as **NIDHI GARG** for all future purposes.

### AFFIDAVIT
I, Rasmita Yadav, aged about 36 years, W/o- Umesh Yadav, resident of At- Plot No.02, Brahmeswar Bag, Tankapani Road, Badagada Brit Colony, Bhubaneswar, Dist- Khordha, PIN- 751018, Odisha declare by this affidavit No. 2391, dtd- 26/11/2025, that now onwards I shall be known as **RASHMITA YADAV** for all future purposes.

### AFFIDAVIT
I, Maina Anjum Akhtari, D/o- Sk Nabiruddin, resident of Alakundanuagan, Nuagan, Binjharpur, Dist-Jajpur, PIN- 755013, Odisha declared by this affidavit No-971, dtd- 26/11/2025 that now onwards I shall be known as **ANJUM AKHATARI** for all future purposes.

### AFFIDAVIT
By virtue of an affidavit before the Notary Public, Titilagarh, on dated- 26/11/2025. I, **Bijaya Kumar Putel** (applicant name), S/o- Parsuram Putel, permanent resident of AT/PO- Tatopara, PS- Muribahal, Dist- Bolangir, (Odisha), PIN- 767033 now residing at the same place declare that I have changed my minor daughter's name from **Ashreeta Putel** (old name) to **Bansita Putel** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Bansita Putel** (new name) for all future purposes.
**Bijaya Kumar Putel**

### AFFIDAVIT
By virtue of an affidavit sworn before the Executive Magistrate, Bhubaneswar vide CF. No. 73 on dated 24/11/2025, I PRANAYA KUMAR MALLICK, S/o- Felix Mallick, permanent resident of At/PO- Gudikia, PS- Bamunigam, Dist- Kandhamal, Odisha, Pin- 762021, declare that I have changed my name from PRANAY MALIK, S/o- Phelakas Malik to PRANAYA KUMAR MALLICK, S/o- Felix Mallick. Henceforth, I shall be known as PRANAYA KUMAR MALLICK, S/o- Felix Mallick for all purposes.
**PRANAYA KUMAR MALLICK**

# ସମ୍ବିଧାନ ଦିବସ: ଶପଥପାଠ ଉତ୍ସବ ଓ ଆଲୋଚନାଚକ୍ର



କେନ୍ଦୁଝର,୨୬।୧୧(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଆଞ୍ଚଳିକ ଉଚ୍ଚବିଦ୍ୟାଳୟରେ ଅଧ୍ୟକ୍ଷ ହୃଷୀକେଶ ସାହୁଙ୍କ ପୌରୋହିତ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଛି। ସୁରେଶଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ରାମଶଙ୍କର ସାହୁ, ପ୍ରସନ୍ନ ପ୍ରଧାନ, ରଘୁନାଥ ମହାନ୍ତ, ଗୋଲକ ବିହାରୀ ସାହୁ, ସନତ ଦାସ, ପ୍ରକାଶ ପ୍ରଧାନ, ହରେରାମ ମାଝୀ, ଅଭୟ ଦେହୁରୀ, ସତ୍ୟବ୍ରତ ସାହୁ, ତାପସ କୁମାର ଜେନା, ଅଜିତ ସାହୁ, ଦୀପକ ଚାଓଡା, ଅଧ୍ୟାପିକା ସୌମ୍ୟାରାଣୀ ପୃଷ୍ଟି, ବିନ୍ଦୁସ୍ନାତା ପାତ୍ର, ଅର୍ପିତାରାଣୀ ମହାନ୍ତି ସମେତ କର୍ମଚାରୀ ହରିହର ମହାନ୍ତ, ସୁବୋଧ ସାହୁ, ସୁରେନ୍ଦ୍ର ସାହୁ, ରସରଞ୍ଜନ ରଣା, ପରମେଶ୍ୱର ଦେହୁରୀ, ମହେନ୍ଦ୍ର ସାହୁ, ଶିବ ସାମଲ, ଗୁରୁବାରୀ କାରୁଆ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

**ଆନନ୍ଦପୁର:** ଆନନ୍ଦପୁର ବାବା ସାହେବ ଆମ୍ବେଦକର ସେବାସଂଘ ପକ୍ଷରୁ ୭୬ତମ ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ସୁଢ଼ୁସୁଡିଆ ବାଇପାସ୍ସ୍ଥିତ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେପରେ ସେବାସଂଘ କାର୍ଯ୍ୟାଳୟ ବାଇଲୋଠାରେ ଅନୁଷ୍ଠିତ ସାଧାରଣ ବୈଠକରେ ସଭାପତି ଚତୁର୍ଭୁଜ ଦାସ ସଭାପତିତ୍ୱ କରିଥିଲାବେଳେ ବେଳେ ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା ବୈଠକର ଆଭିମୁଖ୍ୟ ଜଣାଇଥିଲେ। ସାଧାରଣ ସମ୍ପାଦକ ଆଇନଜୀବୀ ଚତୁର୍ଭୁଜ ଜେନା ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଦେଶ ହିତରେ ସମ୍ବିଧାନର ଭୂମିକା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ଉପଦେଷ୍ଟା ବିଦେଶୀ ଚରଣ ଜେନା, ହରିହର ଦାସ, ଉପସଭାପତି ପ୍ରାଣନାଥ ଜେନା ଏବଂ ଶ୍ରୀକାନ୍ତ ଜେନା, ସାଂସ୍କୃତିକ ସମ୍ପାଦକ କଳାକାର ଜେନା, କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ଜେନା, ସାଂଗଠନିକ ସମ୍ପାଦକ ପ୍ରମୋଦ ଜେନା, ଅଭିମନ୍ୟୁ ଜେନା, ଗଣେଶ ପ୍ରସାଦ ଜେନାଙ୍କ ସମେତ ନାରାୟଣ ଜେନା, ସମୀର ଜେନା, ବାଇଧର ମଲ୍ଲିକ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବାଇଲୋ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

**ତେଲକୋଇ:** ତେଲକୋଇ ବ୍ଲକ୍ ମୁଖ୍ୟାଳୟଠାରେ ଥିବା ଚାରିଗଡ଼ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ଅଫିସର ସନ୍ଦୀପ କୁମାର ସିଂ ସଭା ପରିଚାଳନା କରିଥିଲେ। ଏହି ସଭାରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ରଞ୍ଜନ କୁମାର ଦଳ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ କଲେଜର ଅଧ୍ୟକ୍ଷ ଡ ତପନ କୁମାର ପଣ୍ଡା ନିଜ ଅଭିଭାଷଣ ରଖିଥିଲା ବେଳେ କଲେଜର ସମସ୍ତ ଅଧ୍ୟାପକଅଧ୍ୟାପିକା ସହଯୋଗ କରିଥିଲେ।

**ଯୋଡ଼ା:** ଯୋଡ଼ା ପୌରପାଳିକା ୮ ନମ୍ବର ୱାର୍ଡ ବସ୍ତିଠାରେ ସମ୍ବିଧାନ ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଯୋଡ଼ା ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ସଭାପତି ରଂଜିତ ମହାକୁଡ଼, ପାତ୍ର ତନ୍ତୀ କଲ୍ୟାଣ ସମିତିର ସମ୍ପାଦକ ମାୟାଧର ପାତ୍ର ଯୋଗ ଦେଇଥିଲେ। ଆମ୍ବେଦକର ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାସ୍କର ବେଣିପୁରୀ (ସଭାପତି), ଗୋକୁଳ ପାତ୍ର (ସମ୍ପାଦକ), ସଦସ୍ୟ ରାମଚନ୍ଦ୍ର ପାତ୍ର, ସଞ୍ଜୟ ପାତ୍ର, ବସନ୍ତ ପାତ୍ର, ରମେଶ ପାତ୍ର, ସନ୍ଧ୍ୟା ନାଏକ, ଆଇନ ପରାମର୍ଶଦାତା ନରେଶ ପାତ୍ରଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

**ବଡବିଲ :** କେନ୍ଦୁଝର ଜିଲ୍ଲା ବଡବିଲ ତାଲୁକ୍ ଆଇନ ସେବା ସମିତି ଆନୁକୂଲ୍ୟରେ ଅଦାଲତ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ୧ମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ତାଲୁକ୍ ଆଇନ ସେବା ସମିତି ଅଧ୍ୟକ୍ଷ ମଲ୍ଲିକା ଗୋଏଙ୍କା ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ତ୍ରିବେଣୀ ଗିରି, ରସାନନ୍ଦ ବେହେରା, ରଞ୍ଜିତ ବାରିକ, ଅବଦୁଲ୍ ଲତିବ, ଅକ୍ଷୟ କୁମାର ଧୀର, ଦେବପ୍ରିୟ ରଣା ସମ୍ବିଧାନ ବିଷୟରେ ବକ୍ତବ୍ୟ ରଖିଥିଲେ। ସମସ୍ତେ ସାମୂହିକ ଭାବେ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ। ବଡବିଲ କୋର୍ଟର ସମସ୍ତ ଆଇନଜୀବୀ, ସମସ୍ତ ବିଭାଗୀୟ କର୍ମଚାରୀ, ଆରକ୍ଷୀ ଅଧିକାରୀ ଅଂଶଗ୍ରହଣ କରିଥିଲେ। ବଡ଼ବିଲ ମହାବିଦ୍ୟାଳୟରେ ପାଳିତ ଏହି ଦିବସରେ ଡ ଭୀମରାଓ ଆମ୍ବେଦକରଙ୍କ ଜୀବନୀ ଓ ସମ୍ବିଧାନ ପ୍ରସ୍ତୁତିରେ ତାଙ୍କର ଭୂମିକା ଉପରେ ଆଲୋଚନା କରାଯାଇଥିଲା।

**ଡୁରୁମୁଙ୍ଗା:** ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶପଥ ପାଠ କରାଯାଇଥିବା ବେଳେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ସମ୍ବିଧାନ ସମ୍ପର୍କିତ ବକ୍ତୃତା, ସାଧାରଣ ଜ୍ଞାନ ପ୍ରତିଯୋଗିତା ସହ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ନେଇ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ପାଇକରାୟଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଗୌରହରି ନାଏକ, ସମ୍ମାନିତ ଅତିଥି ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ, କୃଷି ଅଧିଦର୍ଶକ ଅଭୟ ରାଉତ, ସ୍ୱେଚ୍ଛାସେବୀ ସଂଗଠନ ପ୍ରଦାନର କାର୍ତ୍ତିକ ଦାସ, ଏଡିଓ ଯଦୁମଣି ମହାନ୍ତ ଯୋଗ ଦେଇଥିଲେ।

## କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଓ ଦିବସ



କେନ୍ଦୁଝର, ୨୬।୧୧(ସମିସ): ଦେଶରେ ବର୍ତ୍ତମାନ ବିଜେପି ସରକାର ଅଧୀନରେ ଲୋକମାନେ ଉପଯୁକ୍ତ ନ୍ୟାୟ ପାଉନାହାନ୍ତି। ଏହି ପରିପ୍ରେକ୍ଷୀରେ ସମ୍ବିଧାନକୁ ସୁରକ୍ଷିତ ରଖିବାକୁ ସମ୍ବିଧାନ ବଞ୍ଚାଓ ଦିବସ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜିଲ୍ଲା ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଇଂ ମନୋଜ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, କେନ୍ଦୁଝର କଂଗ୍ରେସ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଆଦିବାସୀ ନେତା ନିର୍ମଳ ନାଏକ ପ୍ରମୁଖ ସମ୍ବିଧାନ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ରତ୍ନାକର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଲଳିତ ମୋହନ ନାୟକ, ଉତ୍ତମ ସାହୁ, ଶରତଚନ୍ଦ୍ର ପାତ୍ର, ସାମ୍ବାଦିକ ଦିଲ୍ଲୀପ ସାହୁ, ମହିଳା କଂଗ୍ରେସ ନେତ୍ରୀ ସବିତା ସାହୁ, କଂଗ୍ରେସ ନେତା ହାଡିବନ୍ଧୁ ଖୁଣ୍ଟିଆ, ଅମିତ ମହାନ୍ତ, ସୁବ୍ରତ ନାୟକ, ଦିନେଶ ରାଉତ, ଚିତ୍ତରଞ୍ଜନ ପାତ୍ର, ଲକ୍ଷ୍ମଣ ଦାଶ, ଗୋବିନ୍ଦଚନ୍ଦ୍ର ମହାନ୍ତ, ରାମଚନ୍ଦ୍ର ମହାରଣା, ସେକ ଏଲିୟାସ, ହୃଦୟ ରଞ୍ଜନ ସିଂହ, ଲମ୍ବୋଧର ବେହେରା, ଗୋପାଳଚନ୍ଦ୍ର ସା, ସମ୍ରାଟ ନାୟକ, ନିରଞ୍ଜନ ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ ଉପସ୍ଥିତ ଥିଲେ।

## ଓକିଲ ସଂଘ ପକ୍ଷରୁ ଜାତୀୟ ଆଇନ ଦିବସ




ଆନନ୍ଦପୁର,୨୬।୧୧(ସମିସ): ଆନନ୍ଦପୁର ଓକିଲ ସଂଘର ସଭାଗୃହରେ ସମ୍ବିଧାନ ଦିବସ ଓ ଜାତୀୟ ଆଇନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓକିଲ ସଂଘର ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ଆମ ସମ୍ବିଧାନ ଆମ ସ୍ୱାଭିମାନ ଶୀର୍ଷକ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ଭାବରେ ଆନନ୍ଦପୁରର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ବରିଷ୍ଠ ଦେୱାନୀ ଅଦାଲତର ବିଚାରପତି ଦେବଦତ୍ତ ଦାସମହାପାତ୍ର ସମ୍ବିଧାନର ମୂଲ୍ୟବୋଧ ନୈତିକ ଦାୟିତ୍ୱ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସବଜଜ୍ ଗୌରବ ପୁରୋହିତ, ଉପଖଣ୍ଡ ନ୍ୟାୟିକ ବିଚାରପତି ଗୌରୀଶଙ୍କର ପଣ୍ଡା ନ୍ୟାୟିକ ପ୍ରଥମ ଶ୍ରେଣୀ ବିଚାରପତି ଯଶସ୍ୱିନୀ ମହାପାତ୍ର ଯୋଗଦେଇଥିଲେ। ନୂତନ ନିର୍ବାହୀ ନ୍ୟାୟାଧିକାରୀ ଗ୍ରାମ ନ୍ୟାୟାଳୟ ଘଷିପୁରାର ନ୍ୟାୟାଧିକାରୀ ଜଙ୍ଗମ ଇଶ୍ୱରଙ୍କୁ ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସମ୍ପାଦକ ଭଗବାନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଅଧିବକ୍ତା ମହେନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ମିଶ୍ର, ରାମଚନ୍ଦ୍ର ପାତ୍ର, ମନୋଜ ମିଶ୍ର, ତୁଳସୀ ଗୋଲାମ ଦେବତା, ସଞ୍ଜୟ ମିଶ୍ର, କିଶୋର ଚକ୍ର, ହୃଦାନନ୍ଦ ଦ୍ୱିବେଦୀ, ଅମର ମହାପାତ୍ର, ସୁବାଶ ବିଶ୍ୱାଳ, ଜୟନ୍ତ ରାଜ, ଉପସଭାପତି ଅତୁଲ ଚରଣ ନାୟକ, କୋଷାଧ୍ୟକ୍ଷ ଅଶୋକ ରାଉଳ, ରମେଶ ବାରିକ, ଶିବଶଙ୍କର ସାହୁ, ଅମୀୟ ଜେନା, ମନୋରଞ୍ଜନ ପାଣିଗ୍ରାହୀ, ମନୋଜ ତ୍ରୀପାଠୀ, ଭାଗୀରଥୀ ଦାଶ, ଉମେଶ ମହାନ୍ତି, ସୁଦାମ ମଙ୍ଗଳ, ଭୁବନେଶ୍ୱର ଜେନା, ମହେନ୍ଦ୍ର ରାମ, ହରିହର ଧଡା, ଜିତେନ୍ଦ୍ରୀୟ ଓଝା, ତ୍ରିଲୋଚନ ତ୍ରିପାଠୀ, ଦିଲୀପ ନାଥ, ସରୋଜ ପରିଡା, ନିରଞ୍ଜନ ସାହୁ, ଚତୁର୍ଭୂଜ ଜେନା, ମମିତା ମଲିକ ଯୋଗ ଦେଇଥିଲେ। ସଂଘ କର୍ମକର୍ତ୍ତା ସନ୍ତୋଷ ମିଶ୍ର, କୁଳମଣି ବେହେରା, ନରେନ୍ଦ୍ର ବେହେରା ସହଯୋଗ କରିଥିଲେ।

# ଗିରିଗାଁକୁ ନୂତନ ପଞ୍ଚାୟତ ମାନ୍ୟତା ଦାବି



ହାଟଡିହୀ,୨୬।୧୧(ସମିସ): ହାଟଡିହୀ ବ୍ଲକ୍ ଗିରିଗାଁ ଗ୍ରାମକୁ ନୂତନ ପଞ୍ଚାୟତର ମାନ୍ୟତା ଦେବାକୁ ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ମଧ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଉକ୍ତ ଗ୍ରାମଟି ସମଣା ଗ୍ରାମପଞ୍ଚାୟତ ଅଧୀନରେ ଅଛି। ପଞ୍ଚାୟତଟି ୧୩ଟି ରାଜସ୍ୱ ଗ୍ରାମକୁ ନେଇ ଗଠନ ହୋଇଥିବା ବେଳେ ଜନସଂଖ୍ୟା ଦୃଷ୍ଟିରୁ ଗ୍ରାମର ଲୋକସଂଖ୍ୟା ୨ହଜାରରୁ ଊର୍ଦ୍ଧ୍ୱ ଏବଂ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏହାର ଦୂରତା ୪ କିଲୋମିଟରରୁ ଊର୍ଦ୍ଧ୍ୱ। ବନ୍ୟା ପ୍ଲାବିତ ପଞ୍ଚାୟତ ହୋଇଥିବାରୁ ପଞ୍ଚାୟତ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥାଏ। ବୃଦ୍ଧବୃଦ୍ଧାମାନେ ଭତ୍ତା କି ରାସନ ପାଇଁ ଏତେ ଦୂରକୁ ଯିବାରେ ନାନା ସମସ୍ୟା ଭୋଗ କରୁଛନ୍ତି। ଫଳରେ ଗିରିଗାଁ ଗ୍ରାମଟି ଅବହେଳିତ ଅବସ୍ଥାରେ ରହୁଛି। ଗିରିଗାଁ, ତେଲସିଙ୍ଗା, ବରାଙ୍ଗ, ତେମଳା, ଦୁଡୁଗାଁ, ଭାଗିରଥୀପୁର, ବାହାରିପୁର ଆଦି ଗ୍ରାମକୁ ନେଇ ଗିରିଗାଁ ପଞ୍ଚାୟତ ଗଠନ ହେଲେ ଏହି ସବୁ ଗ୍ରାମର ଲୋକମାନେ ଉପକୃତ ହୋଇପାରିବେ ବୋଲି ଉପରୋକ୍ତ ଗ୍ରାମର ରାମ ସାହା, ଜଗତଜୀବନ ପାଢ଼ୀ, ସୁଦର୍ଶନ ଖଟୁଆ, ରମେଶ ଜେନା, କହ୍ନେଇ ଜେନା, ବିଦ୍ୟାଧର ପାଢ଼ୀ, ଅନାମ ବାରିକ, ସାଧୁ ଜେନା, ଗୋପାଳ ବାରିକ, ରାଜକିଶୋର ବାରିକ, ରାଜକିଶୋର ଜେନା, ସହଦେବ ପଣ୍ଡା, ଶ୍ୟାମସୁନ୍ଦର ପାଢ଼ୀ, ମୁରଲୀଧର ଜେନା, ପଦ୍ମନାଭ ସ୍ୱାଇଁ, କହ୍ନେଇ ଦାସ, ଉମାକାନ୍ତ ପୁହାଣ, ଗଙ୍ଗାଧର ଦଳେଇ, ଚିତ୍ତ ଜେନା, ହଳଧର ଜେନା, ଲକ୍ଷ୍ମୀଧର ଜେନା, ତରୁଣ ଶଙ୍କର ତ୍ରିପାଠୀ, ଅନନ୍ତ ନାରାୟଣ ପାଢ଼ୀ, ଅଁତେ ଜେନା, ଅଲେଖ ଜେନା, ରମାକାନ୍ତ ଜେନାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଦାବି କରିଛନ୍ତି।

## ଧର୍ମପ୍ରାଣା କାଞ୍ଚନ ରାଉତଙ୍କ ସ୍ମୃତିସଭା

ଆନନ୍ଦପୁର, ୨୬।୧୧ (ସମିସ): ଘସିପୁରା ବ୍ଲକ ଭଣ୍ଡାରିଡିହା ଗ୍ରାମର ଧର୍ମପରାୟଣା ମହିଳା ସ୍ୱର୍ଗତ କାଞ୍ଚନ ରାଉତଙ୍କ ଏକାଦଶାହରେ ତାଙ୍କ ବାସଭବନରେ ବିପିନ୍ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତା କାଞ୍ଚନ ରାଉତ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଗଗନ ବିହାରୀ ରାଉତଙ୍କ ସଂଯୋଜନରେ ବିଶ୍ୱଜିତ ମଲ୍ଲିକ, ରଞ୍ଜନ ରାଉତ, ଧନେଶ୍ୱର ବେହେରା, ଜୟରାମ ରାଉତ, ମନ୍ଦରଧର ଭିତିରିଆ, ରାଜେଶ୍ୱରୀ ରାଉତ, ପ୍ରତାପ ବଳ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଝରଣା ରାଉତ, ରାଜେଶ ରାଉତ, ରାକେଶ ରାଉତ ଆଦି ଯୋଗ ଦେଇଥିଲେ।

## ଅଲ୍ ହିରା ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ




ଚମ୍ପୁଆ,୨୬।୧୧(ସମିସ) ଅଲ୍ ହିରା ଇଂରାଜି ମିଡିୟମ ଶିକ୍ଷାନୁଷ୍ଠାନରେ ୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ମୁଖ୍ୟବକ୍ତା ଭାବରେ ଚନ୍ଦ୍ରଶେଖର କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କର, ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଆବିଦ ଆନସାରୀ, ଅଲ୍ ହିରା ଇଂରାଜି ମିଡିୟମ ପରିଚାଳନା କମିଟି ସଭାପତି ସଂପାଦକ, ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶ୍ରୀଗଣେଶ ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର



ଆନନ୍ଦପୁର, ୨୬।୧୧ (ସମିସ): ଘଷିପୁରାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଗଣେଶ ଗ୍ରୁପ ପକ୍ଷରୁ ଆଜି ଆନନ୍ଦପୁର ରେଡ୍କ୍ରସ୍ ରକ୍ତଭଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ସମ୍ମାନିତ ଅତିଥି ଭାବେ ଘଷିପୁରା ତହସିଲଦାର ଅଭୟ ସ୍ୱାଇଁ, ମେଡିକାଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ଦାସ, ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ଅମର ବେହେରା, ବରିଷ୍ଠ ସାମ୍ବାଦିକ ଶତ୍ରୁଘ୍ନ ସାହୁ, ସୁବାସ ନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିବିରରୁ ମୋଟ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଦମ୍ପତିଙ୍କ ରକ୍ତଦାନ ଏହି ଶିବିରର ମୁଖ୍ୟ ଆକର୍ଷଣ ରହିଥିଲା। ସଂଗଠନର ଉପଦେଷ୍ଟା ରମେଶ ସାହୁଙ୍କ ତତ୍ତ୍ୱାବଧାନରେ ସଭାପତି ରଙ୍କନାଥ ସାମଲ, ସମ୍ପାଦକ ମହେଶ୍ୱର ସାହୁ, ତପନ ସାହୁ, ଜିତେନ୍ଦ୍ର ସାହୁ, ଧବଳେଶ୍ୱର ସାହୁ, ସଦାଶିବ ସାହୁ, ଜୟନ୍ତ ସାହୁ, ନରୁ ଦାସ, ବାମଦେବ ବିଶ୍ୱାଳ, ଶ୍ରୀକାନ୍ତ ସାହୁ, ସୁରେନ୍ଦ୍ର ସାହୁ, ବିଶ୍ୱଭାରତ ସାହୁ, ରକ୍ତଭଣ୍ଡାର କର୍ମଚାରୀ ସୁଦର୍ଶନ ବେହେରା, ଅଶୋକ ସୂର୍, ମୋନାଲିସା ପୁହାଣ, ବୁଲୁ ସୁବୁଦ୍ଧି, ଅଞ୍ଜନ ସିଂ ପରିଚାଳନା କରିଥିଲେ।

## ଦଧିବାମନଜୀଉ ମନ୍ଦିରରେ ଶ୍ରୀଜଗନ୍ନାଥ କଥାମୃତ



ଆନନ୍ଦପୁର, ୨୬।୧୧ (ସମିସ): ଘସିପୁରା ବ୍ଲକ କେଶଦୁରାପାଳ ଦଧିବାମନଜୀଉ ମନ୍ଦିର କମିଟି ତରଫରୁ ପବିତ୍ର ମାର୍ଗଶୀର ମାସରେ ଜଗନ୍ନାଥ କଥାତତ୍ତ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ପଦ୍ମଶ୍ରୀ ବାବା ବଳିଆଙ୍କୁ କେଶଦୁରାପାଳ ବସଷ୍ଟାଣ୍ଡରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ରବିନ୍ଦ୍ର ବଳ ଓ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ସହ ବାବା ବଳିଆଙ୍କୁ ଆକାଶ ରଥ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବାବା ବଳିଆ ଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେବାଶିଷ ପାତ୍ର ପ୍ରଦାନ କରିଥିଲେ। ହରିପ୍ରସାଦ ମିଶ୍ର ସଞ୍ଚାଳନ କରିଥିଲା ବେଳେ ଉପଦେଷ୍ଟା ହୃଷୀକେଶ ଆଚାର୍ଯ୍ୟ ସମ୍ବର୍ଦ୍ଧନା ବାର୍ତ୍ତା ଦେଇଥିଲେ। ଦୁଇ ଦିନ ଧରି ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସନ୍ଧ୍ୟାରେ ପଦ୍ମଶ୍ରୀ ବାବା ବଳିଆଙ୍କ ଆଧ୍ୟାତ୍ମିକ ଦିବ୍ୟ ପ୍ରବଚନ ଶୁଣିବାକୁ ଆଖପାଖର ଜଗନ୍ନାଥପ୍ରେମୀଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। ଭିକାରୀ ଚରଣ ବିନ୍ଧାଣି, ବିଶ୍ୱନାଥ ଓଝା, ମାଧବ ସାହୁ, ନିଧିରାମ ବିନ୍ଧାଣିଙ୍କ ସହ ମନ୍ଦିର କମିଟି ସଦସ୍ୟ ସହଯୋଗ କରିଥିଲେ।

## ଶିକ୍ଷକ ଦମ୍ପତି ବାଣ୍ଟିଲେ ଶୀତବସ୍ତ୍ର



ହାଟଡ଼ିହୀ,୨୬କ୧୧(ସମିସ): ହାଟଡ଼ିହୀ ବ୍ଲକ ସମଣା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ବାବା ବଟେଶ୍ୱରଙ୍କ ଶୈବମନ୍ଦିର ସମ୍ମୁଖରେ ବୁଧବାର ସକାଳ ସମୟରେ ମାଗଣା ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଶିକ୍ଷକ ଦମ୍ପତି ଆଜକୁ ୭ ବର୍ଷ ଧରି ନିଜକୁ ସେବାକାର୍ଯ୍ୟରେ ନିୟୋଜିତ କରି ଆସିଛନ୍ତି। ହାଟଡ଼ିହୀ ବ୍ଲକ ଖେତୁଆଳି ଗ୍ରାମର ଶିକ୍ଷକ ସୁଧାକର ମହାପାତ୍ର ଓ ତାଙ୍କ ପତ୍ନୀ ରୁକ୍ମଣୀ ମହାପାତ୍ର ଚଳିତବର୍ଷ ମଧ ଗୋବିନ୍ଦପୁରର ୨୦ରୁ ଊର୍ଦ୍ଧ୍ୱ ଗରିବ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର (କମ୍ବଳ) ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନୃସିଂହ ପାଢ଼ୀ ସଭାପତିତ୍ୱ କରିଥିଲା ବେଳେ ନିରାକାର ସ୍ୱାଇଁ, ରତ୍ନାକର କବି, ୱାର୍ଡସଭ୍ୟ ଦୀପ୍ତିମୟୀ ଡୋରା, ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଧ୍ୟକ୍ଷା ଲିଲି ନାୟକ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଡୋରା, ଯୁବ ସମାଜସେବୀ ସତ୍ୟାନନ୍ଦ ଡୋରାଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପାଣି ପାଇପ୍ ଫାଟି ରାସ୍ତାସାରା ଜଳମଗ୍ନ



ହାଟଡିହୀ,୨୬।୧୧(ସମିସ): ହାଟଡ଼ିହୀ ବ୍ଲକ୍ ସମଣା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ୧୫ନଂ ୱାର୍ଡକୁ ଲମ୍ବିଥିବା ରାସ୍ତାଟି ଜଳମଗ୍ନ ହୋଇଥିବା ଦେଖାଯାଇଛି। ଉକ୍ତ ୱାର୍ଡବାସିନ୍ଦାଙ୍କ କହିବାନୁସାରେ, ରାସ୍ତାକଡ଼ରେ ପୋତା ଯାଇଥିବା ପାଣି ପାଇପ୍ ଫାଟିଯିବାରୁ ଆଜକୁ ୧୫ଦିନ ହେବ ଅନବରତ ପାଣି ବୋହି ରାସ୍ତାସାରା ଜଳମୟ ହୋଇପଡ଼ିଛି। ପଞ୍ଚାୟତଠାରୁ ବ୍ଲକ୍ ଯାଏଁ ଅଭିଯୋଗ କରିଥିଲେ ମଧ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ପିଲାଠୁ ବୃଦ୍ଧବୃଦ୍ଧା ଯାଏଁ ସମସ୍ତେ ପାଣି କାଦୁଅରେ ପଶି ନାନା ଅସୁବିଧାରେ ଯା'ଆସ କରୁଛନ୍ତି। ସାଧାରଣତଃ ଗାଁରୁ ବାହାରି ଅଙ୍ଗନବାଡି ଛୁଆ, ସ୍କୁଲକଲେଜକୁ ଯାଉଥିବା ପିଲାମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏଥିପ୍ରତି ଦୃଷ୍ଟିଦେଇ ଯଥାଶୀଘ୍ର ଏହାର ସମାଧାନ କରିବାକୁ ୧୫ନଂ ୱାର୍ଡମେମ୍ବର ଦୀପ୍ତିମୟୀ ଡୋରାଙ୍କ ସମେତ ଚଞ୍ଚଳା ସ୍ୱାଇଁ, ପ୍ରଫୁଲ୍ଲ ଡୋରା, ବଳରାମ ଦାସ, ରମାକାନ୍ତ ଦାସ, ନଟବର ଦାସ, ଜଗବନ୍ଧୁ ଦାସ, ମାୟାଧର ସ୍ୱାଇଁ, ସତ୍ୟାନନ୍ଦ ଡୋରା, ମଣିଚରଣ ସେନାପତି, ସୁବାସ ଘୋଷ, ରତ୍ନମଣି ଡୋରା, ଲୋକନାଥ ଡୋରା, ପ୍ରଫୁଲ୍ଲ ଦାସ, ଆକାଶ ଦାସ, ସୁବାସଚନ୍ଦ୍ର ଡୋରା, ରଘୁନାଥ ଡୋରା ପ୍ରମୁଖ ଦାବି କରିଛନ୍ତି।


## ଆନନ୍ଦପୁର ମହାବିଦ୍ୟାଳୟରେ ଇଣ୍ଡକ୍ସନ ପ୍ରୋଗ୍ରାମ




ଆନନ୍ଦପୁର, ୨୬।୧୧ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଶାଖାର ଇଣ୍ଡକ୍ସନ ପ୍ରୋଗ୍ରାମକୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଦୁର୍ଗାଶଙ୍କର ପରିଡ଼ା ଉଦଘାଟନ କରିଥିଲେ। ଯୁବ ରେଡକ୍ରସ୍‌ର ପରାମର୍ଶଦାତା ଅଧ୍ୟାପକ ରଞ୍ଜନ କୁମାର ନାୟକଙ୍କ ସଂଯୋଜନାରେ ମୁଖ୍ୟଅତିଥିଙ୍କ ସହ ସମ୍ମାନିତ ଅତିଥି ଅଧ୍ୟାପିକା ସଂଘମିତ୍ରା ରାଉତ ସ୍ୱେଚ୍ଛାସେବୀଙ୍କ ସହ ରେଡକ୍ରସ୍‌ର ଇତିହାସ, ଏହାର ମୌଳିକ ନୀତି, ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିଥିଲେ। ରେଡକ୍ରସ୍‌ର ମୁଖ୍ୟ ଉଦ୍ଦେଶ୍ୟ ସେବା, ଶାନ୍ତି ଓ ନିରପେକ୍ଷତା ଉପରେ ମାର୍ଗଦର୍ଶନ କରାଇଥିଲେ। ଅନ୍ୟତମ ପରାମର୍ଶଦାତା ପୂର୍ଣ୍ଣାନନ୍ଦ ପାର୍ଥସାରଥୀ ଶଙ୍ଖୁଆ ଧନ୍ୟବାଦ ଦେଇଥିଲେ।

# ଜେବି ମ୍ୟୁଜିକ୍‌ରେ ମୁକ୍ତିଲାଭ କଲା ମହାଲକ୍ଷ୍ମୀ ବ୍ରତକଥା

ଆନନ୍ଦପୁର, ୨୬।୧୧ (ସମିସ): ଜେବି ମ୍ୟୁଜିକରେ ମାଣବସା ଗୁରୁବାର ଆଧାରିତ ମହାଲକ୍ଷ୍ମୀ ବ୍ରତକଥା ସଂଗୀତ ସା ନି ଧା ପା.. କଳାକାରଙ୍କ ଗହଣରେ ମୁକ୍ତିଲାଭ କରିଛି। ଦୀପ୍ତିମୟୀ ସାହୁ ଓ ସାଗରିକା ପହିଙ୍କ କଣ୍ଠରେ, ଲକ୍ଷ୍ମୀ ପୁରାଣର ନିଆରା ସ୍ୱାଦକୁ ନେଇ ସଙ୍ଗୀତ ପ୍ରତ୍ୟେକ ଜନମାନସଙ୍କ ହୃଦୟରେ ଆଦୃତ ହୋଇ ଭକ୍ତି ଭାବନା ସୃଷ୍ଟି କରିବ ବୋଲି ପ୍ରାୟୋଜକ ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ବାଙ୍ଗିଡ଼ିସ୍ଥିତ ଡିଏନ ଷ୍ଟୁଡିଓରେ ଜେ.ବି ମ୍ୟୁଜିକ ତରଫରୁ ଲକ୍ଷ୍ମୀପୁରାଣକୁ ଏକ ନୂତନ ସଂଗୀତଶୈଳୀର ପରିକଳ୍ପନା କରାଯାଇଛି। ସରକାରୀ ସ୍ତରରେ ନିୟୋଜିତ ଥିବା ଦୁଇ ସୁମଧୁର ମହିଳା କଣ୍ଠଶିଳ୍ପୀ ନିଜର ଲୁକ୍କାୟିତ ପ୍ରତିଭାର ବିକାଶ ନିମନ୍ତେ କର୍ମକ୍ଷେତ୍ରରୁ ସମୟ ବାହାର କରି ସଙ୍ଗୀତ ପ୍ରତି ପ୍ରୟାସ ଜାରି ରଖିଛନ୍ତି। ଆନନ୍ଦପୁର ଉପଖଣ୍ଡ ଭାଟିଶିରା ଗ୍ରାମର ଶିକ୍ଷୟିତ୍ରୀ ସାଗରିକା ପହି ଓ ବଞ୍ଚୋ ଆରଆଇ ଦୀପ୍ତିମୟୀ ସାହୁଙ୍କ କଣ୍ଠଦାନରେ ଏହି ପୌରାଣିକ ଭାବପୂର୍ଣ୍ଣ ଲକ୍ଷ୍ମୀ ପୁରାଣର ନିଆରା ଉଦ୍ୟମ ସମଗ୍ର ଓଡ଼ିଶାବାସୀଙ୍କ ହୃଦୟରେ ଏକ ଭକ୍ତି ଭାବର ଚେତନା ଜାଗ୍ରତ କରିପାରିବ ବୋଲି ଜେ.ବି ମ୍ୟୁଜିକର ସମ୍ପାଦକ ଜ୍ୟୋତିପ୍ରକାଶ ସାହୁ ଆସ୍ଥା ରଖିଛନ୍ତି। ଏହି ପରିକଳ୍ପନାର ନୂଆ ଧାରା ଓ ଶୈଳୀକୁ ସଂଗୀତର ଯାଦୁଗରିରେ ସଜେଇଛନ୍ତି ସଂଗୀତ ନିର୍ଦ୍ଦେଶକ ହରିହର ଜେନା ଓ ଲକ୍ଷ୍ମୀପୁରାଣର ସଂଯୋଜନା କରିଛନ୍ତି ବିଶିଷ୍ଟ କଣ୍ଠଶିଳ୍ପୀ ମଦନ ପାଣି।



## ବନାଞ୍ଚଳସ୍ତରୀୟ ଗଜସାଥୀଙ୍କ ପ୍ରଶିକ୍ଷଣ ଓ ସମନ୍ୱୟ ବୈଠକ



କେନ୍ଦୁଝର, ୨୬।୧୧(ସମିସ): କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଢ ବନାଞ୍ଚଳ କାର୍ଯ୍ୟାଳୟରେ ଏକ ବନାଞ୍ଚଳସ୍ତରୀୟ ଗଜସାଥୀ ପ୍ରଶିକ୍ଷଣ ଓ ବନ ସୁରକ୍ଷା ସମିତି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ୬୮ ୟୁନିଟରୁ ୩୪୦ ଜଣ ଗଜସାଥୀ, ସମସ୍ତ ବନ ସୁରକ୍ଷା ସମିତିର ସଭାପତି, ଗୋଷ୍ଠୀ ସହାୟକ ଓ ୫୦୦ରୁ ଊର୍ଦ୍ଧ୍ୱ ଲୋକେ ସାମିଲ ହୋଇଥିଲେ। ବନାଞ୍ଚଳ ଅଧିକାରୀ ନୟନକାନ୍ତ ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ହାତୀ-ମନୁଷ୍ୟ ସହାବସ୍ଥାନ ଏବଂ ଏହାର ପରିଚାଳନାରେ ଗଜସାଥୀମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବନ୍ୟପ୍ରାଣୀ ବିଶେଷଜ୍ଞ ଅରବିନ୍ଦ ମାଝୀ, ସହକାରୀ ବନ ସଂରକ୍ଷକ ଅଶୋକ କୁମାର ଦାସ, କନିଷ୍ଠ ବୈଦ୍ୟୁତିକ ଯନ୍ତ୍ରୀ ସଚିତ୍ର ମହାନ୍ତ, ଶୁଆକାଟି ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, କାଞ୍ଚିପାଣି ବନପାଳ ସାବିତ୍ରୀ ସାହୁ ସଚେତନାମୂଳକ ବକ୍ତବ୍ୟ ରଖିଥିଲେ। ୨୪ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟା ଶାନ୍ତିଲତା ରଣା, ଡବ୍ଲୁଟିଆଇ ର ବ୍ରଜରାଜ ଯାଦବ, ସମସ୍ତ ବନରକ୍ଷୀ, ପ୍ରକଳ୍ପର ଟିମ୍ ଲିଡର୍ ସୁଶାନ୍ତ ବେହେରା ଓ ଉନ୍ନୟନ ଅଧିକାରୀ ସହଯୋଗ କରିଥିଲେ। ସମସ୍ତ ଗଜସାଥୀଙ୍କୁ ହାତୀ ଲାଇଟ୍, ଟି-ସାର୍ଟ, ଜୋତା ବିତରଣ କରାଯାଇଛି।

## ବିଭିଏନ୍ ଇଂରାଜୀ ମିଡିୟମ୍ ସ୍କୁଲରେ ମାତୃ କର୍ମଶାଳା

ହାଟଡିହୀ,୨୬।୧୧(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ବିଦ୍ୟାଧରପୁରସ୍ଥିତ ବିଭିଏନ୍ ଇଂରାଜୀ ମିଡ଼ିୟମ୍ ସ୍କୁଲରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ପ୍ରଚେଷ୍ଟାରେ ଏହି ସ୍କୁଲ ଚାଲୁଥିବା ବେଳେ ସ୍ୱଳ୍ପ ଖର୍ଚ୍ଚରେ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ମିଡ଼ିୟମ୍ ଶିକ୍ଷା ପ୍ରଦାନ କରାଯାଉଛି। ଇସ୍କୁଲର ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ଏହି ମାତୃ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ସମାଜସେବୀ ପ୍ରଦୀପ କୁମାର ପେଡା, ଅଧ୍ୟକ୍ଷ ସୁରେଶଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସରସ୍ୱତୀ ପଣ୍ଡା, ସଂଘମିତ୍ରା ସାହୁ, ଝିଲିରାଣୀ ଆରୁଖ, ବିଶ୍ୱାଲକ୍ଷ୍ମୀ ରାଉତ, ରଞ୍ଜନ ଶତପଥୀ, ସଞ୍ଜୟ ପାତ୍ର, ସବିତା ନାୟକ, ସଂଯୁକ୍ତା ବାରିକ, କ୍ରିଷ୍ଣା କୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଶତାଧିକ ମା'ମାନେ ଯୋଗ ଦେଇଥିଲେ।

## କବି ଅଶୋକଙ୍କୁ ଅରୁଣ ଚକ୍ରବର୍ତ୍ତୀ ଲାଲପାହାଡ଼ି ସମ୍ମାନ



ଆନନ୍ଦପୁର, ୨୬।୧୧ (ସମିସ): ଓଡ଼ିଆ କବିତା କ୍ଷେତ୍ରରେ ଯୁବପ୍ରେରଣାର ଉତ୍ସ କବି ଡ. ଅଶୋକ ପୁହାଣଙ୍କୁ ପଶ୍ଚିମବଙ୍ଗର ବିଶିଷ୍ଟ କବି ଓ ଦାର୍ଶନିକ ଅରୁଣ ଚକ୍ରବର୍ତ୍ତୀଙ୍କ ପ୍ରଥମ ଶ୍ରାଦ୍ଧଉତ୍ସବ ଏବଂ ଇଜେଡସିସି ଭାରତ ସରକାରଙ୍କ ସହଭାଗିତାରେ ଆୟୋଜିତ ଏକ ଉତ୍ସବରେ "ଅରୁଣ ଚକ୍ରବର୍ତ୍ତୀ ଲାଲପାହାଡ଼ି ସମ୍ମାନ' ପ୍ରଦାନ କରାଯାଇଛି। ପଶ୍ଚିମବଙ୍ଗ କବିତା ଆକାଡେମୀର ଅଧ୍ୟକ୍ଷ ବିଶିଷ୍ଟ କବି ପ୍ରଫେସର ସୁବୋଧ ସରକାର କବି ଶ୍ରୀ ପୁହାଣଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ତାଙ୍କ ଓଡ଼ିଆ କବିତା ସଙ୍କଳନ "ପ୍ରେମ ଓ ଭୋକ'ର ବଂଗଳା ଅନୁବାଦ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶାର ଅନ୍ୟତମ ବିଶିଷ୍ଟ କବି ତଥା ଅନୁବାଦକ କବି ନିରଞ୍ଜନ ଜେନା ଏହି କବିତା ସଙ୍କଳନର ବଙ୍ଗଳା ଅନୁବାଦ କରିଛନ୍ତି। ଅରୁଣ ଉତ୍ସବ କମିଟିର ଅଧ୍ୟକ୍ଷ କବି ଅମିତ ରାୟ ଏବଂ ସଦସ୍ୟ କବି ଅନିକ ରୁଦ୍ର କବି ଶ୍ରୀ ପୁହାଣଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହ ଓଡ଼ିଶାର ବିଭିନ୍ନ ସାହିତ୍ୟ ସଂଗଠନ, କବି ଓ ଲେଖକ ତଥା ବିଶେଷ ଭାବେ ଆନନ୍ଦପୁର ଲେଖକ ସମବାୟ ସମିତିର କର୍ମକର୍ତ୍ତା ଡ. ରାମଚନ୍ଦ୍ର ନାୟକ, ବିଶିଷ୍ଟ ଶିଶୁ ସାହିତ୍ୟିକ ରତ୍ନାକର ଦାସ, ପ୍ରାବନ୍ଧିକ ରମାକାନ୍ତ ନାୟକ, କବି କୀର୍ତ୍ତନ ସାହୁ, କବି ପ୍ରଫୁଲ୍ଲ ଚକ୍ର, କବି ନିରଞ୍ଜନ ପତି ମଦନ ପାଣି ତଥା ଓଡିଶାର ଅନ୍ୟତମ ବିଶିଷ୍ଟ କବି ଗାଳ୍ପିକ ଔପନ୍ୟାସିକ ଡ. ଅଜୟ ସ୍ୱାଇଁ, ପକ୍ଷୀଘର ପ୍ରକାଶନୀର ସଂପାଦକ ବନୋଜ ତ୍ରିପାଠୀ ପ୍ରମୁଖ ଶ୍ରଦ୍ଧା ଓ ଶୁଭେଚ୍ଛା ଜଣାଇଛନ୍ତି।

## ଆଇନ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ




କେନ୍ଦୁଝର, ୨୬।୧୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ପ୍ରଭାସ ମଞ୍ଜରୀ ଆଇନ ମହାବିଦ୍ୟାଳୟ ପରିସରରେ ସମ୍ବିଧାନ ଦିବସ-୨୦୨୫ ପାଳିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗଦେଇଥିଲେ। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ, ଉପ ଆରକ୍ଷୀ ଅଧୀକ୍ଷକ ରବିନ୍ଦ୍ର ପାତ୍ର, ପାନେଲ ଅଧିବକ୍ତା ସୁନୀଲ କୁମାର ମହାନ୍ତ ବିଭିନ୍ନ ପ୍ରସଂଗରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ ଧନେଶ୍ୱର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟ ଛାତ୍ରୀ ତଥା ପିଏଲ୍ଭି ଆଶାଲତା ପୁହାଣ ଓ ଛାତ୍ରୀ ସ୍ୱର୍ଣ୍ଣଲତା ବେହେରା, ଛାତ୍ର ଭବାନୀ ପ୍ରସାଦ ଦଣ୍ଡସେନା ଉପରୋକ୍ତ ବିଷୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଶିଶୁ ଦିବସ ଉପଲକ୍ଷେ ଅନୁଷ୍ଠିତ ପେଣ୍ଟିଂ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କନିଷ୍ଠ ବର୍ଗର ପ୍ରଥମ ସ୍ଥାନ ମନିଷା ପ୍ରଧାନ, ଦ୍ୱିତୀୟ ସ୍ଥାନ ରାଜସ୍ମିତା ବାରିକ, ତୃତୀୟ ସ୍ଥାନ ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତ ଓ ବରିଷ୍ଠ ବର୍ଗର ପ୍ରଥମ ସ୍ଥାନ ପ୍ରଣତୀ ପ୍ରତ୍ୟୁଷା ସୂତାର, ଦ୍ୱିତୀୟ ସ୍ଥାନ ଶାଶ୍ୱତ ସମ୍ବିତ ତ୍ରିପାଠୀ, ତୃତୀୟ ସ୍ଥାନ ପ୍ରିୟଙ୍କା ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଭାଲିଆଡାଳ ଗ୍ରାମପଞ୍ଚାୟତର ୬୦୦ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ

# ୧୧ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ପାଇଁ ସଜବାଜ

ଶରତ/ମହୁଲଡିହା, ୨୬।୧୧(ସମିସ):



ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭାଲିଆଡ଼ାଳ ଗ୍ରାମ ପଞ୍ଚାୟତର ୬୦୦ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଏହି ପଞ୍ଚାୟତରେ ପାଖାପାଖି ୯୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଏହି ପଞ୍ଚାୟତରେ ଭାଲିଆଡ଼ାଳ ଏବଂ ବାଗଦଫା ଦୁଇଟି ରାଜସ୍ୱ ଗ୍ରାମ ରହିଛି। ସ୍ୱାଧୀନତାର ୭ ଦଶନ୍ଧି ବିତି ଯାଇଥିଲେ ସୁଦ୍ଧା ଏହି ଗ୍ରାମ ପଞ୍ଚାୟତର ପ୍ରାୟ ୬୦୦ ପରିବାରଙ୍କୁ ବିଦ୍ୟୁତ ସେବା ଯୋଗାଇବାରେ ପ୍ରଶାସନ ବିଫଳ ହୋଇଛି ବୋଲି ସରପଞ୍ଚ ଜାହ୍ନବୀ ସଏ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ 'ସୌଭାଗ୍ୟ' ଯୋଜନାରେ ସମସ୍ତ ପରିବାରଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଉଥିବା ବେଳେ ଏହି ପଞ୍ଚାୟତକୁ ବାଦ ଦିଆଯାଇଥିବାରୁ ଠାକୁରମୁଣ୍ଡା ଅଞ୍ଚଳର ବୁଦ୍ଧିଜିବୀ ମହଲରେ ଗଭୀର ଉଦବେଗ ପ୍ରକାଶ ପାଇଛି। ଏହି ପଞ୍ଚାୟତ ଅନ୍ତର୍ଗତ ବେଣୁଆଦରସାହି, କୁମ୍ଭବେଡଲହରସାହି, ଜଜବୁରୁସାହି, ଜାମବଣି, ବଉଳା, ଚନ୍ଦନଝରଣ, କୁମଡିହାସାହି, ଝରଝରୀ, ବାଗଦଫା (କଣ୍ଟାବଣିସାହି), ଗୋଡଭଙ୍ଗା ସାହି ଆଦି ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଏହି ସମସ୍ୟା ସମ୍ପର୍କରେ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ୟା ନେଇ ବାରମ୍ବାର ଉପସ୍ଥାପନା କରାଯାଇଥିଲେ ସୁଦ୍ଧା ଆଜିଯାଏ କୌଣସି ଫଳ ମିଳୁନାହିଁ ବୋଲି ପଞ୍ଚାୟତବାସୀ କୋହଭରା କଣ୍ଠରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ମଧ୍ୟ ଅଭିଯୋଗପତ୍ର ଦିଆଯାଇଥିବା ସରପଞ୍ଚ କହିଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଲୋକଙ୍କ ଦୁଃଖ ଶୁଣୁନାହାଁନ୍ତି। ତେଣୁ ଏହାର ପ୍ରତିବାଦ ଜଣାଇ ଆସନ୍ତା ଡିସେମ୍ବର ୧୧ ତାରିଖରେ ସରପଞ୍ଚ ଜାହ୍ନବୀ ସୟଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଗଣଧାରଣା ଦିଆଯିବ। ଏନେଇ ବୁଧବାର ପଞ୍ଚାୟତବାସୀ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲେ। ବୈଠକରେ ସରପଞ୍ଚଙ୍କ ସମେତ ସମିତି ସଭ୍ୟ ବାମିଆ ବାନରା, ଡିବାର ପୂର୍ତ୍ତି, ସଦନ ଉଗ୍ରଶାଣ୍ଡି, ସିଙ୍ଗରାୟ ଲାମାୟ, ଗାମାଏ ଗୋଇପାଇ, ବୀର ହେମ୍ବ୍ରମ, କିଲା ଗୋଡସରା, ପୂର୍ବତନ ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା କୁଦାଦା, ପୁନ୍ୟକର୍ମ ନାୟକ, ନାରାଙ୍ଗା ଗୋଡସରା, ଦୁର୍ଗା ଚରଣ ପୂର୍ତ୍ତି, ବିରଞ୍ଚି ହୋ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଠାକୁରମୁଣ୍ଡା ବିଡ଼ିଓଙ୍କୁ ଯୋଗାଯୋଗ କରିବାରୁ ବିଜୁଳି ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ଅଛନ୍ତି ଏବଂ ଉକ୍ତ ଗ୍ରାମଗୁଡିକରେ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଯଥା ସମ୍ଭବ ଉଦ୍ୟମ କରାଯାଉଛି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

## 'ସମୟର ଆଇନାରେ କେନ୍ଦୁଝର'ର ପାଠକାର୍ପଣ





କେନ୍ଦୁଝର, ୨୬।୧୧(ସମିସ): କେନ୍ଦୁଝରେ ହୋଟେଲ ଶ୍ରୀକ୍ଷେତ୍ର ଇଣ୍ଟରନ୍ୟାସନାଲ ସମ୍ମିଳନୀ କକ୍ଷରେ କେନ୍ଦୁଝରର ଭୂମିପୁତ୍ର ବିଶିଷ୍ଟ ଗବେଷକ ସ୍ୱର୍ଗତ ରମେଶଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ରଚିତ "ସମୟର ଆଇନାରେ କେନ୍ଦୁଝର'ର ଦ୍ୱିତୀୟ ସଂସ୍କରଣ ପାଠକାର୍ପଣ ହୋଇଯାଇଛି। ଲେଖକଙ୍କ ୯୫ତମ ଜୟନ୍ତୀ ଅବସରରେ ଜିଲ୍ଲାର ବହୁ ବିଶିଷ୍ଟ କବି ଲେଖକ ଗବେଷକ ଶିକ୍ଷାବିତ ଆଇନଜୀବୀ, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ପ୍ରାଧ୍ୟାପକ ଡ ସୁଧା ଦାସ, ସ୍ୱାଗତ ସମ୍ଭାଷଣ ରଖିଥିଲେ। କବି ଦେବାଶିଷ ଚକ୍ରବର୍ତ୍ତୀ, ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱର୍ଗତ ରମେଶ ଚକ୍ରବର୍ତ୍ତୀଙ୍କ ଅନେକ ଉପାଦେୟ ରଚନାବଳୀ ରାଜ୍ୟର ବହୁ ପତ୍ରପତ୍ରିକାରେ ନିୟମିତ ପ୍ରକାଶିତ ହେବାସହ ଅନେକ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ଆଜିର ପିଢି ପାଇଁ ଗବେଷଣାର ବିଷୟବସ୍ତୁ ହୋଇପାରିଛି।

## ବାଇକ୍ ଧକ୍କାରେ ଜଣେ ମୃତ

ରାଇରଙ୍ଗପୁର,୨୬।୧୧(ସମିସ): ଏକ ବାଇକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ତିରିଂ ଥାନା ଅନ୍ତର୍ଗତ ବିଞ୍ଝୁଆ ଗ୍ରାମର ଦିଲ୍ଲୀପ ବସା(୫୫)। ସେ ସାଇକଲ ଯୋଗେ ବହଳଦା ବଜାରରୁ ଘରକୁ ଫେରୁଥିବାବେଳେ କଦମଟାଣ୍ଡି ଛକରେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡି ଯିବାରୁ ଜୋରରେ ଆଘାତ ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ପରେ କଟକ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି।

## ଟ୍ରାନ୍ସଫର୍ମରରୁ କଏଲ୍ ଚୋରି

ରାଇରଙ୍ଗପୁର, ୨୬।୧୧(ସମିସ): ଯୋଡ଼ାଚୁଆ ଗ୍ରାମରୁ ଟ୍ରାନ୍ସଫର୍ମରରୁ କଏଲ ଚୋରି ହୋଇଛି। ଏନେଇ ଟିପିଏନଓଡିଏଲ ବିଶୋଇ ବିଦ୍ୟୁତ ସେକ୍ସନ ସହକାରୀ ନିର୍ବାହୀ ଯନ୍ତ୍ରୀ ସମୀର କୁମାର ଆଚାର୍ଯ୍ୟ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟୁତ ଲାଇନ ମ୍ୟାନ ଓ ଅନ୍ୟ କର୍ମଚାରୀ ଉକ୍ତ ସ୍ଥାନକୁ କାର୍ଯ୍ୟ କରିବାକୁ ଯାଇଥିବା ବେଳେ ୨୫କେଭିର ଟ୍ରାନ୍ସଫର୍ମର ସାମଗ୍ରୀ ଚୋରି ହୋଇଥିବା ନେଇ ଜଣାଇଥିଲେ। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏନେଇ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ଦେଶୀ ମଦ ଜବତ; ୨ ମହିଳା ଗିରଫ

କୁଆମରା, ୨୬।୧୧(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ଆଜି ଦୁଇ ମହିଳାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩୪ ଲିଟର ଦେଶୀମଦ ଜବତ କରିଛି। ଏହି ଥାନା ଅନ୍ତର୍ଗତ ବୃନ୍ଦାଗଡି ଗ୍ରାମର ମଲ୍ଲୀ ମୁର୍ମୁ (୩୯)ଙ୍କ ଠାରୁ ୧୬ ଲିଟର ଓ ନହରା ଗ୍ରାମର ବଶାଖି ବେହେରା (୪୭)ଙ୍କ ଠାରୁ ୧୮ ଲିଟର ମଦ ଜବତ ହୋଇଛି। ପୃଥକ ମାମଲା ରୁଜୁ ହେବା ସହ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମା' କୀଚକେଶ୍ୱରୀ କଳା ନିକେତନକୁ ସରକାରୀ ସହାୟତା ଦାବି



ଖିଚିଂ, ୨୬।୧୧(ସମିସ): ଶୁକ୍ରୁଲି ବ୍ଲକ ଅଧୀନ ବଡାମତଳିଆ ଗ୍ରାମରେ ୨୦୧୧ ମସିହାରେ ସ୍ଥାପିତ ହୋଇଥିବା ମା' କୀଚକେଶ୍ୱରୀ କଳାନିକେତନ ଏକ ଶିକ୍ଷାନୁଷ୍ଠାନ ଖୋଲାଯାଇଛି। ଏହି ଶିକ୍ଷାନୁଷ୍ଠାନ ଚଳିତବର୍ଷ ସରକାରୀ ପଞ୍ଜିକୃତ ଅନୁଷ୍ଠାନ ରୂପେ ମାନ୍ୟତା ଲାଭ କରିଛି। ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ଗତ ୧୫ ବର୍ଷଧରି ଲବ୍ଧପ୍ରତିଷ୍ଠ ନୃତ୍ୟଗୁରୁ କହ୍ନେଇ ଚରଣ ନାଏକଙ୍କଠାରୁ ପ୍ରଶିକ୍ଷଣ ପାଇ ଜିଲ୍ଲା ତଥା ବିଭିନ୍ନ ରାଜ୍ୟ ସ୍ତରରେ ନିଜର ଉଚ୍ଚକୋଟିର ପ୍ରତିଭା ପ୍ରଦର୍ଶନ କରି ସମ୍ବର୍ଦ୍ଧିତ ହୋଇଆସିଛନ୍ତି। ହେଲେ ପରିତାପର ବିଷୟ, ଏହି ଅନୁଷ୍ଠାନ ଆଦିବାସୀ ଓ ଜନଜାତି ବହୁଳ ଅଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ସତ୍ତ୍ୱେ ଅଦ୍ୟାବଧି ସରକାରୀ ସ୍ତରରେ କୌଣସି ସହାୟତା ମିଳିନାହିଁ। ଫଳରେ ଏହି ଶିକ୍ଷାନୁଷ୍ଠାନ ଏବେ ଦୟନୀୟ ଅବସ୍ଥା ଦେଇ ଗତିକରୁଛି। ତେଣୁ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ ପାଇଁ ସ୍ଥାନୀୟ ଜନପ୍ରତିନିଧି ସମେତ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ତଥା ପରିଚାଳନା କମିଟିର ସଭାପତି ଡଃ. ଜୀବନ କୁମାର ଗିରି ଓ ସମ୍ପାଦକ ପ୍ରଶାନ୍ତ କୁମାର ଘଣା ସରକାରଙ୍କୁ ନିବେଦନ କରିଛନ୍ତି।

## ଏକଲବ୍ୟ ବିଦ୍ୟାଳୟ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ

ରାଇରଙ୍ଗପୁର,୨୬।୧୧(ସମିସ): ଜାମଦାରେ ଏକଲବ୍ୟ ବିଦ୍ୟାଳୟ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଜାମଦା ତହସିଲ ଅନ୍ତର୍ଗତ ବଡ଼କୁଲେଇବିରା ଗ୍ରାମର ଘୁଟୁସାହିରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଉକ୍ତ ଗ୍ରାମରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ନିର୍ମାଣ ନିମନ୍ତେ ଜମି ଚିହ୍ନଟ ହୋଇଛି। ତେବେ ଜବରଦଖଲ ନିମନ୍ତେ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜୁଥିଲା। ଯାହାକୁ ନେଇ ଜାମଦା ତହସିଲଦାରଙ୍କ ଉପସ୍ଥିତିରେ ବୁଧବାର ଜବରଦଖଲ କରିଥିବା ଘରକୁ ଉଚ୍ଛେଦ କରାଯାଇଛି।

## ଜାତୀୟ ବହୁଭାଷୀ ନାଟକ ମହୋତ୍ସବର ୫ମ ସନ୍ଧ୍ୟା

ବାରିପଦା, ୨୬ ।୧୧(ସମିସ): ସହିଦ ସ୍ମୃତି ଭବନରେ ରୂପାନ୍ତର ଅନୁଷ୍ଠାନ ଆନୁକୂଲ୍ୟରେ ୬ ଦିନିଆ ଜାତୀୟ ବହୁଭାଷୀ ନାଟକ ମହୋତ୍ସବର ୫ମ ସନ୍ଧ୍ୟାରେ ଝାଡଖଣ୍ଡର ଇଣ୍ଡିଜେନସ ପିପଲ ଆର୍ଟ ଆଣ୍ଡ କଲଚର ସୋସାଇଟି ପ୍ରଯୋଜିତ ସାନ୍ତାଳୀ ନାଟକ "ବାଲତୁ ଗୁରୁ' ମଞ୍ଚସ୍ଥ ହୋଇଯାଇଛି। ଜିତରାଇ ହାଁସଦାଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ସୀମା ଟୁଡୁ, ଆରତୀ ହାଁସଦା, ରମେଶ ଟୁଡୁ, ମନସା ମୁର୍ମୁ, ମାନୁ ମୁର୍ମୁ, ଖେଲା ସୋରେନ, ସୋମାୟ ମାର୍ଣ୍ଡି, ରାମଚନ୍ଦ୍ର ମାର୍ଣ୍ଡି, ଉର୍ମିଳା ହାଁସଦା, ଦୁଲାରୀ ମାର୍ଣ୍ଡି, ବୋସେନ ମାର୍ଣ୍ଡି, ଦଶରଥ ହାଁସଦା ଓ ଜିତରାଇ ହାଁସଦା ପ୍ରମୁଖ ଅଭିନୟ କରିଥିବା ବେଳେ ସଂଗୀତରେ ଜିତରାଇ ମୁର୍ମୁ ଓ ବିନୋଦ ହାଁସଦା ସହଯୋଗ କରିଥିଲେ। ଆଜି ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ନଗରପାଳ କୃଷ୍ଣଓନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ବାରିପଦାରେ ଜାତୀୟ ନାଟକ ମହୋତ୍ସବର ଆୟୋଜନ କରିଥିବା ରୂପାନ୍ତର ଅନୁଷ୍ଠାନର ପ୍ରଶଂସା କରିଥିଲେ। ନାଟ୍ୟ ସମ୍ପାଦକ ସତ୍ୟନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ଡଃ ମନୋରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତାକାଲି ଶେଷ ସନ୍ଧ୍ୟାରେ "ଜନ୍ମମାଟି' ନାଟକ ପରିବେଷଣ ହେବ।

## ଅଲତିରେ ନୃତ୍ୟାଭିନୟ ମଞ୍ଚସ୍ଥ



ଆନନ୍ଦପୁର, ୨୬।୧୧ (ସମିସ): ଅଲତି ଦରିଦ୍ର ନାରାୟଣ ବିଦ୍ୟାପୀଠର ପ୍ଲାଟିନାମ ଜୁବିଲି ଅବସରରେ ବୀଣାପାଣି କଳା ନିକେତନ, ଶାଳପଡା ନୃତ୍ୟନୁଷ୍ଠାନର ନୃତ୍ୟଶିଳ୍ପୀମାନେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ପ୍ରଥମେ ବିଦ୍ୟାଳୟର ଆମ୍ରିର ସଂଗୀତର ନୃତ୍ୟାଭିନୟ କରିଥିଲେ। ପରେ ପରେ ନୃତ୍ୟାଭିନୟ "ମୋ ମାଟି ମୋ ମା' ଉପସ୍ଥିତ ହଜାର ଦର୍ଶକଙ୍କୁ ବାନ୍ଧି ରଖି ପାରିଥିଲା। ଗାଁର ମମତାକୁ ଆଦରି ନେଇଥିବା ଝିଅ କଇଁ ପ୍ରତେକ ପର୍ବପର୍ବାଣୀକୁ ଆବୋରି ଶାଶୂ ଘରକୁ ଗାଁ ଛାଡି ଗଲାବେଳେର ଦୃଶ୍ୟ ଦର୍ଶକଙ୍କ ଆଖିରୁ ଅଜସ୍ର ଲୁହ ଝରୁଥିବାର ଦେଖିବାକୁ ମିଳିଥିଲା। ନୃତ୍ୟଶିଳ୍ପୀ ମୋନିକା ଦାଶ, ପ୍ରିୟଙ୍କା ସାହୁ, ଲିଜାରାଣୀ ସାହୁ, ଦେବହୁତି ପଟ୍ଟନାୟକ, ପରିଣତି ଚକ୍ର, ଆରୋସ୍ମିତା ତ୍ରିପାଠୀ, ସାଇସମ୍ପର୍ଣ୍ଣା ଚକ୍ର, ବିନୋଦ ଓଝା, ସ୍ମିତା ତ୍ରିପାଠୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ନୃତ୍ୟଗୁରୁ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଜିଲ୍ଲାସ୍ତରୀୟ ଯୁବ ଉତ୍ସବର ଉତ୍ସାହ

କେନ୍ଦୁଝର,୨୬।୧୧(ସମିସ): କେନ୍ଦୁଝର ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉତ୍ସାହୀ ଯୁବକ ଯୁବତୀଙ୍କ ବ୍ୟାପକ ଅଂଶଗ୍ରହଣ ମାଧ୍ୟମରେ ସଫଳତା ପୂର୍ବକ ଆୟୋଜିତ ହୋଇଯାଇଛି। ୧୫ରୁ ୨୯ ବର୍ଷର ଯୁବ ବର୍ଗଙ୍କ ପ୍ରତିଭା ଏବଂ ସୃଜନଶୀଳତା ପ୍ରଦର୍ଶନ କରିବା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଭାବଶାଳୀ ଯୋଗଦାନ ଦେଖିବାକୁ ମିଳିଥିଲା। ପ୍ରାୟ ୪୦୦ ଜଣ ଅଂଶଗ୍ରହଣକାରୀ ବ୍ୟକ୍ତିଗତ ଏବଂ ଗୋଷ୍ଠୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ମଦରଧର ମହାଲିକ, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରତିଭା ପୃଷ୍ଟି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଦିନବ୍ୟାପୀ ଏହି ଉତ୍ସବରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକମାନେ ପ୍ରଦର୍ଶିତ ଉଚ୍ଚସ୍ତରୀୟ ପ୍ରତିଭାକୁ ପ୍ରଶଂସା କରିଥିଲେ। ବିଭିନ୍ନ ବର୍ଗର ବିଜେତାମାନେ ପରବର୍ତ୍ତୀ ସମୟରେ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ ପରିଚାଳନା କରିଥିଲେ।



## ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ; ଫାଇନାଲରେ ଏମସିଏମ ଓ ଏମପିସି

ବାରିପଦା, ୨୬ ।୧୧(ସମିସ): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଚାଲୁଥିବା ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତାରେ ବୁଧବାର ଦୁଇଟି ସେମିଫାଇନାଲ ମୁକାବିଲା ହୋଇଥିଲା।। ପ୍ରଥମ ସେମିଫାଇନାଲ ମ୍ୟାଚଟି ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସୀ ଆଣ୍ଡ ମ୍ୟାନେଜମେଣ୍ଟ, ବାରିପଦା ଓ ରାଇରଙ୍ଗପୁର ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମସିଏମ ୨୯ ରନରେ ବିଜୟ ଲାଭ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚଟି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରେ ମୁକାବିଲା ହୋଇଥିଲା। ଫଳରେ ଏମପିସି କଲେଜ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଥିଲା। ଆସନ୍ତାକାଲି ଉଭୟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ବିଶ୍ୱବିଦ୍ୟାଳୟ ଖେଳ ଅଧିକାରୀ ପ୍ରଦୀପ୍ତ ରଞ୍ଜନ ଦାସଙ୍କ ଠାରୁ ପ୍ରକାଶ।

## ଦୁଇ ତାଇକ୍ୱୋଣ୍ଡୋ ଖେଳାଳିଙ୍କ ସଫଳତା




ବେତନଟୀ, ୨୬।୧୧(ସମିସ): ତାଇକ୍ୱୋଣ୍ଡୋ ଆସୋସିଏସନ୍ ଅଫ ଓଡ଼ିଶାର ରାଜ୍ୟସ୍ତରୀୟ ରେଫରୀ କର୍ମଶାଳା ଭଦ୍ରକର ଇଛାପୁର କାର୍ମେଲ ସ୍କୁଲ୍ ପରିସରରେ ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳା ୨୨ରୁ ଆରମ୍ଭ ହୋଇ ୨୩ରେ ଉଦ୍‌ଯାପିତ ହୋଇଛି। ପ୍ରଶିକ୍ଷଣ ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ୭୦ରୁ ଊର୍ଦ୍ଧ୍ୱ ବ୍ଲାକବେଲ୍ଟଧାରୀ ପ୍ରଶିକ୍ଷାର୍ଥୀଙ୍କୁ ଆନ୍ତର୍ଜାତୀୟ ରେଫରୀ ଦକ୍ଷିଣ କୋରିଆର ମାଷ୍ଟର ସିୟଙ୍ଗ କୁକ୍ ଜିୟଙ୍ଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ପ୍ରଶିକ୍ଷଣ ଚାଲିଲା ପରେ ସେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଗ୍ରେଡିଂ କରି ମାନପତ୍ର ପ୍ରଦାନ କରିଥିଲେ।

### ଜାତୀୟ ଆୟଭିତ୍ତିକ ମେଧାବୃତ୍ତିରୁ ଓଏଭି ଛାତ୍ରଛାତ୍ରୀ ବଞ୍ଚିତ

# ମାରିସା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବାରିପଦା, ୨୬ ।୧୧(ସମିସ):



ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ପକ୍ଷରୁ ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ମୁତାବକ, ୨୦୨୫-୨୬ ଶିକ୍ଷା ବର୍ଷରେ ଜାତୀୟ ଆୟ ଭିତ୍ତିକ ମେଧାବୃତ୍ତି ପାଇଁ ରାଜ୍ୟ ସରକାରୀ/ସରକାରୀ ଅନୁଦାନ ପ୍ରାପ୍ତ ଅଣଆବାସିକ ବିଦ୍ୟାଳୟର ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଯୋଗ୍ୟ ଛାତ୍ରଛାତ୍ରୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି; କିନ୍ତୁ ଏଥିରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ବାଦ୍ ଦିଆଯାଇଛି। ତେଣୁ ଏହାକୁ ନେଇ ମାରିସା ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ଗ୍ରାମାଞ୍ଚଳ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପୃଷ୍ଠଭୂମିର ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବାବେଳେ ଏଠାରେ ବଞ୍ଚିତ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ତେଣୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପୁନଃ ବିଚାର କରାଯାଇ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ନିମନ୍ତେ ସୁଯୋଗ ପ୍ରଦାନ କରିବାପାଇଁ ମାରିସା ପକ୍ଷରୁ ଦୃଢ ଦାବି କରାଯାଇଛି। ଦାବିପତ୍ର ଦେବା ସମୟରେ ଜିଲ୍ଲା ଉପ ସଭାପତି ରବିନ୍ଦ୍ର ମାର୍ଣ୍ଡି, ବିକ୍ରମ ସୋରେନ୍, ସୁକିନ୍ଦ୍ର ଟୁଡୁ, ମଙ୍ଗଲ ବେଶ୍ରା, ଗାନ୍ସା ହେମ୍ବ୍ରମ, ରାଜେନ୍ଦ୍ର ମାଝୀ, ଜିତରାୟ ଟୁଡୁ, ଚତୁର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାଜିଲ ପୂର୍ବତନ ରାଷ୍ଟ୍ରପତି ବୋଲ୍‌ସୋନାରୋଙ୍କୁ ୨୭ ବର୍ଷ ଜେଲ୍

ବ୍ରାସିଲିଆ,୨୬ ।୧୧(ଏଜେନ୍ସି): ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାଏର ବୋଲସୋନାରୋଙ୍କୁ ସୁପ୍ରିମକୋର୍ଟ ୨୭ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ନିର୍ବାଚନରେ ପରାଜୟ ପରେ ସେ ଶାସନ ପରିବର୍ତ୍ତନ କରିବାକୁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ମଙ୍ଗଳବାର ସୁପ୍ରିମକୋର୍ଟ ତାଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ୨୦୨୨ରେ ସେ ରାଷ୍ଟ୍ରପତି ନିର୍ବାଚନରେ ପରାସ୍ତ



ହୋଇଥିଲେ ମଧ୍ୟ ରାଷ୍ଟ୍ରପତି ଲୁଲା ଡି ସିଲ୍‌ଭା ସରକାରଙ୍କୁ ହଟାଇବା ପାଇଁ ପ୍ରୟାସ ଓ ଷଡଯନ୍ତ୍ର କରିଥିଲେ। ଶୁଣାଣି ବେଳେ ବୋଲସୋନାରୋଙ୍କ ଆଇନ୍‌ଗତ ଟିମ୍ କୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଅପିଲ କରିନଥିଲେ। ଫଳରେ ଜଷ୍ଟିସ୍ ଆଲେଜାଣ୍ଡ୍ରୋ ମୋରାଏସ୍ ତାଙ୍କୁ ୨୭ ବର୍ଷର ଜେଲ ଦଣ୍ଡାଦେଶ ଦେଇଥିଲେ। ଏବେ ବୋଲସୋନାରୋଙ୍କୁ ରାଜଧାନୀ ବ୍ରାସିଲିଆର ଫେଡେରାଲ ପୁଲିସ ହେଡ୍‌କ୍ୱାର୍ଟରରେ ରଖାଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସେ ଫେରାର ହେବାର ଆଶଙ୍କା ଥିବାରୁ ତାଙ୍କୁ ଆଗୁଆ ଗିରଫ କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ତାଙ୍କ ଓକିଲମାନେ ହାଉସ୍ ଅରେଷ୍ଟ ପାଇଁ ଅନୁରୋଧ କରିଥିଲେ। କିନ୍ତୁ କୋର୍ଟ ସବୁ ଅପିଲକୁ ଖାରଜ କରିଥିଲେ। ଗତ ଅଗଷ୍ଟରୁ ସେ ନଜରବନ୍ଦୀରେ ରହିଆସୁଥିଲେ। ବୋଲସୋନାରୋ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟତର ବୋଲି ବିବେଚନା କରାଯାଏ।

### ବଡ଼ ଝଟ୍‌କା ଦେଲା ଏୟାର ଶୋ’ରେ ତେଜସ୍ ଦୁର୍ଘଟଣା

# ୧୦ ହଜାର କୋଟିର ଡିଲ୍ ଅଟକାଇଲା ଆର୍ମେନିଆ

ନୂଆଦିଲ୍ଲୀ,୨୬ ।୧୧(ଏଜେନ୍ସି): ଦୁବାଇ ଏୟାର ଶୋରେ ତେଜସ ବିମାନ ଦୁର୍ଘଟଣ ହେବା ଫଳରେ ଭାରତକୁ ଜବରଦସ୍ତ ଝଟ୍‌କା ଲାଗିଛି। ଆର୍ମେନିଆ ଭାରତଠାରୁ ତେଜସ ଜେଟ୍ କ୍ରୟ କରିବା ନେଇ ହେବାକୁ ଥିବା ଆଲୋଚନାକୁ ରୋକି ଦେଇଛି। ଇସ୍ରାଏଲ ଗଣମାଧ୍ୟମ ଜେରୁଜେଲମ ପୋଷ୍ଟ ଦେଇଥିବା ସୂଚନା ଅନୁସାରେ ନଭେମ୍ବର ୨୧ରେ ଦୁବାଇ ଏୟାର ଶୋରେ ତେଜସ ବିମାନ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଆର୍ମେନିଆ ଏହି ନିଷ୍ପତ୍ତି ନେଇଛି। ଏହି ବିମାନ ଦୁର୍ଘଟଣାରେ ଭାରତୀୟ ପାଇଲଟ୍ ୱିଙ୍ଗ କମାଣ୍ଡର ନମାଂଶ ସିୟାଲ ମୃତ୍ୟୁବରଣ କରିଥିଲେ। ଆର୍ମେନିଆ ଭାରତଠାରୁ ପାଖାପାଖି ୧୦ ହଜାର କୋଟି ଟଙ୍କା ବିନିମୟରେ ୧୨ଟି ତେଜସ ଜେଟ୍ କ୍ରୟ କରିବାକୁ ପ୍ରସ୍ତୁତି କରୁଥିଲା। ଏହି ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲା। ପ୍ରଥମଥର ପାଇଁ ତେଜସର ବିଦେଶୀ ଚୁକ୍ତି ହୋଇଥାନ୍ତା। ତେବେ ଏ ସଂକ୍ରାନ୍ତରେ ଆର୍ମେନିଆ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଭାରତ ସରକାର ମଧ୍ୟ ଏ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ଉଲ୍ଲେଖଥାଉ କି, ଭାରତୀୟ ବାୟୁସେନାର ଶ୍ରେଷ୍ଠ-୫ ଫାଇଟର ଜେଟ୍‌ଗୁଡିକ ମଧ୍ୟରେ ତେଜସ ଜେଟ୍ ସାମିଲ ରହିଛି। ଏହି ଫାଇଟର ଜେଟ୍‌ଗୁଡିକ ହେଲା ସୁଖୋଇ ଏସ୍‌ୟୁ-୩୦ଏମ୍‌କେଆଇ, ରାଫେଲ, ମିରାଜ, ମିଗ୍-୨୯ ଓ ତେଜସ। ଅନ୍ୟ ୪ଟି ଫାଇଟର ଜେଟ୍‌ଠାରୁ ତେଜସ କେତେକାଂଶ ଭିନ୍ନ ଓ ସ୍ୱତନ୍ତ୍ର। ଭାରତୀୟ ବାୟୁସେନାରେ ମିଗ- ୨୧କୁ ହଟାଇ ଯାଇ ତେଜସ୍‌କୁ କରାଯିବାର କାର୍ଯ୍ୟକ୍ରମ ରହିଛି।



**ଭାରତଠୁ ୧୨ ଯୁଦ୍ଧ ବିମାନ କିଣିଥାନ୍ତା**

### ହଂକଂରେ ୩୫ ମହଲା କୋଠାରେ ନିଆଁ

# ୧୩ ଜଣଙ୍କ ମୃତ୍ୟୁ, ୯ ଆହତ

ହଂକଂ,୨୬ ।୧୧(ଏଜେନ୍ସି): ହଂକଂର ଉତ୍ତର ତାଇ ପୋ ଜିଲ୍ଲାରେ ବୁଧବାର ଏକ ୩୫ ମହଲା କୋଠାରେ ନିଆଁ ଲାଗିଛି। ସାଉଥ ଚାଇନା ମର୍ଣ୍ଣିଂ ପୋଷ୍ଟ ଦେଇଥିବା ସୂଚନା ଅନୁସାରେ ଏହି ଘଟଣାରେ ୧୩ ଜଣ ଲୋକ ମୃତୁବରଣ କରିଥିବା ବେଳେ ୯ ଜଣ ଲୋକ ଆହତ ହୋଇଛନ୍ତି ଓ ବହୁ ଲୋକ ଏବେ ମଧ୍ୟ ଫସି ରହିଛନ୍ତି। କିନ୍ତୁ ଏମାନଙ୍କର ପ୍ରକୃତ ସଂଖ୍ୟା ନେଇ କୌଣସି ସୂଚନା ମିଳିନାହିଁ। ମୃତ୍ୟୁ ସଂଖ୍ୟାରେ ବୃଦ୍ଧି ହେବାର ଆଶଙ୍କା କରାଯାଉଛି। ତାଇ ପୋ ଅଞ୍ଚଳରେ ୱାଙ୍ଗ ଫୁକ କୋର୍ଟ ନାମକ ହାଉସିଂ କମ୍ପ୍ଲେକ୍ସରେ ନିଆଁ ଲାଗିଛି ବୋଲି କୁହାଯାଇଛି। ଏଠାରେ ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ଚାଲୁଥିଲା। ଏହି ଇଷ୍ଟେଟ୍‌ରେ ୧,୯୮୪୫ ଫ୍ଲାଟ ରହିଛି ଓ ଏଥିରେ ୪,୦୦୦ ଲୋକ ରହୁଥିଲେ। ନିଆଁ ଲାଗିବା ପରେ ଅସ୍ଥାୟୀ ଶିବିର ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ମରାମତି ତଥା ପୁନଃନିର୍ମାଣ କାର୍ଯ୍ୟରେ ଲଗାଯାଇଥିବା ବାଉଁଷ କାରଣରୁ ନିଆଁ ବ୍ୟାପୀଛି ବୋଲି କୁହାଯାଇଛି।



# ହସିନାଙ୍କ ଲକରରୁ ମିଳିଲା ୯ କେଜି ସୁନା ଗହଣା

ଢାକା,୨୬ ।୧୧(ଏଜେନ୍ସି): ବାଂଲାଦେଶ ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଲକରରୁ ୮୩୨ ଭରି ଅର୍ଥାତ ପାଖାପାଖି ୯ କେଜି ସୁନା ଗହଣା ଜବତ କରାଯାଇଛି। ଏହି ଗହଣାଗୁଡିକୁ ଏଗ୍ରିନ ବ୍ୟାଙ୍କର ଦୁଇଟି ଲକରରେ ରଖାଯାଇଥିଲା। ହସିନା ଦେଶଛାଡି ଭାରତ ପଳାୟାଇଥିବାରୁ ଏହି ଗହଣାଗୁଡିକୁ ଜବତ କରାଯାଇଛି। କୋର୍ଟଙ୍କ ଅନୁମତି ପରେ ମାଜିଷ୍ଟ୍ରେଟ୍ ଉପସ୍ଥିତିରେ ଏହି ଦୁଇଟି ଲକରକୁ ଖୋଲାଯାଇଥିଲା। ଏବେ ବାଂଲାଦେଶ ଦୁର୍ନୀତି ନିବାରଣ କମିଶନ (ଏସିସି) ହସିନାଙ୍କ ବିରୋଧରେ ଦୁର୍ନୀତି ଓ ଆୟ ବର୍ହିଭୂତ ସମ୍ପତ୍ତି ନେଇ ନୂଆ ମାମଲା ରୁଜୁ କରିବାକୁ ପ୍ରସ୍ତୁତି କରୁଛି। ସେ ନିଜର ସମ୍ପତ୍ତି ଲୁଚାଇବାକୁ ପ୍ରୟାସ କରିବା ସହ ଟ୍ୟାକ୍ସ ଚୋରୀ କରିବା ନେଇ ଅଭିଯୋଗ କରାଯିବ ବୋଲି କୁହାଯାଇଛି। ନ୍ୟାସନାଲ ବୋର୍ଡ ଅଫ ରେଭିନ୍ୟୁ ଏବେ ହସିନାଙ୍କ ବିରୋଧରେ ଲାଗୁ ହୋଇଥିବା ଟ୍ୟାକ୍ସ ଚୋରି ଅଭିଯୋଗରେ ଯାଞ୍ଚ୍ କରୁଛି। ହସିନା ଓ ତାଙ୍କ ପରିବାର ବେଆଇନ୍ ଭାବେ ସମ୍ପତ୍ତି ଏକଠି କରିବାକୁ ଚେଷ୍ଟା କରିଛନ୍ତ କି ନା ସେ ନେଇ ଦୁର୍ନୀତି ନିବାରଣ କମିଶନ ମଧ୍ୟ ଜାଣିବାକୁ ଚେଷ୍ଟା କରୁଛ। ଏସିସିର ଆବେଦନ ପରେ କୋର୍ଟ ହାସିନା, ତାଙ୍କ ପୁଅ, ଝିଅ, ଭଉଣୀ ଓ ଅନ୍ୟ ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତାକୁ ଅଚଳ କରିଛନ୍ତି।



# ୨ କୋଟି ମୃତକଙ୍କ ଆଧାର ହଟାଇଲା ୟୁଆଇଡିଏଆଇ

ନୂଆଦିଲ୍ଲୀ,୨୬ ।୧୧(ଏଜେନ୍ସି): ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ସାରା ଦେଶରେ ୨ କୋଟିରୁ ଅଧିକ ମୃତ୍ୟୁବରଣ କରିଥିବା ଲୋକଙ୍କ ଆଧାର ହଟାଇଛି। ଏହି ମୃତ ଲୋକଙ୍କ ଆଧନର ନମ୍ବରର ଦୁରୁପୋଯୋଗକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ମୃତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ୟୁଆଇଡିଏଆଇ ରାଜ୍ୟ ସରକାର, ଆରଜିଆଇ, ପିଡିଏସ୍ ଓ ଅନ୍ୟ ବିଭାଗଠାରୁ ସୂଚନା ଓ ତଥ୍ୟ ନେଇଥିଲା। ଆଧାର ନମ୍ବର ଦ୍ୱିତୀୟଥର ପାଇଁ କାହାକୁ ଦିଆଯାଇ ନଥାଏ। ତେଣୁ ପରିବାରରେ ମୃତ୍ୟୁ ସୂଚନା ନୋଟିଫିକେଶନ ମାଇ ଆଧାର ପୋର୍ଟାଲରେ ଲଞ୍ଚ୍ କରାଯାଇଛି। ଏହା ଏବେ ଦେଶର ୨୫ ରାଜ୍ୟରେ ଉପଲବ୍ଧ। ପରିବାରର କୌଣସି ସଦସ୍ୟ ଆଧାର ନମ୍ବର ଓ ମୃତ୍ୟୁ ପ୍ରମାଣପତ୍ରର ସୂଚନା ଦେଇ ମୃତ ବ୍ୟକ୍ତିଙ୍କ ନମ୍ବର ବନ୍ଦ କରିପାରିନ୍ତି। କୌଣସି ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ତାଙ୍କର ରିପୋର୍ଟ ଦେବାକୁ ପରିବାର ସଦସ୍ୟଙ୍କୁ ୟୁଆଇଡିଏଆଇ ଅପିଲ କରିଛି।

# ଅମୃତସରରୁ ୨ ଆତଙ୍କବାଦୀ ଗିରଫ

ଅମୃତସର,୨୬ ।୧୧(ଏଜେନ୍ସି): ପଞ୍ଜାବର ଅମୃତସରରେ ଗ୍ରାମାଞ୍ଚଳ ପୁଲିସ ଭାରତ- ପାକିସ୍ତାନ ସୀମାରେ ଦୁଇଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଏମାନଙ୍କ ପାଖରୁ ଅଢ଼େଇ କେଜିର ବିସ୍ଫୋରକ ଆଇଇଡି ଓ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗୁଇନ୍ଦା ବିଭାଗ ସୂଚନା ଦେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନିକଟରେ ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ପରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ପୁଣିଥରେ ଭାରତରେ ବିସ୍ଫୋରକ ପଠାଇବାକୁ ପ୍ରୟାସ କରୁଥିବାର ସୂଚନା ମିଳିବା ପରେ ସତର୍କତା ଅବଲମ୍ବନ କରାଯାଇଥିଲା। ଅମୃତସର ଜିଲ୍ଲାର ରାମାଦାସ, ଅଞ୍ଜାଲା ଓ ଘରିନ୍ଦାରେ ସୁରକ୍ଷା ଓ ଚେକିଂ ବ୍ୟବସ୍ଥାକୁ ବୃଦ୍ଧି କରାଯାବା ପରେ ଦୁଇ ଭାଇ ଯୁବରାଜ ଓ ଆକାଶଦୀପଙ୍କୁ ଗିରଫ କରାଯାଇଥିଲା। ଦୁହେଁ ବାଇକ୍‌ରେ ଆଇଇଡି ନେଇ କୁହୁଡିର ସାହାରା ନେଇ ପଳେଇଯିବାକୁ ପ୍ରୟାସ କରୁଥିଲେ। ପୁଲିସ ସେମାନଙ୍କୁ ପଚରାଉଚରା କରୁଛି ଓ ଏହି ଆତଙ୍କୀ ମଡ୍ୟୁଲର ବାକି ସଦସ୍ୟଙ୍କୁ ଖୋଜିବା ଆରମ୍ଭ କରିଛି। ଏହି ଦୁଇ ଅଭିଯୁକ୍ତ ଜଣେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ସମ୍ପର୍କରେ ଥିଲେ ବୋଲି ଡିଜିପି ଗୌରବ ଯାଦବ କହିଛନ୍ତି। ସୀମା ଆରପଟୁ ଏକ ଆତଙ୍କବାଦୀଙ୍କ ନେଟ୍‌ୱର୍କ ଥିବା ନେଇ ଜଣାପଡିଛି ବୋଲି ପୁଲିସ କହିଛି।

**ପାକ୍ ସୀମାରୁ ଦୁଇ ଭାଇଙ୍କୁ ଧରାଗଲା**

**ଅଢ଼େଇ କେଜିର ଆଇଇଡି ଜବତ**

## ନାକେଦମ୍ କଲାଣି ଦିଲ୍ଲୀ ପ୍ରଦୂଷଣ; ସୁପ୍ରିମକୋର୍ଟ ଚିନ୍ତିତ

# ସ୍ୱାସ୍ଥ୍ୟ ସଙ୍କଟ; ବାହାରକୁ ବାହାରିଲେ ଅସୁସ୍ଥ

ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି):

ଦିଲ୍ଲୀ-ଏନ୍‌ସିଆରରେ ବାୟୁ ପ୍ରଦୂଷଣ ନାକେଦମ କଲାଣି। ପ୍ରଦୂଷଣ ସ୍ତର ହ୍ରାସ ପାଇବା ବଦଳରେ ଦୀର୍ଘ ଦିନ ହେଲା ବୃଦ୍ଧି ପାଇ ଚାଲିଛି। ଏହା ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ସରକାର ସ୍ଥିତିକୁ ଦେଖି ହାତ ଟେକି ଦେଇଛନ୍ତି। ଖାଲି ପ୍ରଦୂଷଣ କେନ୍ଦ୍ର ଆଖପାଖରେ ପାଣି ଟାଙ୍କି ବୁଲାଇ ଦିଲ୍ଲୀକୁ ଥଣ୍ଡା ରଖିବାକୁ ଦିଲ୍ଲୀ ସରକାର ପ୍ରୟାସ କରୁଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ପ୍ରଦୂଷଣରେ

**ପ୍ରାତଃ ଭ୍ରମଣ କରି ସିଜେଆଇଙ୍କ ସ୍ୱାସ୍ଥ୍ୟ ଖରାପ**

**ପ୍ରଦୂଷଣର ଶୀଘ୍ର ସମାଧାନ ଜରୁରୀ**

ଲୋକେ ତ୍ରାହି ତ୍ରାହି ଡାକୁଥିବାବେଳେ ସରକାର ନିଦାବିଷ୍ଟ ସାଜିଛନ୍ତି। କୃତ୍ରିମ ବର୍ଷା ଯୋଜନା ବିଫଳ ହେବା ପରଠାରୁ ସରକାର ଆଉ କୌଣସି ଉତ୍ତମ ପଦକ୍ଷେପ ନେଇନାହାନ୍ତି। ଦିଲ୍ଲୀ-ଏନସିଆରରେ ଦ୍ୱିପହର ପର୍ଯ୍ୟନ୍ତ କୁହୁଡ଼ି ଛାଇ ରହୁଛି। ଲୋକେ ଏବେ ଘରୁ ବାହାରିବାକୁ ଡରୁଛନ୍ତି। ଗ୍ରାପ୍-୩ ନିୟମ ଲାଗୁ ହୋଇଥିବାବେଳେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ଅତ୍ୟନ୍ତ ଖରାପ ସ୍ତର ୩୩୫ରେ ରହିଛି। ବାଧ ହୋଇ ଲୋକେ ବିଷ ବାୟୁରେ ପ୍ରଶ୍ୱାସ ନେଉଛନ୍ତି। ଏଥିଯୋଗୁଁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଉଛି ଏବଂ ମେଡିକାଲରେ ଭର୍ତ୍ତି ହେବାକୁ ପଡୁଛି। ନବଜାତକଙ୍କଠାରୁ ନେଇ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବିଷାକ୍ତ ବାୟୁ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ମଧ୍ୟ ଏଥିରୁ ବାହାରି ପାରି ନାହାନ୍ତି। ସୁପ୍ରିମକୋର୍ଟରେ ବୁଧବାର ଏସ୍‌ଆଇଆର ମାମଲାର ଶୁଣାଣି ଚାଲିଥିବାବେଳେ ସିଜେଆଇ ଦିଲ୍ଲୀ ବାୟୁ ପ୍ରଦୂଷଣ ପ୍ରସଙ୍ଗ ଉଲ୍ଲେଖ କରି ଚିନ୍ତା ପ୍ରକଟ କରିଥିଲେ। ସେ କହିଥିଲେ ଯେ ମଙ୍ଗଳବାର ସନ୍ଧ୍ୟାରେ ଘଣ୍ଟାଏ (ପ୍ରାୟ ୫୫ ମିନିଟ) ବାହାରେ ଭ୍ରମଣ କରିବାରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଖୁବଶୀଘ୍ର ଏହାର ସମାଧାନ କରିବା ଜରୁରୀ।

ଆଜି ଏସଆଇଆର ଶୁଣାଣି ସମୟରେ ନିର୍ବାଚନ କମିଶନ (ଇସି)ଙ୍କ ଓକିଲ ରାକେଶ ଦ୍ୱିବେଦୀ ଖରାପ



ସ୍ୱାସ୍ଥ୍ୟାବସ୍ଥା କାରଣରୁ ସିଜେଆଇଙ୍କୁ ଶୁଣାଣିରୁ ଛୁଟି ମାଗିଥିଲେ। ଉତ୍ତରରେ ସିଜେଆଇ କହିଥିଲେ ଯେ ଦିଲ୍ଲୀର ପାଣିପାଗ ଯୋଗୁଁ ଏପରି ହେଉଛି। ମୁଁ କେବଳ ଚଲାବୁଲା କରେ। ଏବେ ଏହା ବି କଠିନ ହୋଇଗଲାଣି। ସ୍ଥିତିକୁ ଦେଖି ସିଜେଆଇ ବରିଷ୍ଠ ଓକିଲଙ୍କ କୋର୍ଟ ଆଗମନ ଉପରେ ଚିନ୍ତା ପ୍ରକଟ କରିଥିଲେ। ୬୦ ବର୍ଷ ଏବଂ ଏହାଠାରୁ ଉର୍ଦ୍ଧ୍ୱ ବୟସର ଓକିଲଙ୍କୁ ସାମ୍ନାସାମ୍ନି ଶୁଣାଣିରୁ ବିରାମ ଦେବା ପାଇଁ ବିଚାର କରାଯାଉଛି ବୋଲି ଉଲ୍ଲେଖ କରିଥିଲେ। ଖୁବଶୀଘ୍ର ଏହା ଉପରେ ନିଷ୍ପତ୍ତି ନିଆଯିବ। ତେବେ ବର୍ତ୍ତମାନ ପ୍ରତ୍ୟକ୍ଷ ଏବଂ ଭର୍ଚୁଆଲରେ ଶୁଣାଣି ଚାଲିଛି।

### କିଏ ଶୁଣିବ ମା’ର ଦୁଃଖ

# ପ୍ରଦୂଷଣ ପାଇଁ ଶିଶୁର ଅସ୍ତ୍ରୋପଚାର

ପ୍ରଦୂଷଣକୁ ନେଇ ଦିଲ୍ଲୀରେ ରହୁଥିବା ଜଣେ ମହିଳା ହୃଦୟ ବିଦାରକ ଭିଡିଓ ସେୟାର କରିଛନ୍ତି। ଏହା ଦିଲ୍ଲୀରେ ବାୟୁ ପ୍ରଦୂଷଣର ଭୟାବହତାକୁ ଦେଖାଉଛି। ପ୍ରଦୂଷଣ ପାଇଁ ତାଙ୍କ

**‘ଟିକସ ଦେଇ ଶିଶୁ ପାଇଁ ରୋଗ କିଣୁଛୁ’**



ଦୁଇ ବର୍ଷର ପୁଅ ଜୀବନମରଣ ସହ ସଂଘର୍ଷ କରୁଛି। ଶ୍ୱାସକ୍ରିୟା ସମ୍ବନ୍ଧିତ ସମସ୍ୟା ଯୋଗୁଁ ବାଧ ହୋଇ ଶିଶୁର ନାକ ଏବଂ ଗଳା ଅସ୍ତ୍ରୋପଚାର କରିବାକୁ ପଡୁଛି। ଦିଲ୍ଲୀକୁ ଆସିବାର ଫଳ ଏବେ ତାଙ୍କ ଶିଶୁ ଭୋଗ କରୁଛି ବୋଲି ମାଆ କୋହଭରା କଣ୍ଠରେ କହିଛନ୍ତି। ଏହି ମହିଳାଙ୍କ ନାମ ସାକ୍ଷୀ ପାହ୍ୱା। ତାଙ୍କ ପରିବାର ୨ ବର୍ଷ ଦିଲ୍ଲୀକୁ ଆସିଥିଲେ। ଏଠାକୁ ଆସିବାର କିଛି ମାସ ପରେ ପୁଅର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରେ ଲାଗିଥିଲା। କାଶ, କଫ ସହିତ ଆଲର୍ଜି ହେବାରୁ ଶ୍ୱାସକ୍ରିୟା ସମ୍ବନ୍ଧିତ ସମସ୍ୟା ସୃଷ୍ଟି ହୋଇଥିଲା। କୌଣସି ଔଷଧ କାମ ଦେଇ ନ ଥିଲା। ପ୍ରଦୂଷଣ ପାଇଁ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରେ ଲାଗିଥିଲା। ଡାକ୍ତରଙ୍କୁ ଦେଖାଇବାରୁ ଆଡେନୋଇଡ୍‌ସ ଏବଂ ଚତୁର୍ଥ ପର୍ଯ୍ୟାୟ ଟନ୍‌ସିଲରେ ପୀଡ଼ିତ ଥିବା କହିଥିଲେ। ଅସ୍ତ୍ରୋପଚାର ଏହାର ଉତ୍ତମ ଚିକିତ୍ସା ବୋଲି ବର୍ଣ୍ଣନା କରିଥିଲେ। ପୁଅର ଏହି ସ୍ଥିତି ପାଇଁ ସାକ୍ଷୀ ପ୍ରଦୂଷଣ ଏବଂ ସରକାରଙ୍କ କାର୍ଯ୍ୟହୀନତାକୁ ଦୋଷ ଦେଇଛନ୍ତି। ତାଙ୍କ ପୁଅ ହସ୍ପିଟାଲ ବେଡ୍‌ରେ ପଡ଼ିଥିବା ଦେଖିବାକୁ ମିଳୁଛି। ମହିଳା କହୁଛନ୍ତି ଯେ ଦିଲ୍ଲୀ ପ୍ରଦୂଷଣ ପାଇଁ ନିଷ୍ପାପ ଶିଶୁର ଅସ୍ତ୍ରୋପଚାର ହୋଇଛି। ଆମେ ଟିକସ ଦେଉଛୁ ଏବଂ ଏହାର ପ୍ରତିବଦଳରେ ଶିଶୁକୁ ମେଡିକାଲରେ ଭର୍ତ୍ତି ହେବାକୁ ପଡୁଛି। ଏହି ଭିଡିଓକୁ ନେଇ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏକ ବଡ଼ ବିକ୍ଷୋଭ ପ୍ରଦର୍ଶନ ହେଲେ ଦେଶର ସ୍ଥିତି ବଦଳିବ ବୋଲି ଲୋକେ କହୁଛନ୍ତି।

### ୩୦ ଫୁଟ୍ ତଳ ନଦୀକୁ ଖସିଲା କାର୍

# ୫ ମୃତ, ସିପିଆର୍ ଦେଇ ଡ୍ରାଇଭରଙ୍କୁ ବଞ୍ଚାଗଲା

ଲକ୍ଷ୍ମୀପୁର-ଖିରି,୨୬ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ଲକ୍ଷ୍ମୀପୁର- ଖିରିରେ ବିବାହ ଉତ୍ସବରେ ଯୋଗ ଦେଇ ଫେରୁଥିବା ବେଳେ ଏକ ଅଲ୍ଟୋ କାର୍ ୩୦ ଫୁଟ ତଳକୁ ଖସି ନଦୀରେ ପଡିଛି। ଏହି ଦୁର୍ଘଟଣାରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। କାର୍ ଡ୍ରାଇଭରଙ୍କୁ କାର୍ଡିଓପଲ୍ମୋନାରୀ ରେସୁସାଇଟେସନ (ସିପିଆର) ଦେଇ ବଞ୍ଚାଯାଇଛି। କାର୍‌ର ଗେଟ୍ ଲକ୍ ହୋଇଯାଇଥିଲା ବୋଲି କୁହାଯାଉଛି। କାର୍ ପଡିବାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡି ଘଟଣାସ୍ଥଳକୁ ଆସିଥିଲେ। ନଦୀର ପ୍ରଖର ସ୍ରୋତରେ କାର ୩-୪୦ ଫୁଟ ବହିଯାଇଥିଲା। ଶେଷରେ କାର୍ ନଦୀରେ ବୁଡିଯାଇଥିଲା। ସ୍ଥାନୀୟ ଲୋକେ ପୁଲିସ୍‌କୁ ସୂଚନା ଦେଇଥିଲେ। ଟର୍ଚ୍ଚର ଲାଇଟ୍ ଜଳାଇ ନିକଟସ୍ଥ ଗାଁ ଲୋକେ ଡଙ୍ଗା ମାଧ୍ୟମରେ ନଦୀରେ ପସିଥିଲେ। କାର୍‌କୁ ଦଉଡ଼ି ବାନ୍ଧି ବାହରକୁ ବାହାର କରିଥିଲେ। ଏହାପରେ କାର୍‌ର ଝରକା କାଚ ଭାଙ୍ଗି ଭିତରେ ଥିବା ଯାତ୍ରୀଙ୍କୁ ବାହରକୁ ବାହାର କରିଥିଲେ। ସମସ୍ତଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା ଓ ଡାକ୍ତର ସମସ୍ତଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଜିଲ୍ଲା ମୁଖ୍ୟାଳୟଠାରୁ ୫୫ କିମି ଦୂରରେ ପଢୁଆ ଥାନା ଅଞ୍ଚଳରେ ଡକେରେବା- ଗିରାଜାପୁରୀ ହାଇୱେରେ ପାରସ ପୁରବା ଗାଁ ନିକଟରେ ମଙ୍ଗଳବାର ରାତି ୧୧.୪୦ରେ ଏହି ଦୁର୍ଘଟଣା ଘଟିଥିଲା। କାର୍ ଦ୍ରୁତଗତିରେ ଯାଉଥିଲା। କିନ୍ତୁ ପୋଲ ଉପରେ ଅନ୍ଧାର ଥିବାରୁ ମୋଡଣି ଆସିବାରୁ ଅଚାନକ ଷ୍ଟିଅରିଂ ବୁଲାଇଥିଲି। କିନ୍ତୁ କାର ନିୟନ୍ତ୍ରଣ ବାହରକୁ ଚାଲିଯାଇଥିଲା ବୋଲି ଡ୍ରାଇଭର କହିଛନ୍ତି।

# ରାମ ମନ୍ଦିର ଧ୍ୱଜାରୋହଣକୁ ପାକିସ୍ତାନର ବିରୋଧ

ଇସଲାମାବାଦ୍, ୨୬।୧୧ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଅଯୋଧ୍ୟାର ରାମ ମନ୍ଦିରରେ ଧ୍ୱଜାରୋହଣ କରିବା ପରେ ଏହାକୁ ପାକିସ୍ତାନ ବିରୋଧ କରିଛି। ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ଏ ନେଇ ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତରେ ଧାର୍ମିକ ସଂଖ୍ୟାଲଘୁଙ୍କ ଉପରେ ଚାପ ପ୍ରୟୋଗ କରାଯାଉଛି ଓ ମୁସଲିମ ପରମ୍ପରା ତଥା ଐତିହକୁ ନଷ୍ଟ କରିବାକୁ ପ୍ରୟାସ

**‘ମୁସଲିମ୍ ଐତିହକୁ ନଷ୍ଟ କରାଯାଉଛି, ସଂଖ୍ୟାଲଘୁଙ୍କୁ ଦବାଇ ଦିଆଯାଉଛି’**




କରାଯାଉଛି ବୋଲି ପାକିସ୍ତାନ ତରଫରୁ ଅଭିଯୋଗ କରାଯାଇଛି। ଯେଉଁ ସ୍ଥାନରେ ପ୍ରଥମେ ବାବରୀ ମସଜିଦ ଥିଲା, ସେଠାରେ ଏବେ ରାମ ମନ୍ଦିର ନିର୍ମାଣ କରାଯାଇଛି। ବାବରୀ ମସଜିଦ ଶହଶହ ବର୍ଷର ପୁରୁଣା ଧାର୍ମିକ ସ୍ଥଳୀ। କିନ୍ତୁ ୧୯୯୨ ଡିସେମ୍ବର ୬ରେ ଏହାକୁ ଭାଙ୍ଗି ଦିଆଯାଇଥିଲା ବୋଲି ପାକିସ୍ତାନ କହିଛି। ବାବରୀ ମସଜିଦ ଭାଙ୍ଗିଥିବା ଅଭିଯୁକ୍ତଙ୍କୁ ଭାରତର କୋର୍ଟ ଛାଡି ଦେଇଛନ୍ତି ଓ ସେହି ସ୍ଥାନରେ ରାମ ମନ୍ଦିର ନିର୍ମାଣ କରିବାକୁ ଅନୁମତି ଦେଇଛନ୍ତି। ଭାରତରେ ମୁସ୍‌ଲାମାନଙ୍କ ଉପରେ ଅତ୍ୟଧିକ ଚାପ ପ୍ରୟୋଗ କରାଯାଉଛି। ମୁସଲମାନଙ୍କୁ ସାମାଜିକ, ରାଜନୈତିକ ଓ ଆର୍ଥିକ ଦୃଷ୍ଟିକୋଣରୁ ନିଷ୍ପେସିତ କରାଯାଉଛି ବୋଲି ପାକିସ୍ତାନ କହିଛି। ପାକିସ୍ତାନ ଏ ନେଇ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିବାକୁ ପ୍ରୟାସ କରିଛି। ଭାରତରେ ମୁସଲମାନଙ୍କ ଉପରେ ଅତ୍ୟାଚାର, ଘୃଣା ଓ ଆକ୍ରମଣ ବୃଦ୍ଧିପାଉଥିବାର ଏହା ଉପରେ ଧ୍ୟାନ ଦେବାକୁ ପାକିସ୍ତାନ ଅପିଲ କରିଛି। ଏ ସଂକ୍ରାନ୍ତରେ ପାକିସ୍ତାନ ଜାତିସଂଘ ଓ ଅନ୍ତର୍ଜାତୀୟ ସଂଗଠନଗୁଡିକୁ ପଦକ୍ଷେପ ନେବାକୁ କହିଛି। ଖାସ୍ କରି ଭାରତରେ ସଂଖ୍ୟାଲଘୁଙ୍କ ଧାର୍ମିକସ୍ଥଳ ଉପରେ ଓ ସେମାନଙ୍କ ଅଧିକାରର ସୁରକ୍ଷା ନେଇ କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ପାକିସ୍ତାନ ଅପିଲ କରିଛି। ୨୦୨୪ ଜାନୁଆରୀ ୨୨ରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ସମାରୋହକୁ ମଧ୍ୟ ସେତେବେଳେ ପାକିସ୍ତାନ ନିନ୍ଦା କରିଥିଲା। ଏହା ସଭ୍ୟତା ଓ ସଂସ୍କୃତି ପାଇଁ ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ଇସ୍ରାଏଲ ରାଷ୍ଟ୍ରଦୂତ ରୁବେନ ଆଝାର କହିଛନ୍ତି। କିନ୍ତୁ ଧ୍ୱଜାରୋହଣକୁ ଇସ୍ରାଏଲ ପ୍ରଶଂସା କରିବା ସହ ଭାରତକୁ ଅଭିନନ୍ଦନ ଜଣାଇଛି। ଏଥିସହ ସେ ଗତବର୍ଷ ରାମ ମନ୍ଦିର ନିର୍ମାଣ ଅବସରରେ ନିଜ ଅଯୋଧ୍ୟା ଯାତ୍ରାର କେତୋଟି ଚିତ୍ର ‘ଏକ୍ସ’ରେ ସେୟାର କରିଛନ୍ତି। ଅପରପକ୍ଷରେ ଭାରତ ବିରାଧରେ ମିଛ ଅଭିଯୋଗ ଆଣିଥିବା ପାକିସ୍ତାନରେ ମଧ୍ୟ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ସୀମା ପାର କରିଛି। କିନ୍ତୁ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଆମେରିକାର ଏକ ରିପୋର୍ଟରେ କୁହାଯାଇଛି।

**ପାକ୍ ସରକାର ନୀରବ**

# ଇମ୍ରାନଙ୍କ ମୃତ୍ୟୁକୁ ନେଇ ସଂଶୟ

ଇସଲାମାବାଦ୍,୨୬ ।୧୧(ଏଜେନ୍ସି):

ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ପାକିସ୍ତାନର ଆଡିଆଲା ଜେଲ୍‌ରେ ଅଛନ୍ତି। ତାଙ୍କୁ ନିଜର ଭଉଣୀଙ୍କ ସହିତ ସାକ୍ଷାତ କରିବାକୁ ଦିଆଯାଉନାହିଁ। ଗତ ଏକ ବର୍ଷ ହେବ ସୁରକ୍ଷା ଓ ଅନ୍ୟ କାରଣର ବାହାନା ଦେଇ ଇମ୍ରାନଙ୍କୁ ତାଙ୍କ ଭଉଣୀମାନଙ୍କ ସାକ୍ଷାତ କରିବାକୁ ଦିଆଯାଉନାହିଁ। ଇମ୍ରାନଙ୍କ ୩ ଭଉଣୀ ଆଲିମା, ନୋରିନ ଓ ଡ. ଉଜମା ଖାନ୍ ତାଙ୍କର ସମର୍ଥକଙ୍କ ସହ ଜେଲ୍ ଆଗରେ ଧାରଣାରେ ବସିଛନ୍ତି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ ମଧ୍ୟ ପୁଲିସ ଲାଇଟ୍ ବନ୍ଦ କରି ଲାଠିଚାର୍ଜ କରିଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୁଲିସ ଚୁଟି ଟାଣି ମୋତେ ଘୋଷାରି ନେଇଥିଲା ବୋଲି ୭୧ ବର୍ଷୀୟା ନୋରିନ କହିଛନ୍ତି। ଅନ୍ୟ ମହିଳାଙ୍କ ସହ ମଧ୍ୟ ପୁଲିସ ମାଡପିଟ୍ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ଇମ୍ରାନଙ୍କ ମୃତ୍ୟୁ ନେଇ ସାମାଜିକ ଗଣମାଧ୍ୟମଗୁଡିକରେ




ଗୁଜବ ପ୍ରସାରିତ ହୋଇଛି। ତାଙ୍କୁ କୌଣସି ଦ୍ୱିତୀୟ ସ୍ଥାନକୁ ନିଆଯାଇଛି ବୋଲି ବିଭିନ୍ନ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ତେବେ ସାମାଜିକ ଗଣମାଧ୍ୟମଗୁଡିକରେ ପ୍ରସାରିତ ଏହି ଖବର ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଉଲ୍ଲେଖଥାଉ କି, ୨୦୨୫ ମାର୍ଚ୍ଚରେ ଇସଲାମାବାଦ ହାଇକୋର୍ଟ ଇମ୍ରାନଙ୍କୁ ତାଙ୍କ ପରିବାର ଓ ଓକିଲଙ୍କ ସହ ନିୟମିତ ସାକ୍ଷାତ କରିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଜେଲ ବିଭିନ୍ନ ଆଳ ଦେଖାଇ ପ୍ରଶାସନ କୋର୍ଟଙ୍କ ଏହି ଆଦେଶ ପାଳନ

**ଭାଇଙ୍କୁ ସାକ୍ଷାତ କରିବାକୁ ଦିଆଯାଉନାହିଁ: ଇମ୍ରାନଙ୍କ ଭଉଣୀ**

କରୁନାହିଁ। ଗତ ସପ୍ତାହରେ ମଧ୍ୟ ଇମ୍ରାନଙ୍କ ଭଉଣୀମାନଙ୍କ ସହ ରାୱଲପିଣ୍ଡି ପୁଲିସ ଦୁର୍ବ୍ୟବହାର କରିଥିଲା ଓ ସେମାନଙ୍କୁ ସଡ଼କ ଉପରେ ଘୋଷାରି ଗିରଫ ମଧ୍ୟ କରିଥିଲା। ପୂର୍ବରୁ ମଧ୍ୟ ଇମ୍ରାନଙ୍କ ଭଉଣୀମାନଙ୍କ ସହ ଏପରି ଦୁର୍ବ୍ୟବହାର ହୋଇଥିଲା। ଇମ୍ରାନ ଗତ ୩ ବର୍ଷ ହେବ ଜେଲ୍‌ରେ ଅଛନ୍ତି। ତାଙ୍କ ବିରୋଧରେ ୧୦୦ରୁ ଉର୍ଦ୍ଧ୍ୱ ମାମଲା ଚାଲିଛି। ଦୁର୍ନୀତି ମାମଲାରେ ତାଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି।

# ଛୋଟ କେଶ ବି ଦିଶିବ ସୁନ୍ଦର

**ସାଧାରଣତଃ ଛୋଟ କେଶ ଖୁବ୍ ସୁନ୍ଦର ଦେଖାଯାଏ । ଏହାର ଯତ୍ନ ନେବା ମଧ୍ୟ ସୁବିଧାଜନକ ହୋଇଥାଏ । କିନ୍ତୁ ପାରମ୍ପରିକ ଲୁକ୍ ଚାହୁଁଥିଲେ କେଶକୁ ଷ୍ଟାଇଲ୍ କରିବା ସହଜ ହୋଇ ନ ଥାଏ । ତେଣୁ ଛୋଟ କେଶରେ କିଛି ଭିନ୍ନତା ଆଣିବାକୁ ଚାହୁଁଥିଲେ ନିମ୍ନ ପ୍ରଦତ୍ତ ଟିପ୍ସ ଆପଣାଇପାରିବେ ।**



### ହାଫ୍ ଅପ୍ ହାଫ୍ ଡାଉନ୍

ଏହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏହା ସବୁ ପର୍ବପର୍ବାଣୀ ତଥା ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ । ବିବାହ ଉତ୍ସବରେ ଗାଉନ୍ ପିନ୍ଧିଥିଲେ ହାପ୍ ବନ କରିପାରିବେ । ଏହି ଡିଜାଇନ କରିବା ମଧ୍ୟ ଖୁବ୍ ସହଜ । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ଚାହୁଁଥିଲେ କେଶକୁ ଷ୍ଟ୍ରେଟ୍‌ନର ସାହାଯ୍ୟରେ ପ୍ରଥମେ ଷ୍ଟ୍ରେଟ୍ କରନ୍ତୁ । ଏହାପରେ ବନ କରନ୍ତୁ ।

### ବେବି ଓପନ୍ ହେୟାର୍ ଷ୍ଟାଇଲ୍



ଏ ପ୍ରକାର ଷ୍ଟାଇଲ ସବୁବେଳେ ରହିଥାଏ । ଛୋଟ ହେଉ ଅବା ଲମ୍ବା ଏହି ହେୟାର୍‌ଷ୍ଟାଇଲ୍ ସବୁ କେଶକୁ ମାନିଥାଏ । ସିମ୍ପଲ୍ ଲୁକ୍‌କୁ ଷ୍ଟାଇଲ କରିବାକୁ ଚାହୁଁଥିଲେ ଏହି ଡିଜାଇନ୍ କରିପାରିବେ । ଏ ପ୍ରକାର ହେୟାର୍ ଷ୍ଟାଇଲ୍ ପ୍ରି ୱେଡିଙ୍ଗରେ ଖୁବ୍ ସୁନ୍ଦର ଲାଗିବ । ବିଶେଷ କଥା ହେଉଛି ଏହା ନୋ ମେକ୍‌ଅପ୍ ଲୁକରେ ମଧ୍ୟ ସୁନ୍ଦର ଦିଶିଥାଏ ।

### ପନିଟେଲ୍

ଓପନ ହେୟାର୍ ଛୋଟ ଚୁଟିକୁ ବେଶ୍ ସୁନ୍ଦର ଦେଖାଯାଏ । କିନ୍ତୁ ଟିକେ ଭିନ୍ନ ଲୁକ୍ ଚାହୁଁଥିଲେ ସ୍ଲିକ୍ ଲୋ ପନିଟେଲ କରିପାରିବେ । ଏଥିରେ କେଶକୁ ହାଲୁକା କରି ଏକ ସାଇଟ୍ କରନ୍ତୁ । ଏହାକୁ ଲୋ ଷ୍ଟାଇଲ୍ ଟାଇରେ ବାନ୍ଧିବାକୁ ପଡ଼ିଥାଏ । ଏହାଦ୍ୱାରା ମେକ୍‌ଅପ୍ ହାଇ୍‌ଲାଇଟ୍ ହୋଇଥାଏ ।

# ମହିଳା ର୍‍ୟାପର୍

**ସାଧାରଣତଃ ର୍‍ୟାପ୍ କହିଲେ ପ୍ରଥମେ ପୁରୁଷଙ୍କ ଛବି ସାମ୍ନାକୁ ଆସିଥାଏ । କିନ୍ତୁ ଏବେ ଏ କ୍ଷେତ୍ରରେ ମହିଳାଙ୍କ ପ୍ରବେଶ ଦେଖିବାକୁ ମିଳିଛି । ବଦଳୁଥିବା ସମୟାନୁସାରେ ପୁରୁଷଙ୍କ ସହ ତାଳ ଦେଇ ମହିଳାମାନେ ହିପ୍ ହାପ୍ ର୍‍ୟାପ୍ କରୁଛନ୍ତି । ସାମାଜିକ ଏବଂ ବ୍ୟକ୍ତିଗତ ବିଚାର, ସାମାଜିକ ସମସ୍ୟା ଆଦି ବିଷୟବସ୍ତୁକୁ ର୍‍ୟାପ୍ ମାଧ୍ୟମରେ ଲୋକଲୋଚନକୁ ଆଣୁଛନ୍ତି । ଏହାଦ୍ୱାରା ସେମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ର୍‍ୟାପ୍ କେବଳ ପୁରୁଷଙ୍କ କାର୍ଯ୍ୟ ନୁହେଁ, ତାହା ପ୍ରମାଣ କରିଛନ୍ତି । ତେବେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତୋଟି ମହିଳା ର୍‍ୟାପର୍‌ଙ୍କୁ ନେଇ ଏହି ଉପସ୍ଥାପନା ।**

### ଡି ଏମ୍‌ସି

୨୫ ବର୍ଷିୟା ଡି ଏମ୍‌ସି ଭାରତ ହିପ୍ ହପ୍ ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କର ପୁରା ନାମ ଦୀପା ଉନିକ୍ରିଷ୍ଣନ୍ । ପିଲାବେଳୁ ସେ ଭାରତନାଟ୍ୟମ୍‌ରେ ନିଜ ପ୍ରତିଭା ଦେଖାଇଛନ୍ତି । ୧୮ ବର୍ଷ ବୟସରେ ସେ ନିଜର ପ୍ରଥମ ର୍‍ୟାପ୍ ଗୀତ ଲେଖିଥିଲେ । ୨୦୧୭ ରେ ସେ ଡି ଏମ୍‌ସି ନାମ୍ନୀ ପ୍ରଥମ ଆଲବମ୍‌ରେ ନଜର ଆସିଥିଲେ । ସେ ର୍‍ୟାପ୍‌ରେ ସାମାଜିକ ମୁଦା, ମହିଳା ସଶକ୍ତୀକରଣ ଉପରେ ଜୋର୍ ଦିଅନ୍ତି । ସେହିପରି ତାଙ୍କ ଗୀତ ନୋ ମୋର ଲିମିଟ୍ସ ମାସିକ ଧର୍ମ ସ୍ୱଚ୍ଛତା ଉପରେ ସଚେତନ ପାଇଁ ପ୍ରସ୍ତୁତ କରିଥିଲେ । ସେହିପରି ସେ କାନାଡ଼ା, ଓ ବେଲଜିୟମ୍ ଅନ୍ତଃରାଷ୍ଟ୍ରୀୟ ପ୍ରଦର୍ଶନୀରେ ମଧ୍ୟ ଭାଗ ନେଇଥିଲେ ।



### ରାଜା କୁମାରୀ



ରାଜା କୁମାରୀ ଜଣେ ସଫଳ ଭାରତୀୟ - ଆମେରିକୀୟ ର୍‍ୟାପର୍, ଗାୟିକା ଓ ନୃତ୍ୟାଙ୍ଗନା ଭାବେ ପରିଚିତ । ବହୁବିଧ ପ୍ରତିଭା ପାଇଁ ସେ ଅନେକ ଅନ୍ତଃରାଷ୍ଟ୍ରୀୟ ପୁରସ୍କାର ପାଇଛନ୍ତି । ସେ ଭାରତୀୟ ହିପ୍ ହପ୍ ର୍‍ୟାପ୍‌ର ଗଡ୍ ମଦର୍ ଭାବେ ଜଣାଜାନ୍ତି । ତାଙ୍କ ପୁରା ନାମ ଶ୍ୱେତା ୟଲ୍ଲାପ୍ରଗଦା ରାଓ । ସେ କାଲିଫର୍ନିଆ କ୍ଲେରମୋଣ୍ଟରେ ଏକ ଭାରତୀୟ ପରିବାରରେ ଜନ୍ମ ହୋଇଥିଲେ । ପାଞ୍ଚ ବର୍ଷର ଥିବାବଳେ ସେ ଫ୍ୟୁଜିଜ୍ ଆଲବମ୍ 'ଦ ସ୍କୋର୍'ରୁ ହିପ୍ ହାପ୍ ପ୍ରତି ଆଗ୍ରହୀ ଥିଲେ । ୧୪ ବର୍ଷରେ ସେ ଫ୍ରିଷ୍ଟାଇଲ୍ ଏମ୍‌ସି ହୋଇଥିଲେ । ଏଥିପାଇଁ ତାଙ୍କୁ ଇଣ୍ଡିଆନ୍ ପ୍ରିନ୍‌ସେସ୍ ବା ରାଜା କୁମାରୀ କୁହାଯାଏ । ସେ ହିନ୍ଦୀ ଓ ଇଂରାଜୀ ଭାଷାରେ ଅନେକ ଲୋକପ୍ରିୟ କଳାକାରଙ୍କ ସହ ର୍‍ୟାପ୍ କରିଛନ୍ତି ।

### ସୋଫିୟା ଅଶରଫ୍



ସୋଫିୟା ଅଶରଫ୍ ଜଣେ ଭାରତୀୟ ର୍‍ୟାପର୍ ଓ ଗାୟିକା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ସେ ସାମାଜିକ, କର୍ପୋରେଟ୍ ଅବହେଳା ବାବଦରେ ସଚେତନତା ସୃଷ୍ଟି ପାଇଁ ର୍‍ୟାପ୍ ଲେଖନ୍ତି । ସୋଫିଆ ବୃତ୍ତିରେ ଜଣେ କପିରାଇଟର୍ ଭାବେ କାର୍ଯ୍ୟ କରନ୍ତି । ସେ ର୍‍ୟାପ୍ ମାଧ୍ୟମରେ ସମାଜିକ ଓ ରାଜନୈତିକ ସମସ୍ୟା ଉପରେ ସ୍ୱରଉତ୍ତୋଳନ କରନ୍ତି । ୨୦୧୫ ମସିହାରେ ସେ ୟୁନିଲିଭର ବିରୁଦ୍ଧରେ 'କୋଡାଇକାନାଲ ୱାଣ୍ଟ' ଗୀତ ର୍‍ୟାପ୍ ଲେଖିଥିଲେ । ସେ ନିଜ ଲେଖା ମାଧ୍ୟମରେ ସମାଜିକ ସମସ୍ୟାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରନ୍ତି ।

### ମେବା ଓଫିଲିଆ



ମେଘାଳୟର ଲୋକପ୍ରିୟ ର୍‍ୟାପର୍, ଗାୟିକା ଭାବେ ସେ ପରିଚିତ । ସଙ୍ଗୀତ ପ୍ରତି ତାଙ୍କ ମନରେ ଅହେତୁକ ଦୁର୍ବଳତା ଥିଲା । ଏଥିପାଇଁ ସେ ଆଇନ୍ ଶିକ୍ଷାକୁ ଛାଡ଼ି ଗୀତରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ସ୍ଥିର କରିଥିଲେ । ସେ କୁହନ୍ତି, ଗୀତ ମନର ଭାବନା ପ୍ରକାଶ କରିବାର ମାଧ୍ୟମ । ସେ ଅନେକ ରଚନାତ୍ମକ, ସୃଜନଶୀଳ ଗୀତ ଲେଖନ୍ତି । ବିଗ୍ ରିଙ୍କ ସହ ଗାଇଥିବା ଗୀତ ଡନ୍ ଟକିଙ୍ଗ୍ ପାଇଁ ସେ ୟୁରୋପୀୟ ସଙ୍ଗୀତ ପୁରସ୍କାର ପାଇଥିଲେ । ପରେ ସେ ରାଜା କୁମାରୀଙ୍କ ସହ ରାନୀ ସାଇଫର ସମେତ ଅନେକ ହିଟ୍ ଗୀତରେ ର୍‍ୟାପ୍ କରିଛନ୍ତି ।

# ଲଙ୍କା ହାଲୁଆ

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

କଞ୍ଚାଲଙ୍କା -୨୦୦ ଗ୍ରାମ୍, ଭଜା ସୁଜି - ୫୦ ଗ୍ରାମ୍, ଚିନି- ଅଧା କପ୍, ଖୁଆ,- ୫୦ ଗ୍ରାମ୍, ପିସ୍ତାବାଦାମ - ପାଞ୍ଚୋଟି, କାଜୁ - ପାଞ୍ଚୋଟି, ଘିଅ - ଏକ ଚାମଚ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ରାଇଣ୍ଡିଂ ଜାର୍‌ରେ ଲଙ୍କା ନେଇ ଏହାକୁ ପେଷ୍ଟ କରନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ । ଗରମ ହୋଇଗଲେ ସେଥିରେ ଏକ ଚାମଚ ଘିଅ ଦେଇ ପେଷ୍ଟ କରି ରଖିଥିବା ଲଙ୍କାକୁ ଦେଇ ଗୋଳାଇ ଦିଅନ୍ତୁ । ଏହାପରେ ଭାଜି ରଖିଥିବା ସୁଜିକୁ ଦେଇ ପିଠାଖଡ଼ିକାରେ ଏପାଖସେପାଖ କରି ଦିଅନ୍ତୁ । ସୁଜି ଲଙ୍କାରେ ମିଶିଯିବା ପରେ ସେଥିରେ ଅଳ୍ପ ପାଣି ଦିଅନ୍ତୁ । ଏହାପରେ ଚିନି ପକାଇ ଭଲରେ ମିଶାନ୍ତୁ । ଏହାକୁ ଏପାଖସେପାଖ କରି କଟା କାଜୁ, ପିସ୍ତା ଓ ସିଲଭର କୋଟିଙ୍ଗ୍ ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ଲଙ୍କା ହାଲୁଆ ।'



# କିଶୋରୀଙ୍କ ପାଇଁ ନେଲ୍ ଆର୍ଟ



**ନେଲଆର୍ଟ କେବଳ ବଡ଼ଙ୍କ ମଧ୍ୟରେ ସୀମିତ ନ ଥାଏ । ସ୍କୁଲ ଛାତ୍ରୀମାନେ ମଧ୍ୟ ଏହା କରିବାକୁ ପସନ୍ଦ କରନ୍ତି । ସେମାନଙ୍କ ପାଇଁ ଏହା ଏକ ରଚନାତ୍ମକ ହୋଇଥାଏ । ଏହା ପିଲାଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି କରିଥାଏ । ତେଣୁ ପିଲାଙ୍କୁ ବିଷାକ୍ତ ମୁକ୍ତ ଓ ସୁରକ୍ଷିତ ନେଲ୍‌ପଲିସ୍ ଲଗାଇବା ଜରୁରୀ ।**

### ପ୍ରଜାପତି

ରଙ୍ଗିନ୍ ପ୍ରଜାପତି ପିଲାଙ୍କୁ ଖୁବ୍ ଭଲଲାଗେ । ଏହା ନଖରେ କରିବା ଖୁବ୍ ସହଜ ଓ ଆକର୍ଷଣୀୟ ଦିଶିଥାଏ । ତେଣୁ ପିଲାଙ୍କ ପସନ୍ଦ ଅନୁସାରେ ପ୍ରତ୍ୟେକ ନଖରେ ଭିନ୍ନ ଭିନ୍ନ ରଙ୍ଗର ପ୍ରଜାପତି କରିପାରିବେ ।

### ପାଣ୍ଡା

ଏହି ନେଲ୍ ଆର୍ଟ ପିଲାଙ୍କୁ କୁଙ୍ଫୁପାଣ୍ଡା ଭଳି କ୍ୟୁଟ୍ ଲୁକ୍ ଦେଇଥାଏ । ଏଥିପାଇଁ ନଖରେ ସର୍ବ ପ୍ରଥମେ ନୀଳ ନେଲ୍‌ପଲିସ୍ ଲଗାନ୍ତୁ । ଏହାକୁ ଭଲଭାବେ ଶୁଖାଇବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତୁ । ସେହିପରି ବ୍ରଶ୍ ସାହାଯ୍ୟରେ ନଖରେ ସମ୍ମୁଖ ଭାଗରେ ଧଳାରଙ୍ଗର ପାଣ୍ଡା କରନ୍ତୁ । ଏଥିରେ ଚମକ ଆଣିବା ପାଇଁ ଟ୍ରାନ୍ସପ୍ୟାରେଣ୍ଟ ନେଲପଲିସ୍ ପରସ୍ତ ଲଗାନ୍ତୁ ।

### ତାରା

ଏହି ରଙ୍ଗିନ୍ ଡିଜାଇନ୍ ପିଲାଙ୍କ ନଖକୁ ଖୁବ୍ ସୁନ୍ଦର ଦେଖାଯାଏ । ଏଥିପାଇଁ ନଖରେ ପିଲାଙ୍କ ପସନ୍ଦ ମୁତାବକ ନେଲ୍‌ପଲିସ୍ ଲଗାନ୍ତୁ । ଏହାପରେ ହଳଦିଆ ନେଲ୍‌ପଲିସ୍‌ରେ ଛୋଟ ତାରା ତିଆରି କରନ୍ତୁ ।

### ଫୁଲ

ସାଧାରଣତଃ ଫ୍ଲୋରାଲ୍ ପ୍ରିଣ୍ଟ ଡ୍ରେସ୍‌ରେ ଏହା ଖୁବ୍ ସୁନ୍ଦର ଦେଖାଯାଏ । ଏଥିପାଇଁ ନଖରେ ପିଙ୍କ୍ ଜେଲ୍ ନେଲ୍‌ପଲିସ୍ ଲଗାଇ କୋଟ୍ କରନ୍ତୁ । ସୁଖିଗଲା ପରେ ତୂଳୀରେ ଅନ୍ୟ ରଙ୍ଗର ନେଲ୍‌ପଲିସ୍ ନେଇ ଛୋଟ ଫୁଲ ତିଆରି କରନ୍ତୁ ।

# ଶୀତ ଫେଶନ

**ଶୀତ ପୋଷାକରେ ଷ୍ଟାଇଲିଶ୍ ଦେଖାଯିବା ସମସ୍ତଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ହୋଇଥାଏ । ଏଥିପାଇଁ ଅନେକ ଯେ କୌଣସି ପୋଷାକ ପିନ୍ଧି ଏକ, ଜ୍ୟାକେଟ୍ କିମ୍ବା ଷ୍ଟୋଲ୍ ପକାଇ ବାହାରକୁ ଯାଆନ୍ତି । କିନ୍ତୁ ଚାହିଁଲେ କିଛି ସହଜ ଉପାୟ ଆପଣାଇ ସୁନ୍ଦର ଦିଶିପାରିବେ । ଜାଣିବା ସେ ବିଷୟରେ...**

### ସ୍ମାର୍ଟ ଲେୟାରିଙ୍ଗ୍

ଶୀତଦିନେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ସବୁଠୁ ସହଜ ହେଉଛି ସ୍ମାର୍ଟ ଲେୟାରିଙ୍ଗ୍ । ଭାରି କପଡ଼ା ତୁଳନାରେ ହାଲୁକା ଓ ଫିଟିଙ୍ଗ ପୋଷାକ ଚୟନ କରନ୍ତୁ । ଭିତରେ ସାର୍ଟ କିମ୍ବା ଟର୍ଟଲ ନେକ ଡିଜାଇନ୍ ଟପ୍ ପିନ୍ଧି ଉପରେ ଏକ ଫୁଲ ଜ୍ୟାକେଟ୍ ପିନ୍ଧନ୍ତୁ । ଏଥିରୁ ଏକ ଏଲିଗେଣ୍ଟ ଲୁକ୍ ମିଳିବା ସହ ଉଷ୍ମତ ବଜାୟ ରହିଥାଏ ।

### ନ୍ୟୁଟ୍ରାଲ୍ କଲର୍

ଅଫିସ୍ ଲୁକ୍‌ରେ ପ୍ରଫେସନାଲ୍ ଦିଶିବାକୁ ଚାହୁଁଥିଲେ, ନ୍ୟୁଟ୍ରାଲ୍ ରଙ୍ଗ ଯଥା- ବିଜ୍, ଗ୍ରେ ଓ ବ୍ରାଉନ୍ ରଙ୍ଗ ବାଛିପାରିବେ । ଏହା ଫର୍ମାଲ ଲାଗିବା ସହ ଯେ କୌଣସି ଆଉଟ୍‌ଫିଟ୍‌କୁ ସୁନ୍ଦର ମାନିଥାଏ ।

### ସ୍କାର୍ଫ ଓ ଶାଲ୍

ଶାଲ୍ ଓ , ସ୍କାର୍ଫ କେବଳ ଶୀତରୁ ସୁରକ୍ଷା ଦିଏନି । ଏହା ଖୁବ୍ ସୁନ୍ଦର ଲୁକ୍ ଦେଇଥାଏ । ଏଥିପାଇଁ ଶିଲ୍‌କ କିମ୍ବା ଉଲ ଫାବ୍ରିକ୍‌ର ପ୍ରିଣ୍ଟେଡ୍ ସ୍କାର୍ଫ ଚୟନ କରିପାରିବେ । ଏହା ଆଉଟ୍‌ଫିଟ୍‌କୁ ଷ୍ଟାଇଲିଶ୍ କରିବା ସହ ଆଖିକୁ ଖୁବ୍ ଆକର୍ଷଣୀୟ ଦିଶିଥାଏ ।



# ଜୋତାରୁ ଦୁର୍ଗନ୍ଧ ଆସୁଥିଲେ



**ଜୋତାରୁ ଦୁର୍ଗନ୍ଧ ଆସିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଲଜ୍ୟାର କାରଣ ହୋଇଥାଏ । ଦୀର୍ଘ ସମୟ ଜୋତା ପିନ୍ଧି ରଖୁଥିଲେ ଏହି ସମସ୍ୟା ଅଧିକ ହୋଇଥାଏ । ତେବେ କିଛି ଘରୋଇ ଉପାୟ ଆପଣାଇ ସହଜରେ ଏହି ଦୁର୍ଗନ୍ଧ ଦୂର କରିପାରିବେ ।**

### ଖାଇବା ସୋଡ଼ା

ଖାଇବା ସୋଡ଼ାରେ ଖୁବ୍ ଉପକାରିତା ଗୁଣ ଥାଏ । ଏହା ଜୋତାରୁ ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ଏଥିପାଇଁ କିଛି ଖାଇବାସୋଡ଼ା ନେଇ ଜୋତାରେ ପକାଇ ରାତି ସାରା ରଖନ୍ତୁ । ସକାଳୁ ଏହି ଜୋତାକୁ ପରିଷ୍କାର କରି ପିନ୍ଧନ୍ତୁ । ଏହାଦ୍ୱାରା ଦୁର୍ଗନ୍ଧ ଦୂର ହୋଇଯାଏ । ସୋଡ଼ା ଜୋତାରେ ଥିବା ଆର୍ଦ୍ରତାକୁ ଶୋଷି ନେଇଥାଏ ।

### ସେଓ ଭିନେଗାର୍

ଆପେଲ୍ ସାଇଡ୍ ଭିନେଗାର୍ ଜୋତାର ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ଏଥିପାଇଁ ଏକ କପଡ଼ା କିମ୍ବା ତୁଳାକୁ ଭିନେଗାରରେ ବୁଡ଼ାଇ ଜୋତା ଭିତରେ ରଖି ଦିଅନ୍ତୁ । କିଛି ଘଣ୍ଟା ପରେ କାଢ଼ି ଦିଅନ୍ତୁ । ଏହା ଜୋତା ଦୁର୍ଗନ୍ଧ ଦୂର କରି ଏହାକୁ ସତେଜ ରଖିଥାଏ । ଚାହିଁଲେ ଏହାକୁ ନିୟମିତ ବ୍ୟବହାର କରିପାରିବେ ।


### ଚା ପତି

ଚାପତିରେ ଏକ ବିଶେଷ ତତ୍ତ୍ୱ ଥାଏ । ଯାହା ଦୁର୍ଗନ୍ଧକୁ ଶୋଷି ନେଇଥାଏ । ଏଥିପାଇଁ କିଛି ଶୁଖିଲା ଚା ପତି ଜୋତାରେ ରଖି ଗୋଟିଏ ରାତି ଛାଡ଼ି ଦିଅନ୍ତୁ । ଏହାଦ୍ୱାରା ଦୁର୍ଗନ୍ଧ ଦୂର ହୋଇଥାଏ ।

# ବାରମ୍ବାର ୱାଇପ୍‌ସ ବ୍ୟବହାର କରୁଥିଲେ

**ଅଧିକାଂଶ ମହିଳା ତ୍ୱଚାରେ ଥିବା ଧୂଳି, ମଳି ତଥା ମେକ୍‌ଅପ୍ ଛଡ଼ାଇବା ପାଇଁ ୱେଟ୍ ୱାଇପ୍ସ ବ୍ୟବହାର କରିଥାନ୍ତି । ଏହା ତ୍ୱଚାରେ ଥିବା ମଇଳା, ତେଲ ଓ ଅପରିଷ୍କାରକୁ କ୍ଷଣକ ମଧ୍ୟରେ ସଫା କରିଥାଏ । କିନ୍ତୁ ଏହାକୁ ବାରମ୍ବାର ବ୍ୟବହାର କଲେ, ଏଥିରେ ଥିବା କେମିକାଲ୍ସ, ସୁଗନ୍ଧ ଓ ଆଲ୍‌କହଲ୍ ତ୍ୱଚାକୁ କ୍ଷତି ପହଞ୍ଚିଥାଏ ।**

### ତ୍ୱଚାରେ ଆର୍ଦ୍ରତା କମ୍



ଅଧିକାଂଶ ସମୟରେ ୱାଇପସ୍ ବ୍ୟବହାର କଲେ ଏଥିରେ ଥିବା କେମିକାଲ୍ସ ଓ ଆଲ୍‌କହଲ୍ ତ୍ୱଚାର ପ୍ରାକୃତିକ ତେଲକୁ ନଷ୍ଟ କରିଥାଏ । ଫଳରେ ତ୍ୱଚା ଶୁଷ୍କ ହୋଇଯାଏ । ମଏଶ୍ଚରାଇଜର୍ ମଧ୍ୟ ତ୍ୱଚାରେ ପ୍ରଭାବ ଦେଖାଏନି ।

### ସଂକ୍ରମଣ

ସାଧାରଣତଃ ମୁହଁର ତ୍ୱଚା ଖୁବ୍ ସମ୍ବେଦନଶୀଳ ହୋଇଥାଏ । ତେଣୁ ୱାଇପସ୍ ବ୍ୟବହାର କଲେ ଏହା ଚର୍ମକୁ ଶୁଷ୍କ କରିବା ସହ କୁଣ୍ଡାଇ ହେବା ଓ ଫଳିଯିବା ପରି ସମସ୍ୟା ହୋଇଥାଏ । ବେଳେବେଳେ ସଂକ୍ରମଣ ଏତେ ବଢ଼ିଯାଏ ଯେ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିଥାଏ ।

### ଅଧିକ କ୍ଷତିଗ୍ରସ୍ତ ସମ୍ବେଦନଶୀଳ ତ୍ୱଚା

ସମ୍ବେଦନଶୀଳ ତ୍ୱଚା ଥିଲେ ୱେଟ୍ ୱାଇପ୍ସ ବ୍ୟବହାର ନ କରିବା ଭଲ । କାରଣ ସେନ୍‌ସିଟିଭ୍ ତ୍ୱଚା ଥିଲେ ତ୍ୱଚାରେ ଅଧିକ ସମସ୍ୟା ଦେଖିବାକୁ ମିଳିଥାଏ । ତ୍ୱଚାରେ କମ୍ ବୟସରୁ ବୟସ ଛାପ ଦିଶୁଥିଲେ, ଏହା ଏଜିଙ୍ଗ୍‌ର ସାଇନ ହୋଇପାରେ । ଅଧିକ ୱାଇପ୍ ବ୍ୟବହାର କଲେ ଏହା ବୟସ ଛାପକୁ ଦର୍ଶାଇଥାଏ ।

# ଲଜ୍ଜାଜନକ ପରାଜୟ

## ୪୦୮ ରନରେ ଗୌହାଟୀ ଟେଷ୍ଟ ହାରିଲା ଭାରତ

## ୨-୦ରେ ଦକ୍ଷିଣ ଆଫ୍ରିକାର ସିରିଜ କ୍ଲିନ ସୁଇପ୍

ଗୌହାଟୀ, ୨୬ ।୧୧ (ଏଜେନ୍ସି)



ଯାହା ଆଶା କରାଯାଉଥିଲା ଶେଷରେ ସେଇଆ ହିଁ ହେଲା। ଗୌହାଟୀରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ୫୪୯ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତ ଅନ୍ତିମ ତଥା ୫ମ ଦିବସରେ ବୁଧବାର ୧୪୦ ରନରେ ଦ୍ୱିତୀୟ ଇନିଂସରେ ଅଲ୍ଆଉଟ୍ ହୋଇଯାଇଥିଲା। ଫଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଏହି ଟେଷ୍ଟକୁ ୪୦୮ ରନର ବୃହତ୍ ବ୍ୟବଧାନରେ ଜିତିବା ସହ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି। ସେହିଭଳି ୨୫ ବର୍ଷ ପରେ ଭାରତ ମାଟିରେ ତେମ୍ବା ବଭୁମାଙ୍କ ଆଫ୍ରିକା ଦଳ ଟେଷ୍ଟ ସିରିଜ ବିଜୟ ସ୍ୱାଦ ଚାଖିଛି। ୨୦୦୦ରେ ହାନ୍ସି କ୍ରୋଞ୍ଜେଙ୍କ ନେତୃତ୍ୱରେ ଦଳ ପ୍ରଥମଥର ଭାରତ ମାଟିରେ ସିରିଜ ଜିତିଥିଲା। ପୂର୍ବରୁ କୋଲକାତାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ମଧ୍ୟ ଦକ୍ଷିଣ ଆଫ୍ରିକା ୩୦ ରନରେ ଜିତିଥିଲା। ଏବେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ନଭେମ୍ବର ୩୦ରୁ ରାଞ୍ଚିରେ ଆରମ୍ଭ ହେବ।

ପୂର୍ବ ଦିନର ଅସମାପ୍ତ ୨ୟ ପାଳି ସ୍କୋର ୨୭/୨ରୁ ବୁଧବାର ବ୍ୟାଟିଂ ଆରମ୍ଭ କରିଥିବା ଭାରତ ସାମ୍ନାରେ ଅନ୍ତିମ ଦିବସରେ ୫୨୨ ରନର ଅସମ୍ଭବ ଲକ୍ଷ୍ୟ ରହିଥିଲା। ବିଜୟ ପାଇଁ ନ ହେଲେ ମଧ୍ୟ ଅତିକମରେ ଡ୍ର ପାଇଁ ଖେଳିବ ଭାରତ ବୋଲି ଆଶା କରାଯାଉଥିଲା। କିନ୍ତୁ ଭ୍ରମଣକାରୀ ସ୍ପିନର ସାଇମନ ହାର୍ମରଙ୍କ ସାମ୍ନାରେ ଭାରତୀୟ ବ୍ୟାଟର୍ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିନେଇଥିଲେ। ହାର୍ମର ୬ଟି ୱିକେଟ୍ ନେଇ ଭାରତୀୟ ଇନିଂସକୁ ୧୪୦ ରନରେ ସୀମିତ କରିଦେଇଥିଲେ। ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ରବୀନ୍ଦ୍ର ଜାଡେଜା ୮୭ ବଲରେ ୫୪ ରନ କରି ଏକମାତ୍ର ବ୍ୟାଟରଭାବେ କିଛିଟା ଲଢ଼େଇ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇ ସୁଦର୍ଶନ ୧୪, ଅଧିନାୟକ ଋଷଭ ପନ୍ତ ୧୩, ୱାଶିଂଟନ ସୁନ୍ଦର ୧୬, ଧ୍ରୁବ ଜୁରେଲ ୨, ନୀତୀଶ ରେଡ୍ଡୀ ୦, କୁଲଦୀପ୍ ଯାଦବ ୫ ରନ କରିଥିଲେ। ୭ଟି ୱିକେଟ୍ ସହ ୯୩ ରନ କରିଥିବା ମାର୍କୋ ଜାନସେନ ମ୍ୟାଚର ଏବଂ ମୋଟ୍ ୧୭ଟି ୱିକେଟ୍ ନେଇଥିବା ହାର୍ମର ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

୪୦୮ ରନରେ ହାରିବା ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ସର୍ବବୃହତ ପରାଜୟ ହେବାର ଅଲୋଡ଼ା ରେକର୍ଡ ହୋଇଛି। ପୂର୍ବରୁ ଭାରତ ୨୦୦୪ରେ ନାଗପୁରରେ ଅଷ୍ଟ୍ରେଲିଆ ନିକଟରୁ ୩୪୨ ରନରେ ପରାସ୍ତ ହୋଇଥିଲା। ଏବେ ପରାଜୟରେ ଭାରତ ନୂଆ ରେକର୍ଡ କରିଛି। ବିଶ୍ୱରେ ରନ ବ୍ୟବଧାନରେ ସବୁଠୁ ବଡ଼ ପରାଜୟ ଅଷ୍ଟ୍ରେଲିଆ ନାମରେ ରହିଛି। ୧୯୨୮ରେ ବ୍ରିସବେନରେ ଅନୁଷ୍ଠିତ ଆସେସ୍ ସିରିଜର ଏକ ଟେଷ୍ଟରେ ଇଂଲଣ୍ଡ ୬୭୫ ରନରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲା।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୪୮୯/୧୦
ଭାରତ ପ୍ରଥମ ଇନିଂସ: ୨୦୧/୧୦
ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୬୦/୫, ଘୋଷିତ
ଭାରତ ଦ୍ୱିତୀୟ ଇନିଂସ: ୧୪୦/୧୦।

### ପରିସଂଖ୍ୟାନ

**୩ୟ**: ଭାରତ ୩ୟଥର ଲାଗି ଘରୋଇ ମାଟିରେ ଟେଷ୍ଟ ସିରିଜ କ୍ଲିନସୁଇପ୍ ହୋଇଛି। ପୂର୍ବରୁ ୨୦୦୦ରେ ଦ.ଆଫ୍ରିକା (୨-୦) ଓ ୨୦୨୪ରେ ନ୍ୟୁଜିଲାଣ୍ଡ (୩-୦)ରେ ଭାରତ ମାଟିରେ ସିରିଜ ସୁଇପ୍ କରିଥିଲେ।

**୨ୟ**: ଘରୋଇ ମାଟିରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ବର୍ଷରେ ୨ୟ ଟେଷ୍ଟ ପରାଜୟ ଥିଲା। ଏଥିପୂର୍ବରୁ ଭାରତ ୧୯୮୩ରେ ୱେଷ୍ଟଇଣ୍ଡିଜ ଓ ୧୯୮୪ରେ ଇଂଲଣ୍ଡ ନିକଟରୁ ଟେଷ୍ଟ ସିରିଜ ହାରିଥିଲା।

**ଶୂନ**: ଦକ୍ଷିଣ ଆଫ୍ରିକା ବିପକ୍ଷ ଏହି ସିରିଜରେ କୌଣସି ଭାରତୀୟ ବ୍ୟାଟର୍ ଶତକ ହାସଲ କରିପାରି ନ ଥିଲେ। ଘରୋଇ ମାଟିରେ ଦୁଇମ୍ୟାଚ ବିଶିଷ୍ଟ ଟେଷ୍ଟରେ କୌଣସି ଭାରତୀୟ ଶତକ ହାସଲ ନ କରିବାରେ ଏହା ୩ୟ ଘଟଣା। ପୂର୍ବରୁ ନ୍ୟୁଜିଲାଣ୍ଡ (୧୯୭୦ ଓ ୧୯୯୫) ବିପକ୍ଷରେ ଭାରତ ଦୁଇଥର ଏଭଳି ଅଲୋଡ଼ା ରେକର୍ଡ କରିଥିଲା।

**୪ର୍ଥ**: ଏହି ସିରିଜରେ ଭାରତ ୪ଟି ଯାକ ଇନିଂସରେ ୨୫୦ ରନ ଟପିପାରି ନ ଥିଲା। ଯାହାକି ଭାରତୀୟ ଟେଷ୍ଟ ଇତିହାସରେ ୪ର୍ଥ ଘଟଣା।

**ପ୍ରଥମଥର**: ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ଟେଷ୍ଟରେ ଭାରତକୁ ୪୦୦ରୁ ଊର୍ଦ୍ଧ୍ୱ ରନ ହରାଇବାରେ ସମର୍ଥ ହୋଇଛି। ପୂର୍ବରୁ ଅଷ୍ଟ୍ରେଲିଆ ଭାରତକୁ ୩୪୨ ରନରେ ହରାଇଥିଲା।

**୧୧ତମ**: ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ୧୨ତମ ଟେଷ୍ଟ ମ୍ୟାଚରେ ନେତୃତ୍ୱ ନେଇ ଦଳକୁ ୧୧ଟି ବିଜୟ ଭେଟି ଦେଇଛନ୍ତି।

## ବିସିସିଆଇ ହାତରେ ମୋ' ଭବିଷ୍ୟତ: ଗୌତମ ଗମ୍ଭୀର

ଗୌହାଟୀ, ୨୬ ।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାଠାରୁ ଦ୍ୱିତୀୟ ଟେଷ୍ଟକୁ ଶୋଚନୀୟ ଭାବେ ୪୦୮ ରନରେ ହାରିବା ସହ ଭାରତ ସିରିଜରେ



ମଧ୍ୟ ୨-୦ରେ କ୍ଲିନସୁଇପ୍ ହୋଇଛି। ଏଭଳି ଲଜ୍ଜାଜନକ ପ୍ରଦର୍ଶନ ପରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌରତମ ଗମ୍ଭୀରଙ୍କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ବିଶେଷ କରି ଖେଳାଳି ମନୋନୟନକୁ ନେଇ ଗମ୍ଭୀରଙ୍କୁ ଟାର୍ଗେଟ୍ କରାଯାଇଛି। ବୁଧବାର ପରାଜୟ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀରଙ୍କୁ ପଚରାଯାଇଥିଲା ଯେ ସେ ଭାରତୀୟ ଦଳର ମୁଖ୍ୟ କୋଚ୍ ପାଇଁ ଉପଯୁକ୍ତ ବ୍ୟକ୍ତି କି? ଏହାର ଉତ୍ତରରେ ଗମ୍ଭୀର କହିଥିଲେ, 'ଏହି ନିଷ୍ପତ୍ତି ବିସିସିଆଇ ନେବ। ମୁଁ ସେହି ବ୍ୟକ୍ତି ଯାହାର ନେତୃତ୍ୱରେ ଇଂଲଣ୍ଡ ମାଟିରେ ଭାରତ ଭଲ ପ୍ରଦର୍ଶନ କରିଥିଲା। ଏଥିସହ ଚାମ୍ପିଅନ୍ସ ଟ୍ରଫି ଓ ଏସିଆ କପ୍ ବିଜୟୀ ହୋଇଥିଲା। ଏହି ପରାଜୟ ଲାଗି କୌଣସି ଜଣେ ଖେଳାଳି କିମ୍ବା ଗୋଟିଏ ସଟ୍‌କୁ ଦୋଷ ଦେବା ଠିକ୍ ନୁହେଁ। ଏହି ପରାଜୟର ମୋ ଠାରୁ ଆରମ୍ଭ କରି ସମସ୍ତେ ଦାୟୀ। ଟେଷ୍ଟ ଖେଳିବା ପାଇଁ ବହୁତ ଦ୍ରୁତ ଓ ପ୍ରତିଭାବାନ କ୍ରିକେଟର୍ ଆବଶ୍ୟକ ନାହିଁ। ଆମକୁ ସୀମିତ କୌଶଳ ଓ ଦୃଢ଼ ମାନସିକତା ଥିବା ଖେଳାଳି ଦରକାର।' ପ୍ରକାଶଯୋଗ୍ୟ ଗମ୍ଭୀରଙ୍କ ପ୍ରଶିକ୍ଷଣ ସମୟରେ ଭାରତ ୧୮ଟି ଟେଷ୍ଟ ମ୍ୟାଚ୍ ଖେଳି ୧୦ଟି ହାରିଛି। ଯେଉଁଥିରେ ଗତବର୍ଷ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ରେ ଲଜ୍ଜାଜନକ ପରାଜୟ ସାମିଲ ରହିଛି।

## ଓଡ଼ିଶା ଏଫ୍‌ସି ଛାଡ଼ିଲେ ଲୋବେରୋ



ଭୁବନେଶ୍ୱର,୨୬ ।୧୧(ଏଜେନ୍ସି): ଓଡ଼ିଶା ଏଫ୍‌ସି ଓ ତା'ର ମୁଖ୍ୟ କୋଚ୍ ସର୍ଗିଓ ଲୋବେରୋ ସହମତିରେ ପରସ୍ପରଠାରୁ ଅଲଗା ହୋଇଛନ୍ତି। ଭୁବନେଶ୍ୱର ପର୍ଯ୍ୟବସିତ ଏହି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) କ୍ଲବ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏ ନେଇ ଘୋଷଣା କରିଛି। ସ୍ପେନ୍‌ର କୋଚ୍ ଲୋବେରୋ ୨୦୨୩ ମେ'ରେ ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଥିଲେ। ୨୦୨୪ ସୁପରକପ୍‌ରେ ତାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ôଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଇଷ୍ଟବେଙ୍ଗଲଠାରୁ ପରାସ୍ତ ହୋଇ ଓଡ଼ିଶା ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ସେହିପରି ୨୦୨୩-୨୪ ସଂସ୍କରଣରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତାଙ୍କ ଅଧିନରେ ଓଡ଼ିଶା ଆଇଏସ୍‌ଏଲ୍‌ର ଗତ ସଂସ୍କରଣରେ ପ୍ଲେଅଫ୍‌ରେ ପ୍ରବେଶ କରି ସେମିଫାଇନାଲରେ ପରାସ୍ତ ହୋଇଥିଲା ଓ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏବେ ଆଇଏସ୍‌ଏଲ୍ ଆୟୋଜନ ନେଇ ଅନିଶ୍ଚିତତା ଜାରି ରହିଛି। ଫଳରେ ଓଡ଼ିଶା ସମେତ ୩ଟି କ୍ଲବ କୌଣସି କାର୍ଯ୍ୟକ୍ରମ ହାତକୁ ନେଇନାହାନ୍ତି।

## ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହେଲେ କଳିକେଶ

ଭୁବନେଶ୍ୱର, ୨୬ ।୧୧ (ସମିସ): ପୂର୍ବତନ ସାଂସଦ ତଥା ବିଜେଡି ବିଧାୟକ କଳିକେଶ ନାରାୟଣ ସିଂ ଦେଓ ନିର୍ଦ୍ୱନ୍ଦ୍ୱରେ ଭାରତୀୟ ଜାତୀୟ ରାଇଫଲ୍ ସଂଘ (ଏନ୍‌ଆରଏଆଇ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଫଳରେ ସେ ପୁଣିଥରେ ଏହି ଜାତୀୟ ସଂଘର ସଭାପତି ଭାବେ ପଦ ବଜାୟ ରଖିଛନ୍ତି। ଗତ ବର୍ଷ ସେପ୍ଟେମ୍ବରରେ ସଭାପତି ପଦ ଲାଗି ଅନୁଷ୍ଠିତ ନିର୍ବାଚନରେ କଳିକେଶ ୩୬-୨୧ ଭୋଟରେ ଭିକେ ଧଲ୍‌ଙ୍କୁ ପରାସ୍ତ କରିଥିଲେ। ଏହି ଅବସରରେ ଓଡ଼ିଶା ରାଇଫଲ୍ ସଂଘ ପକ୍ଷରୁ କଳିକେଶଙ୍କୁ ଅଭିନନ୍ଦନ ଜଣାଯାଇଛି।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା | ରୀମା, ରିତ୍ୱିକା, ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୬ ।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ବୁଧବାର ଓଡ଼ିଶା ୫ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ସନ୍ତରଣକାରୀ ପ୍ରତ୍ୟାଶା ରାୟ କ୍ରମାଗତ ୨ୟ ଦିନରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗତକାଲି ମହିଳା ୧୦୦ ମିଟର ବ୍ୟାକଷ୍ଟ୍ରୋକରେ ପ୍ରଥମ ହୋଇଥିବା ପ୍ରତ୍ୟାଶା ବୁଧବାର ୨୦୦ ମିଟରରେ ମଧ୍ୟ ବାଜିମାତ୍ କରିନେଇଥିଲେ। ସେହିଭଳି ଭାରୋତ୍ତୋଳନରେ ରୀମା ଭୋଇ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ମହିଳା ୫୮ କିଗ୍ରା ବିଭାଗରେ ଭାଗନେଇ ରୀମା ମୋଟ୍ ୧୯୭ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ।

ଅପରପକ୍ଷରେ ଆଜି ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୩ଟି ପଦକ ବିଜୟୀ ହୋଇଛନ୍ତି। ସୁଇମିଂରେ ମହିଳା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ କିଟ୍‌ର ରିତଭିକା ୩୪.୯୫ ସେକେଣ୍ଡରେ ଦୂରତା ଅତିକ୍ରମ ପରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହି ସମାନ ଇଭେଣ୍ଟରେ ଦିବ୍ୟାଙ୍କା ଦିବ୍ୟଦର୍ଶିନୀ ପ୍ରଧାନ ୩୫.୮୫ ସେକେଣ୍ଡ ସମୟ ସହ ରିତଭିକାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ। ସେହିଭଳି ମହିଳା ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ କିଟ୍‌ର ନୀଳବଜା ଘୋଷ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। କିଟ୍ ବର୍ତ୍ତମାନ ସୁଦ୍ଧା ଏହି ପ୍ରତିଯୋଗିତାରେ ୬ଟି ପଦକ ଜିତିସାରିଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ରହିଛି।

## ବର୍ଷକ ପରେ ପୁଣି ଉର୍ଭିଲଙ୍କ ଧମାକା



ହାଇଦରାବାଦ, ୨୬ ।୧୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଛି ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟର ୧୮ତମ ସଂସ୍କରଣ। ପ୍ରଥମ ଦିବସରେ ଗୁଜରାଟ ଅଧିନାୟକ ଉର୍ଭିଲ ପଟେଲ ବିସ୍ଫୋରକ ଶତକୀୟ ପାଳି ଖେଳି ଚର୍ଚ୍ଚାରେ ରହିଛନ୍ତି। ୨୭ ବର୍ଷୀୟ ଏହି ଡାହାଣହାତୀ ବ୍ୟାଟର ମାତ୍ର ୩୧ ବଲରେ ଶତକ ମାରିଛନ୍ତି। ଫଳରେ ତାଙ୍କ ଦଳ ଗୁଜରାଟ ୮ ୱିକେଟରେ ସର୍ଭିସେସକୁ ସହଜରେ ହରାଇଦେଇଛି। ସ୍ଥାନୀୟ ଜିମଖାନା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ସର୍ଭିସେସ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ୍‌ରେ ୧୮୨ ରନ କରିଥିଲା। ଜବାବରେ ଗୁଜରାଟ ଓପନର ଉର୍ଭିଲଙ୍କ ଧମାକା ଇନିଂସ ବଳରେ ମାତ୍ର ୧୨.୩ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ୩୧ ବଲରେ ଶତକ ପୂରଣ କରିଥିବା ଉର୍ଭିଲ ମୋଟ୍ ୩୭ ବଲ୍ ଖେଳି ୧୧୯ ରନରେ ଅପରାଜିତ ରହିଥିଲେ। ଏହି ବିସ୍ଫୋରକ ଇନିଂସରେ ସେ ୧୨ ଚୌକା ଓ ୧୦ଟି ଛକା ମାରିଥିଲେ। ପ୍ରକାଶଯୋଗ୍ୟ, ଠିକ୍ ବର୍ଷକ ତଳେ ଅର୍ଥାତ୍ ୨୭ ନଭେମ୍ବର ୨୦୨୪ରେ ସେହି ସମାନ ଟୁର୍ଣ୍ଣାମେଣ୍ଟରେ ଉର୍ଭିଲ ତ୍ରିପୁରା ବିପକ୍ଷରେ ୨୮ ବଲରେ ଶତକ ମାରିଥିଲେ। ସୟଦ ମୁସ୍ତାକ ଅଲି ଟି-୨୦ରେ ଦ୍ରୁତତମ ଶତକୀୟ ପାଳି ଖେଳିବାରେ ଅଭିଷେକ ଶର୍ମା (୨୮ ବଲ)ଙ୍କ ସହ ସେ ଯୁଗ୍ମ ଭାବେ ଶୀର୍ଷରେ ରହିଛନ୍ତି।

■ ସୁଲତାନ ଆଜ୍‌ଲାନ ଶାହ କପ୍ ହକି

## ସଞ୍ଜୟଙ୍କ ଗୋଲ୍ ଭାରତକୁ ଜିତାଇଲା

ଇପୋ, ୨୬ ।୧୧ (ଏଜେନ୍ସି): ମାଲେସିଆରେ ଚାଲିଥିବା ସୁଲତାନ ଆଜଲାନ ଶାହ କପ୍ ହକିରେ ଭାରତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୪-୩ ଗୋଲରେ ଆୟୋଜକ ମାଲେସିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ କାର୍ତ୍ତି ସେଲଭମ୍, ସୁଖଜିତ୍ ସିଂହ, ଓଡ଼ିଆ ତାରକା ଅମିତ ରୋହିଦାସ ଓ ଅଧିନାୟକ ସଞ୍ଜୟ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ତୃତୀୟ କ୍ୱାଟର ସୁଦ୍ଧା ମ୍ୟାଚ୍ ୩-୩ ଗୋଲରେ ବରାବର୍ ଥିଲା। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ତଥା ମ୍ୟାଚ୍ ଶେଷ ହେବାକୁ ୭ ମିନିଟ୍ ବାକିଥିବାବେଳେ ଅଧିନାୟକ ସଞ୍ଜୟ ଭାରତ ପାଇଁ ବିଜୟସୂଚକ ଗୋଲ୍‌ଟି ଦେଇଥିଲେ। ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧-୦ ଗୋଲ୍‌ରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଦ୍ୱିତୀୟ ମୁକାବିଲାରେ ୨-୩ ଗୋଲରେ ବେଲ୍‌ଜିୟମଠୁ ହାରିଯାଇଥିଲା।

### ଆରମ୍ଭ ହେଲା ସୟଦ ମୁସ୍ତାକ ଅଲି ଟି-୨୦

## ରୋହନଙ୍କ ମାଡ଼ରେ ଓଡ଼ିଶା ଧରାଶାୟୀ

ଭୁବନେଶ୍ୱର, ୨୬ ।୧୧ (ସମିସ)



ସଞ୍ଜୁ ଓ ରୋହନ

ସୟଦ ମୁସ୍ତାକ ଅଲି ଟ୍ରଫିର ପ୍ରଥମ ମ୍ୟାଚରେ ଝୁଣ୍ଟିଛି ଓଡ଼ିଶା। ବୁଧବାର ଲକ୍ଷ୍ନୌ ଏକନା ଷ୍ଟାଡିୟମରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ସଞ୍ଜୁ ସାମସନଙ୍କ କେରଳ ଦଳ ୧୦ ୱିକେଟ୍‌ର ବଡ଼ ବ୍ୟବଧାନରେ ଓଡ଼ିଶାକୁ ହରାଇଛି। ଓପନର୍ ରୋହନ କୁନ୍ନୁମାଲ୍‌ଙ୍କ ବିସ୍ଫୋରକ ଶତକ ଓ ସାମସନଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ କେରଳ କୌଣସି ୱିକେଟ୍ ନ ହରାଇ ୧୭୭ ରନର ବିଶାଳ ଲକ୍ଷ୍ୟକୁ ୨୧ଟି ବଲ୍ ବଳକା ଥାଇ ହାସଲ ଁଥିଲା। ରୋହନ ୬୦ ବଲରେ ୧୨୧ ରନ କରିଥିଲେ। ଏହି ପାଳିରେ ସେ ୧୦ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ସେହିଭଳି ଅପରପାଶ୍ୱର୍ରେ ଅଧିନାୟକ ସାମସନ ଟିକେ ଧୀମା ବ୍ୟାଟିଂ କରିଥିଲେ। ୬ଟି ଚୌକା ଓ ଗୋଟିଏ ଛକା ବଳରେ ସାମସନ ୪୧ ବଲରେ ୫୧ ରନ କରି ଅପରାଜିତ ରହିଥିଲେ। ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଦଳର ୭ଜଣ ବୋଲରଙ୍କୁ ଲଗାଇଥିଲେ ମଧ୍ୟ ଓପନିଂ ଯୋଡ଼ି ଭାଙ୍ଗିବାରେ ଅସମର୍ଥ ହୋଇଥିଲେ। ପଦାର୍ପଣକାରୀ ସ୍ପିନର ବାଦଲ ବିଶ୍ୱାଳ ୪ ଓଭରରେ ୪୪, ଭଗୀଶ ଶର୍ମା ୨ ଓଭରରେ ୧୭ ଓ ୩ ବର୍ଷ ପରେ ଦଳକୁ ଫେରିଥିବା ପପୁ ରାୟ ୨୧ଟି ବଲ୍ ବୋଲିଂ କରି ୪୨ ରନ ବ୍ୟୟ କରି ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଅଧିନାୟକ ବିପ୍ଳବଙ୍କ ଅର୍ଦ୍ଧଶତକ ବଳରେ ୭ ୱିକେଟ୍‌ରେ ୧୭୬ ରନର ସମ୍ମାନଜନକ ସ୍କୋର କରିଥିଲା। ବିପ୍ଳବ ୪୧ ବଲରେ ସର୍ବାଧିକ ୫୩ (୫ ଚୌକା ଓ ୧ ଛକା) ରନର ପାଳି ଖେଳିଥିଲେ। ସେହିଭଳି ସମ୍ବିତ ବରାଳ ୪୦, ଗୌରବ ଚୌଧୁରୀ ୨୯, ସ୍ୱସ୍ତିକ ସାମଲ ୨୦, ଶୁଭ୍ରାଂଶୁ ସେନାପତି ୧୫ ରନ କରିଥିଲେ। କେରଳର ଏମଡି ନିଦ୍ଦେଧଶଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା।

### ପଦାର୍ପଣ କଲେ ସଞ୍ଜୁଙ୍କ ଭାଇ ସାଲି

ଏହି ମ୍ୟାଚରେ ତାରକା କ୍ରିକେଟର ସଞ୍ଜୁଙ୍କ ଭାଇ ସାଲି ସାମସନ ଟି-୨୦ ପଦାର୍ପଣ କରିଥିଲେ। ଡାହାଣହାତୀ ଦ୍ରୁତ ବୋଲର ସାଲି ଏହି ମ୍ୟାଚରେ ୩ ଓଭରରେ ୩୩ ରନ ବ୍ୟୟ କରିଥିଲେ ମଧ୍ୟ ୱିକେଟ୍ ପାଇ ନ ଥିଲେ। ପୂର୍ବରୁ ସେ କେରଳ ପାଇଁ ୬ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଅପରପକ୍ଷରେ ଓଡ଼ିଶାର ବାଦଲ ବିଶ୍ୱାଳ, ଭଗୀଶ ଶର୍ମା ଓ ୱିକେଟ୍‌କିପର ସୌମ୍ୟ ଗୌଡ଼ ଏଠାରେ ଟି-୨୦ ପଦାର୍ପଣ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS